


ସଂଚାର
THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 34 | ISSUE 73 | ଭାଗ ୩୪ | ସଂଖ୍ୟା ୭୩
Bhubaneswar | Thursday 5 June 2025 | Page 8 Rs. 4.00
● ଭୁବନେଶ୍ୱର ଗୁରୁବାର ୫ ଜୁନ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

### ରାଜ୍ୟମାନଙ୍କୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନିର୍ଦ୍ଦେଶ

## ଅକ୍ସିଜେନ୍, ଆଇସୋଲେସନ୍ ବେଡ୍ ଏବଂ ଭେଣ୍ଟିଲେଟର ପ୍ରସ୍ତୁତ ରଖ



- ୨୪ ଘଣ୍ଟାରେ ୮୬୪ ମାମଲା ବୃଦ୍ଧି, ୨ ମୃତ
- ଓଡ଼ିଶାରେ ୨୩ ଆକ୍ରାନ୍ତ ଚିହ୍ନଟ

**ନୂଆଦିଲ୍ଲୀ, ୪।୬:** ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ହୋଇ ବଢୁଥିବା ବେଳେ ଚିନ୍ତା ପ୍ରକଟ କରିଛି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ। ବଢୁଥିବା ମାମଲାକୁ ଦୃଷ୍ଟିରେ ରଖି ସମସ୍ତ ରାଜ୍ୟକୁ ଅକ୍ସିଜେନ୍, ଆଇସୋଲେସନ୍ ବେଡ୍, ଭେଣ୍ଟିଲେଟର୍ ଏବଂ ଅତ୍ୟାବଶ୍ୟକ ଔଷଧ ମହଜୁଦ ରଖିବାକୁ ବୁଧବାର ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶକ ଡିଜିଏଚଏସ ଡକ୍ଟର ସୁନିତା ଶର୍ମାଙ୍କ ଅଧ୍ୟକ୍ଷତାରେ ଜୁନ୍ ୨ ଏବଂ ୩ ତାରିଖରେ ଏକ ଶୃଙ୍ଖଳା ବୈଷୟିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବିପର୍ଯ୍ୟୟ ପରିଚାଳନା ସେଲ୍, ଜରୁରୀକାଳୀନ ପରିଚାଳନା ମୁକାବିଲା ଇଏମଆର ସେଲ୍, ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର ଏନସିଡିସି, ଭାରତୀୟ ଚିକିତ୍ସା ଗବେଷଣା ପରିଷଦ ଆଇସିଏମଆର, ସମନ୍ୱିତ ରୋଗ ସର୍ବେକ୍ଷଣ କାର୍ଯ୍ୟକ୍ରମ ଆଇଡିଏସପି ଏବଂ ଦିଲ୍ଲୀର କେନ୍ଦ୍ର ସରକାରୀ ହସ୍ପିଟାଲଗୁଡ଼ିକର ପ୍ରତିନିଧିମାନଙ୍କ ସହିତ ଏବଂ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ପ୍ରତିନିଧିମାନଙ୍କ ସହିତ ବର୍ତ୍ତମାନର କୋଭିଡ୍ ପରିସ୍ଥିତି ଏବଂ ପ୍ରସ୍ତୁତି ପଦକ୍ଷେପଗୁଡ଼ିକର ମୂଲ୍ୟାଙ୍କନ କରାଯାଇଥିଲା।

ଆଇଡିଏସପି ଅଧୀନରେ ଥିବା ରାଜ୍ୟ ଏବଂ ଜିଲ୍ଲା ସର୍ବେକ୍ଷଣ ୟୁନିଟ୍‌ଗୁଡ଼ିକ ଇନଫ୍ଲୁଏଞ୍ଜା ପରି ଅସୁସ୍ଥତା ଏବଂ ଗମ୍ଭୀର ତୀବ୍ର ଶ୍ୱାସକ୍ରିୟା ରୋଗ ଉପରେ କଡ଼ା ନଜର ରଖିଛନ୍ତି। ଆଜି ସୁଦ୍ଧା ଭାରତରେ ୪୩୦୨ ସକ୍ରିୟ ମାମଲା ରିପୋର୍ଟ ହୋଇଛି, ଗତ ୨୪ ଘଣ୍ଟା ମଧ୍ୟରେ ୮୬୪ ମାମଲା ବୃଦ୍ଧି ପାଇଛି ଏବଂ ୨ଜଣଙ୍କ ⮊ପୃଷ୍ଠା-୬

### ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଅଭାବନୀୟ ସ୍ଥିତି

# ଭୁଲ୍ ଇଞ୍ଜେକସନ୍ ହେଲା କାଳ !



- ରାତିକ ଭିତରେ ୬ଜଣଙ୍କ ମୃତ୍ୟୁ
- ରୋଗୀ ମୃତ୍ୟୁକୁ ନେଇ ହସ୍ପିଟାଲରେ ଉତ୍ତେଜନା
- ଅବହେଳାକୁ ଡିଏମଇଟି ନିର୍ଦ୍ଦେଶକଙ୍କ ଖଣ୍ଡନ
- ତଦନ୍ତ ପାଇଁ କୋରାପୁଟରେ ପହଞ୍ଚିଲେ ଡାକ୍ତରୀ ଟିମ୍
- ଜବତ ଔଷଧ ଓ ଇଞ୍ଜେକେସନର ହେବ ଲ୍ୟାବ ଟେଷ୍ଟ

**କୋରାପୁଟ, ୪।୬ (ସଂଚାର ବ୍ୟୁରୋ) :** କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ ଓ ହସ୍ପିଟାଲରେ ଦେଖିବାକୁ ମିଳିଛି ଅଭାବନୀୟ ଘଟଣା। ମାତ୍ର ଅଳ୍ପ କିଛି ଘଣ୍ଟା ଭିତରେ ଛଅ ଛଅ ଜଣ ରୋଗୀଙ୍କ ମୃତ୍ୟୁ ହୋଇଛି। ଭୁଲ ଇଞ୍ଜେକ୍ସନ ଯୋଗୁଁ ସର୍ଜରୀ ଆଇସିୟୁ ଓ ସର୍ଜରୀ ୱାର୍ଡରେ ଭର୍ତ୍ତି ହୋଇଥିବା ରୋଗୀଙ୍କ ଜୀବନ ଯାଇଥିବା ଅଭିଯୋଗ କରିଛନ୍ତି ସଂପର୍କୀୟ । ଏହାକୁ ନେଇ ମେଡିକାଲ କଲେଜ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ, ଭୁଲ୍ ଇଞ୍ଜେକ୍ସନ ଦିଆଯିବା ଅଭିଯୋଗକୁ ଡିନ୍ ଖଣ୍ଡନ କରିଛନ୍ତି ।

ମୃତ୍ୟୁବରଣ କରିଥିବା ସବୁ ମୃତକଙ୍କ ପରିବାର ଲୋକଙ୍କ ମୁହଁରେ ଗୋଟିଏ ଅଭିଯୋଗ, ଜଣେ ନର୍ସ ଆସିଥିଲେ, ଇଞ୍ଜେକ୍ସନ୍ ଫୋଡ଼ିଲେ ଆଉ ତାପରେ କେଉଁ ରୋଗୀ ଗୋଡ଼ହାତ ଛାଟିପିଟି ହେଲେ ତ କିଏ ବେହୋସ୍ ହୋଇଗଲେ। ୧୦-୧୫ ମିନିଟ୍ ଭିତରେ ସବୁ ଦିନ ଲାଗି ଆଖି ବୁଜିଦେଲେ । ମଙ୍ଗଳବାର ରାତିରେ କୋରାପୁଟ ମେଡିକାଲ କଲେଜରେ ମାତ୍ର କେଇ ଘଣ୍ଟା ଭିତରେ ୬ ଜଣ ରୋଗୀଙ୍କ ଅଚାନକ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି । କିଏ ଦୁର୍ଘଟଣାର ଶିକାର ହୋଇଥିଲେ, କାହାକୁ ଛୁରାମାଡ଼ ହୋଇଥିଲା, ଆଉ କିଏ କ୍ୟାନ୍ସର ଆକ୍ରାନ୍ତ ଥିଲେ । ସର୍ଜରୀ ଆଇସିୟୁରେ ୪ ଜଣ ଓ ସର୍ଜରୀ ୱାର୍ଡରେ ୨ ଜଣଙ୍କୁ ଭର୍ତ୍ତି କରାଯାଇଥିଲା । କେଉଁ ରୋଗୀଙ୍କର ଅସ୍ତ୍ରୋପଚାର ବି ସରିଥିଲା, ⮊ପୃଷ୍ଠା-୬

## କୁଆଡ଼େ ଗଲେ ସ୍ୱାସ୍ଥ୍ୟମନ୍ତ୍ରୀ ?



**କୋରାପୁଟ :** କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ୬ଜଣ ରୋଗୀଙ୍କ ମୃତ୍ୟୁକୁ ନେଇ ରାଜ୍ୟର ସ୍ୱାସ୍ଥ୍ୟାବସ୍ଥା ଉପରେ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳିସ୍ଥିତିରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ନିରବ ରହିବା ସମସ୍ତଙ୍କୁ ଚକିତ କରିଛି। ରାଜ୍ୟରେ ଯେକୌଣସି ଘଟଣା ଦୁର୍ଘଟଣାକୁ ଗୁରୁତ୍ତର ସହ ନେଇ ପଦକ୍ଷେପ ନେଉଥିବା ମୋହନ ମାଝୀଙ୍କ ସରକାରରେ ସ୍ୱାସ୍ଥ୍ୟମନ୍ତ୍ରୀ ଆଶ୍ଚର୍ଯ୍ୟଜନକ ଭାବେ ଏତେବଡ ଘଟଣାରେ ⮊ପୃଷ୍ଠା-୬

## ଶ୍ୱେତପତ୍ର ପ୍ରକାଶ କରିବାକୁ ବିଜେଡିର ଦାବି

**ଭୁବନେଶ୍ୱର, ୪।୬ (ସଂଚାର ବ୍ୟୁରୋ) :** କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ୬ଜଣ ରୋଗୀଙ୍କ ଗୋଟିଏ ଦିନରେ ମୃତ୍ୟୁ ଘଟଣାକୁ ନେଇ ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥା ଉଦବେଗଜନକ ବୋଲି ବିଜେଡି ଅଭିଯୋଗ କରିଛି । ଆଜି ଶଙ୍ଖ ଭବନଠାରେ ଆୟୋଜିତ



ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, କୋରାପୁଟ ଜିଲ୍ଲା ବିଜେଡି ସଭାପତି ଝିନ୍ନ ହିକକ୍କା ଓ ⮊ପୃଷ୍ଠା-୬

### ତହସିଲଦାରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ତାଗିଦ୍

## ପ୍ରତିଷ୍ଠା ନୁହେଁ, ଜନସେବା ହିଁ ମାନଦଣ୍ଡ

- ଦୁର୍ନୀତିକୁ ବରଦାସ୍ତ କରାଯିବ ନାହିଁ
- ଓଡିଶାରେ ରହିବେନି ଭୂମିହୀନ ପରିବାର




**ଭୁବନେଶ୍ୱର, ୪।୬(ସଂଚାର ବ୍ୟୁରୋ):** ଶାସନ-ପ୍ରଶାସନ ବ୍ୟବସ୍ଥାରେ ତହସିଲଦାରମାନେ ହେଉଛନ୍ତି ଆମ ରାଜସ୍ୱ ପ୍ରଶାସନର ମେରୁଦଣ୍ଡ। ଏଣୁ ଆପଣ ସମସ୍ତେ ଲୋକଙ୍କ ଅଭିଯୋଗ ଶୁଣନ୍ତୁ ଓ ତାହାର ତ୍ୱରିତ ସମାଧାନ ପାଇଁ ଚେଷ୍ଟା କରନ୍ତୁ। ଆପଣଙ୍କ ଅଫିସ୍ ଲୋକଙ୍କ ପାଇଁ ଭୟର ନୁହେଁ, ବିଶ୍ୱାସର ସ୍ଥାନ ହେଉ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ରାଜସ୍ୱ ଅଧିକାରୀଙ୍କ ସମ୍ମିଳନୀ ତଥା କର୍ମଶାଳାରେ ଏପରି କହିଛନ୍ତି।

ଆମ ସରକାର ଭୂମି ପ୍ରଶାସନକୁ ଆଧୁନିକ ଏବଂ ଲୋକଭିମୁଖୀ କରିବା ପାଇଁ ପ୍ରତିଶୃତିବଦ୍ଧ। ଓଡିଶାରେ କେହିବି ଭୂମିହୀନ ରହିବେ ନାହିଁ। ଯେଉଁମାନଙ୍କର ୪ ଡେସିମିଲରୁ କମ ଜମି ଅଛି, ସେମାନଙ୍କୁ ବି ଭୂମିହୀନ ଭାବେ ଗଣାହେବେ ଏବଂ ସରକାର ସେମାନଙ୍କୁ ଜମି ଯୋଗାଇ ଦେବେ। ତେଣୁ ଏହି ଯୋଜନାକୁ ପ୍ରଭାବୀ ଭାବେ ଲାଗୁ କରିବା ପାଇଁ ଆପଣମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଲୋକଙ୍କ ସରକାର ହିସାବରେ ଲୋକ ଏବଂ ସରକାରଙ୍କ ବ୍ୟବଧାନ କମାଇବା ଦରକାର । ନ୍ୟାୟ ପ୍ରଦାନ କରିବା ଆମର ପ୍ରଥମ କର୍ତ୍ତବ୍ୟ। ଆମ ସରକାର ଆସିବାର କିଛି ଦିନ ଭିତରେ ଏକ ବାତ୍ୟାର ସମ୍ମୁଖୀନ ହୋଇଥିଲୁ। ମୁଁ ସନ୍ତୋଷ ସହକାରେ କହିବାକୁ ଚାହେଁ ଯେ ବିଭାଗୀୟ ମନ୍ତ୍ରୀଙ୍କ ନେତୃତ୍ୱରେ ବାତ୍ୟା 'ଦାନା'ର ସଫଳ ମୁକାବିଲା କରାଯାଇଛି। 'ଜିରୋ କାଜୁଆଲ୍ଟି' ଅଭିଯାନକୁ ସାକାର କରିବା ପାଇଁ ପ୍ରାୟ ୮.୧ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ୬ ହଜାର ୨୧୦ଟି ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା ⮊ପୃଷ୍ଠା-୬

## ସେଲିବ୍ରେସନ ପାଇଁ ମୃତ୍ୟୁର ତାଣ୍ଡବ

### ଆରସିବି ବିଜୟ ଉତ୍ସବ ଫିକା

- ଦଳାଚକଟାରେ ୧୧ ମୃତ
- ପ୍ରଧାନମନ୍ତ୍ରୀ ଓ ସିଦ୍ଧରମୈୟାଙ୍କ ଶୋକ ପ୍ରକାଶ
- ମୃତକଙ୍କୁ ୧୦ ଲକ୍ଷ ସହାୟତା



**ବେଙ୍ଗାଲୁରୁ, ୪।୬:** ଆରସିବିର ବିଜୟ ଉତ୍ସବ ଫିକା ପଡିଛି। ବିଜୟର ଖୁସି ଦୁଃଖ ଓ ଯନ୍ତ୍ରଣାରେ ପରିଣତ ହୋଇଛି। ଦୀର୍ଘ ୧୮ ବର୍ଷ ପରେ ଆରସିବି ଦଳ ଆଇପିଏଲ ୨୦୨୫ କପ୍ ଜିତିବା ଖୁସିରେ ଷ୍ଟାଡିୟମରେ ବିଜୟ ଉତ୍ସବ ପାଳନ କରୁଥିବା ବେଳେ ଷ୍ଟାଡିୟମ ବାହାରେ କିନ୍ତୁ ମୃତ୍ୟୁ ରଚିଥିଲା ତାଣ୍ଡବ। ଗୋଟିଏ ପଟେ ଖୁସିର ମାହୋଲ, ଅନ୍ୟପଟେ ବୁକୁଫଟା କ୍ରନ୍ଦନର ସ୍ୱର। ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ସମଗ୍ର ଦଳକୁ ସମ୍ମାନିତ କରାଯାଉଥିବା ବେଳେ ଏହି ସମୟରେ ଏପରି କିଛି ଘଟିଛି, ଯାହା କେହି ଆଶା କରି ନଥିଲେ।

ଚିନ୍ନାସ୍ୱାମୀ ଷ୍ଟାଡିୟମ ନିକଟରେ ଦଳାଚକଟା ହୋଇଛି। ଏଥିରେ ୧୧ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଦଳାଚକଟାରେ ୫୦ ଜଣ ଆହତ ହୋଇଛନ୍ତି। ରିପୋର୍ଟ ଅନୁସାରେ, ୧୦ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହତଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦଳାଚକଟାରେ ମୃତକଙ୍କ ମଧ୍ୟରେ ମହିଳା ମଧ୍ୟ ⮊ପୃଷ୍ଠା-୬

## କୁଳପତି ନିଯୁକ୍ତି ନେଇ ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର, ୪।୬ (ସଂଚାର ବ୍ୟୁରୋ):** ରାଜ୍ୟର ୧୩ଟି ସରକାରୀ ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତି ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞାପନ ପ୍ରକାଶ କରାଯାଇଛି। ଆଶାୟୀ ପ୍ରାଧ୍ୟାପକଙ୍କ ବୟସ ୬୬ ବର୍ଷ ବୟସ ଭିତରେ ହୋଇଥିବା ସହ ଶିକ୍ଷାଦାନ ଓ ପ୍ରଶାସନିକ କ୍ଷେତ୍ରରେ ୧୦ ବର୍ଷର ଅଭିଜ୍ଞତା ରଖିଥିବେ। ଉଭୟ ହାର୍ଡକପି ଓ ଡିଜିଟାଲ ମାଧ୍ୟମରେ ଆବେଦନକୁ ଉଚ୍ଚଶିକ୍ଷା ସଚିବଙ୍କ ପାଖକୁ ପଠାଯିବ । ଏକାଧିକ ବିଶ୍ୱବିଦ୍ୟାଳୟ ପାଇଁ ଆବେଦନ କରିବାକୁ ଇଚ୍ଛୁକ ପ୍ରାଧ୍ୟାପକମାନେ ନିଜ ପ୍ରସନ୍ଦକୁ କ୍ରମିକ ଭାବେ ଫର୍ମରେ ଉଲ୍ଲେଖ କରିବେ। ଇମେଲ ଓ ଏଚଆଇଏମଏସ୍ ଜରିଆରେ ଆବେଦନ ଦାଖଲର ଶେଷ ତାରିଖ ହେଉଛି ଜୁଲାଇ ୫ ତାରିଖ । ଫର୍ମର ହାର୍ଡ କପି ଉଚ୍ଚଶିକ୍ଷା ସଚିବଙ୍କ ଅଫିସକୁ ଜୁଲାଇ ୧୦ ତାରିଖ ସୁଦ୍ଧା ପହଞ୍ଚିବାର ଡେଡଲାଇନ୍ ରଖାଯାଇଛି। ତେବେ ଜୁଲାଇ ୧୫ ତାରିଖ ପରେ ⮊ପୃଷ୍ଠା-୬

## ବିଜେପିକୁ ଧୋକାଦେବେ କି ସମୀର ?

**ନିମାପଡା, ୪।୬ (ସଂଚାର ବ୍ୟୁରୋ) :** ଗତ ସାଧାରଣ ନିର୍ବାଚନରେ ବିଜେଡି ଟିକେଟ ନଦେବାକୁ ବିଜେପିର ଆଶ୍ରା ନେଇଥିଲେ ପୂର୍ବତନ ମନ୍ତ୍ରୀ ସମୀର ଦାସ। ଏବେ ସେ ନିମାପଡାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ଖୋଲା ଚ୍ୟାଲେଞ୍ଜ ଦେବା ଆରମ୍ଭ କରିଦେଇଛନ୍ତି। ପୂର୍ବରୁ ତ୍ରୀରଙ୍ଗା ଯାତ୍ରାକୁ ନେଇ ସମୀର ଓ ପ୍ରଭାତୀ ଗୋଷ୍ଠି ମଧ୍ୟରେ ବିବାଦ ଦେଖାଦେଇଥିବା ବେଳେ ଆଜି ସମୀର ସିଧାସଳଖ ଉପମୁଖ୍ୟମନ୍ତ୍ରୀଙ୍କ ପାରିବାପଣିଆକୁ ନେଇ ପ୍ରଶ୍ନ ଉଠାଇଛନ୍ତି।






- ନିମାପଡାରେ ସମୀର-ପ୍ରଭାତୀ କଳି ଶୀର୍ଷରେ
- ଉପମୁଖ୍ୟମନ୍ତ୍ରୀଙ୍କୁ ପୂର୍ବତନ ମନ୍ତ୍ରୀଙ୍କ ଖୋଲା ଚ୍ୟାଲେଞ୍ଜ

ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିନ ଇଣ୍ଡୋର ଷ୍ଟାଡିୟମ୍ ନିକଟରେ ଉପମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆୟୋଜିତ ସୁଭଦ୍ରା ମେଳା ଓ ଉତ୍କର୍ଷ ନିମାପଡ଼ା ୨୦୨୫ ସମ୍ମିଳନୀକୁ ଆଜି ଉଦଘାଟନ କରିଛନ୍ତି ରାଜ୍ୟପାଳ ଡ଼ଃ ହରିବାବୁ କମ୍ଭମପାଟି। ଏହି ଅବସରରେ ସ୍ଥାନୀୟ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ତାଙ୍କର ଏକ ବର୍ଷ ପୂର୍ତ୍ତି ଅବସରରେ ନିଜେ କରିଥିବା କାର୍ଯ୍ୟର ଏକ ରିପୋର୍ଟକାର୍ଡକୁ ସାର୍ବଜନୀନ କରିଛନ୍ତି। ସେପଟେ ସମାନ୍ତରାଳ ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଜେପି ନେତା ସମୀର ଦାସ ନିମାପଡ଼ା ବ୍ଲକ୍ ଅଧିନ କଳାପାଞ୍ଚଣ ପଞ୍ଚାୟତରେ ଏକ ବୈଠକ ଆୟୋଜନ କରିବା ସହ ନିଜର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ବନ୍ଧୁମିଳନ ଉତ୍ସବ ପାଳନ କରିଛନ୍ତି। ପ୍ରଥମେ ପଣା ସଂକ୍ରାନ୍ତି, ତ୍ରୀରଙ୍ଗା ଶୋଭାଯାତ୍ରା ପରେ ଏବେ ଉତ୍କର୍ଷ ନିମାପଡ଼ା ୨୦୨୫ ସମ୍ମିଳନୀକୁ ସମୀରଙ୍କ କାଉଣ୍ଟର କରିଛନ୍ତି। ପ୍ରଭାତୀଙ୍କ ରିପୋର୍ଟକାର୍ଡକୁ ସମୀର ସିଧାସଳଖ କଟାକ୍ଷ କରିବା ସହିତ କହିଛନ୍ତି ଯେ ବର୍ଷକ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ନିଜ ନିର୍ବାଚନମଣ୍ଡଳି ପାଇଁ ଗୋଟିଏ ହେଲେ ନୂଆ ପ୍ରକଳ୍ପ କି ଅନୁଦାନ ଆଣିନାହାଁନ୍ତି।

ଉପମୁଖ୍ୟମନ୍ତ୍ରୀ ଯେଉଁସବୁ ପ୍ରକଳ୍ପର ଉଦଘାଟନ କରୁଛନ୍ତି ତାହା ପୂର୍ବ ସରକାର ଅର୍ଥାତ ୨୦୨୨-୨୩ ଓ ୨୦୨୩- ⮊ପୃଷ୍ଠା-୬

### ଦ୍ୱିତୀୟ ପର୍ଯ୍ୟାୟ 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନ

## ୧୦ କୋଟି ଗଛ ଲଗାଇବାକୁ ଆହ୍ୱାନ



ସମସ୍ତେ ନିଜ ମା'ଙ୍କ ନାମରେ ଗୋଟିଏ ଗଛ ଲଗାନ୍ତୁ

**ଭୁବନେଶ୍ୱର, ୪।୬(ସଂଚାର ବ୍ୟୁରୋ):** 'ଏକ୍ ପେଡ୍ ମା' କେ ନାମ' ଅର୍ଥାତ 'ମା'ଙ୍କ ନାମରେ ଗୋଟିଏ ଗଛ' ପ୍ରକୃତିର ସମ୍ମାନ ପ୍ରତି ଏକ ବଡ଼ ପ୍ରତିଜ୍ଞା। ଚଳିତବର୍ଷ ଏହି ବୃହତ ବୃକ୍ଷରୋପଣ ଅଭିଯାନକୁ ବ୍ୟାପକ କରିବା ପାଇଁ 'ମାଙ୍କ ନାମରେ ଗୋଟିଏ ଗଛ ୨.୦'ର ଶୁଭାରମ୍ଭ ହେଉଛି। ଏହି ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନରେ ଜୁନ ୫ ବିଶ୍ୱ ପରିବେଶ ଦିବସରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ୧୦ କୋଟି ଗଛ ଲଗାଇବା ପାଇଁ ଦେଶବାସୀ ବିଶେଷ ଭାବରେ ଛାତ୍ରଛାତ୍ରୀମାନଙ୍କୁ ଭିଡିଓ ମେସେଜ୍ ଜରିଆରେ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ 'ଏକ୍ ପେଡ୍ ମା' କେ ନାମ୍' ଏକ ଭାବନାତ୍ମକ ବିଚାର। ଭାରତ ସରକାର ଏକ ବ୍ୟାପକ ବୃକ୍ଷରୋପଣ ଅଭିଯାନ କରିବା ପାଇଁ ଏହାକୁ ଆରମ୍ଭ କରିଥିଲେ । ବୃକ୍ଷରୋପଣ ମାଧ୍ୟମରେ ପରିବେଶ ସୁରକ୍ଷା କରିବା ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଗଛ ଲଗାଇବା ପାଇଁ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ । ଦେଶବାସୀଙ୍କ ସଫଳ ପ୍ରଚେଷ୍ଟା ଯୋଗୁଁ 'ମା'ଙ୍କ ନାମରେ ଗୋଟିଏ ଗଛ' ଏକ ବଡ ଅଭିଯାନରେ ପରିଣତ ହୋଇଛି। ଏହି ଅଭିଯାନ ଅଧୀନରେ ସମଗ୍ର ଭାରତବର୍ଷରେ ସାଢେ ୫ ⮊ପୃଷ୍ଠା-୬



### କାନ ଡେରିଆ

ବନ୍ୟା ଦେଖିବାକୁ ରାଜଧାନୀ ଆସ
ଏଇଠି ମାଛକୁ ଧରିବ
ବର୍ଷ ବର୍ଷ ଧରି ଏହି ସମସ୍ୟାକୁ
ଦେଖିଲେ ବିଶ୍ୱାସ କରିବ
ଗମେଣ୍ଟ ଆସିବ ଯିବ...
ବିଏମସିର ପରା କାର୍ଯ୍ୟକୁ
ଦେଖିଲେ
ସାରା ଦୁନିଆ ଯେ ହସିବ।

■ ଦେବାଶିଷ

# ଅଚାନକ ଗସ୍ତରେ ପଡ଼ିଲାଣି ପୂର୍ଣ୍ଣଚ୍ଛେଦ

- ଡାକ୍ତରଖାନା କିମ୍ବା ଥାନାରେ ଦେଖିବାକୁ ମିଳୁନି
- ଯିବା ପୂର୍ବରୁ ଦିଆଯାଉଛି ଆଗୁଆ ସୂଚନା

**ଭୁବନେଶ୍ୱର, ୪।୬(ସଂଚାର ବ୍ୟୁରୋ) :** ରାଜ୍ୟର ନୂଆ ସରକାରଙ୍କୁ ବର୍ଷଟିଏ ପୂରିବାକୁ ଯାଉଥିବାବେଳେ ନିର୍ବାଚିତ ଜନପ୍ରତିନିଧି କିମ୍ବା ସରକାରୀ ଅଧିକାରୀମାନଙ୍କର ଅଚାନକ ଗସ୍ତରେ ଏକ ପ୍ରକାର ପୂର୍ଣ୍ଣଚ୍ଛେଦ ପଡିଛି । ଡାକ୍ତରଖାନା ହେଉ କିମ୍ବା ଥାନା, ଅଥବା ଅନ୍ୟ କୌଣସି ସେବା କ୍ଷେତ୍ର, ସେଠାକୁ ମନ୍ତ୍ରୀ ଅଫିସରମାନେ ଅଚାନକ ଗସ୍ତରେ ଯାଇ ଲୋକଙ୍କ ସହିତ ସିଧାସଳଖ ମିଶିବା ଆଉ ଦେଖିବାକୁ ମିଳୁନାହିଁ ।

ରାଜ୍ୟ ସରକାରଙ୍କ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ହଠାତ୍ ଡାକ୍ତରଖାନା, ଥାନା, ସରକାରୀ ଦପ୍ତର, ମହାବିଦ୍ୟାଳୟ, ବିଦ୍ୟାଳୟ ଆଦିକୁ ଅଚାନକ ଗସ୍ତ କରିଥାନ୍ତି। ସେଠାରେ ପହଞ୍ଚି ଉପସ୍ଥିତ ଲୋକଙ୍କ ଠାରୁ ମିଳୁଥିବା ସେବା ସଂକ୍ରାନ୍ତରେ ସିଧାସଳଖ ବୁଝି ପରବର୍ତ୍ତୀ



ପଦକ୍ଷେପ ନେଇଥାନ୍ତି । ସେଠାକାର ଅଭାବ ଅସୁବିଧାକୁ ନିଜେ ସ୍ୱଚକ୍ଷୁରେ ଦେଖିଥାନ୍ତି । ନିଜ ଅଞ୍ଚଳ କଥା ଛାଡ, ରାଜଧାନୀର କୌଣସି ସରକାରୀ ଡାକ୍ତରଖାନା, ଥାନା କିମ୍ବା ଦୈନନ୍ଦିନ ସହିତ ଥିବା ଅଫିସରମାନଙ୍କୁ ପ୍ରତିକାର ପାଇଁ ନିର୍ଦ୍ଦେଶ ଦେଇଥାନ୍ତି ।

ହେଲେ ଏବେ ଆଉ ତାହା ଦୃଶ୍ୟମାନ ହେଉନାହିଁ । ନିକଟ ଅତୀରେ ରାଜ୍ୟର ଉପାନ୍ତ ସେବା ଯୋଗାଉଥିବା ଅନ୍ୟ କୌଣସି ଦପ୍ତରକୁ କାହାର ଅଚାନକ ଗସ୍ତ ପରିଲକ୍ଷିତ ହେଉନାହିଁ। ଫଳରେ ଏହି ସବୁ କ୍ଷେତ୍ରରେ କାର୍ଯ୍ୟରତ ଅଧିକାରୀମାନଙ୍କର ଭୟ ଧିରେ ଧିରେ ହ୍ରାସ ପାଇବାରେ ଲାଗିଛି । କାରଣ ମନ୍ତ୍ରୀ, ନେତା ଓ ଉପରିସ୍ଥ ଅଧିକାରୀ କାଳେ ଯିବା ଆସିବା ରାସ୍ତାରେ ଅଚାନକ ଗସ୍ତ କରିଦେବେ ସେହି ଭୟରେ ସେମାନେ ନିଜ ସତର୍କ ରହିବା ସହିତ ନିଜର ଅଧସ୍ତନ କର୍ମଚାରୀଙ୍କୁ ଜଗିଥାନ୍ତି ।

ଅତୀତରେ କ୍ୟାପିଟାଲ ହସ୍ପିଟାଲ ଓ ରାଜଧାନୀର ବିଭିନ୍ନ ଥାନାକୁ ଜନ ପ୍ରତିନିଧିମାନଙ୍କର ଅଚାନକ ଗସ୍ତ ଦେଖିବାକୁ ମିଳୁଥିଲା । ମନ୍ତ୍ରୀ, ଅଧିକାରୀମାନେ ଲୋକଙ୍କ ସହିତ କଥା ହୋଇ ଯିବାପରେ ତାହାର ସୂଚନା ଗଣମାଧ୍ୟମ ନିକଟରେ ପହଞ୍ଚୁଥିଲା। ଏବେ କିନ୍ତୁ କଥା ସମ୍ପୂର୍ଣ୍ଣ ଭିନ୍ନ ହେବାରେ ଲାଗିଛି। ଅଚାନକ ଆଳୁଗୋଦାମ ଗସ୍ତ ହେଉ କିମ୍ବା ନାଳ ନର୍ଦ୍ଦମା ଯାଞ୍ଚ, ତାହାର ଆଗୁଆ ସୂଚନା ଗଣମାଧ୍ୟମକୁ ଦିଆଯିବା ସହିତ ସେମାନଙ୍କ ⮊ପୃଷ୍ଠା-୬

## ଜୁନରେ ୪ଡିଗ୍ରୀ ବଢ଼ିବ ତାତି

### ୭ରୁ ୧୦ ହେବ ସବୁଠୁ ଉତ୍ତପ୍ତ




**ଭୁବନେଶ୍ୱର, ୪।୬ (ସଂଚାର ବ୍ୟୁରୋ):** ଆସନ୍ତା ସପ୍ତାହରେ ଓଡିଶା ଓ ନିକଟବର୍ତ୍ତୀ ରାଜ୍ୟ ସହିତ କେନ୍ଦ୍ରୀୟ ଓ ଉତ୍ତର ଭରତରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ହେବାର ସମ୍ଭାବନା ରହିଛି । ଜୁନ ୭ ତାରିଖରୁ ୧୦ ତାରିଖ ରାଜ୍ୟରେ ଚଳିତ ବର୍ଷର ସବୁଠୁ ଉତ୍ତପ୍ତ ଦିନ ହେବ ବୋଲି ପୂର୍ବାନୁମାନ କରିଛନ୍ତି ବିଶିଷ୍ଟ ପାଣିପାଗ ବିଜ୍ଞାନୀ ତଥା ଓୟୁଏଟିର ପୂର୍ବତନ କୂଳପତି ଡକ୍ଟର ସୁରେନ୍ଦ୍ର ନାଥ ପଶୁପାଳକ । ଜୁନ ୫ ତାରିଖରୁ ତାପମାତ୍ରା କ୍ରମଶଃ ବଢ଼ିବ । ଜୁନ ୭ରେ କେତେକ ସ୍ଥାନର ତାପମାତ୍ରା ୪୨ ଡିଗ୍ରୀ ଉପରେ ରହିବ । ୭ରୁ ୧୦ ତାରିଖ ମଧ୍ୟରେ ତାପମାତ୍ରା ପ୍ରାୟତଃ ୪ ଡିଗ୍ରୀ ବଢ଼ିବ । ଜୁନ ୧୦ରୁ ⮊ପୃଷ୍ଠା-୬

SANCHAR ସଂଚାର

## ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଦାଉ ସାଜୁଛି ବିଦ୍ୟୁତ୍ ବିଭାଗ

# ନିମ୍ନମାନର ରକ୍ଷଣାବେକ୍ଷଣ ପାଇଁ ବିପଦରେ ଗ୍ରାମବାସୀ

**କେନ୍ଦ୍ରାପଡ଼ା,୪।୬(ସଂଚାର ବ୍ୟୁରୋ):** ଡେରାବିଶ ଦାନପୁର ଉପଖଣ୍ଡ ବିଦ୍ୟୁତ୍ କାର୍ଯ୍ୟାଳୟ ଅଧୀନରେ ହେଉଥିବା ବିଦ୍ୟୁତ୍ ବିତରଣରେ ତ୍ରାହି ତ୍ରାହି ହେଉଛନ୍ତି ଭାଣ୍ଡିଲୋ ଗ୍ରାମ ବାସି ।ଏମିତି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଡେରାବିଶ ବ୍ଲକ୍ ଅଧୀନ ଭାଣ୍ଡିଲୋ ଗ୍ରାମରେ। ବର୍ଷ ବର୍ଷ ଧରି ବିପଦ ସଙ୍କୁଳ ଅବସ୍ଥାରେ ଖୁଣ୍ଟ ରୁ ଖୁଣ୍ଟ ଝୁଲି ରହିଛି ବିଦ୍ୟୁତ ତାର । ଗ୍ରାମରେ ଏକ ଗାଡ଼ି ଯିବା ମଧ୍ୟ କାଠିକର ପାଠ। ସାମାନ୍ୟ ପବନରେ ମଧ୍ୟ ଅତି ତଳେ ଝୁଲି ରହିଥିବା ବିଦ୍ୟୁତ୍ ତାର ଗୁଡ଼ିକ ଦୋହଲି ଗଛ ,ଖୁଣ୍ଟରେ ପିଟି ହୋଇ ନିଆଁ ବର୍ଷା ହେଉଛି । ଏବଂ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ସେବା ଗ୍ରାମରେ ବ୍ୟାହତ ହେବାରୁ ଏ ଗ୍ରୀଷ୍ମ ପ୍ରବାହରେ ହନ୍ତ ସନ୍ତ ହେଉଛନ୍ତି ଗ୍ରାମବାସି। ସୂଚନା ମୁତାବକ ଗତ ତିନିଦିନ ତଳେ ଏକ ମାଙ୍କଡ଼ ଏହି ତାର ସଂସ୍ପର୍ଶରେ ଆସି ମୃତ୍ୟୁ ବରଣ କରିଥିବା ଗ୍ରାମ ବାସି କହିଛନ୍ତି । ଗ୍ରାମ ପାଇଁ ୬୩ କେଭି ଟ୍ରାନ୍ସଫର୍ମର ବସିଥିଲେ ମଧ୍ୟ ଗ୍ରାମର ପ୍ରତି ବିଦ୍ୟୁତ୍ ଗ୍ରାହକ ୧୫୦ ରୁ ୧୬୦ ଭୋଲ୍ଟେଜ ପାଇବା ବିଦ୍ୟୁତ୍ ଗ୍ରାହକଙ୍କ ଚିନ୍ତା ବଢ଼ାଇଛି । ବିଦ୍ୟୁତ୍ ଗ୍ରାହକ ମାନଙ୍କୁ ୨୨୦-୨୫୦ ଭୋଲ୍ଟେଜ ଯୋଗାଇବାକୁ ବିଦ୍ୟୁତ୍ କମ୍ପାନୀ ପ୍ରତିବଦ୍ଧ ଥିବାବେଳେ କାହିଁକି ୧୫୦ ଭୋଲ୍ଟେଜ ଯୋଗାଇଛି ବୋଲି ଆଜି କର୍ମଚାରୀଙ୍କୁ ଗ୍ରାମବାସୀ ପ୍ରଶ୍ନ କରିଥିଲେ । ଦାନପୁର ଉପଖଣ୍ଡ ବିଦ୍ୟୁତ୍ କାର୍ଯ୍ୟାଳୟର ଯନ୍ତ୍ରୀ ଏବଂ ନିମ୍ନ ସ୍ତରର କର୍ମଚାରୀଙ୍କ ନିମ୍ନ ମାନର ରକ୍ଷଣା ବେକ୍ଷଣ ପାଇଁ ଏମିତି ହେଉଛି ବୋଲି ଗ୍ରାମ ବାସି କହିଛନ୍ତି । ଏହି ୬୩ କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମର ରେ ଗ୍ରାମର ୫୦-୬୦ ପଞ୍ଜୀକୃତ ବିଦ୍ୟୁତ୍ ଉପଭୋକ୍ତା ଥିବାବେଳେ ଏହା ୮୦-୮୫ କିଲୋୱାଟ ଲୋଡ ଯୋଗାଉଥିବା ବେଳେ ଯନ୍ତ୍ରୀ ଏବଂ କର୍ମଚାରୀଙ୍କ ହାତଗୁଞ୍ଜା ନେବା ପାଇଁ ଏଠାରେ ଏକ ବେଆଇନ୍ ଇଟା ଫେକ୍ଟ୍ରିକୁ କରେଣ୍ଟ ଯୋଗାଇ ଏହି ଟ୍ରାନ୍ସଫର୍ମର କୁ ଓଭରଲୋଡ ରେ ଚଳା ଯାଉଥିବା ଏବଂ ସେଥି ପାଇଁ ଗ୍ରାମର ପଞ୍ଜୀକୃତ ବିଦ୍ୟୁତ୍ ଗ୍ରାହକ ମାନଙ୍କୁ ସେମାନଙ୍କର ହକ୍ ର ବିଦ୍ୟୁତ୍ ଭୋଲ୍ଟେଜ ମିଳି ପାରୁନାହିଁ ବୋଲି ଗ୍ରାମବାସୀ କହିଛନ୍ତି । ଏହିପରି ପରିସ୍ଥିତିରେ ଟାଟା କମ୍ପାନୀର ଉପରିସ୍ଥ କର୍ତୃପକ୍ଷ ନିଜେ ଗ୍ରାମକୁ ଆସି ସ୍ଥିତି ଅନୁଧ୍ୟାନ କରିବା ପାଇଁ ଗ୍ରାମବାସୀ କହିଥିବା ବେଳେ ଆଗକୁ ଏ ସବୁ ସମସ୍ୟାର ସମାଧାନ ତୁରନ୍ତ ନକରାଗଲେ ଗ୍ରାମବାସୀ ବିଦ୍ୟୁତ୍ ବିଲ୍ ପୈଠ କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି ।

# ବିପର୍ଯ୍ୟସ୍ତ ହୋଇପଡିଛି ଛେଡାକଣି ରାସ୍ତା

● ପ୍ରଶାସନିକ ତତ୍ପରତା ପାଇଁ ଗ୍ରାମବାସୀଙ୍କ ନିବେଦନ



**ମହାକାଳପଡ଼ା,୪।୬(ସଂଚାର ବ୍ୟୁରୋ):** ବିପର୍ଯ୍ୟସ୍ତ ରାସ୍ତା ପାଇଁ ଗ୍ରାମବାସୀ ଏବେ ନାନା ସମୟରେ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଗ୍ରାମର ମୁଖ୍ୟ ରାସ୍ତା ହୋଇ ଥିବାରୁ ଗ୍ରାମବାସୀଙ୍କ ପାଇଁ ଏହା ପ୍ରମୁଖ ଦ୍ୱାର ସଦୃଶ। ଏହି ରାସ୍ତା ସମସ୍ତଙ୍କ ପାଇଁ ଗୁରୁତ୍ୱ ବହନ କରେ। ହେଲେ ଆଜି ତାହା ବିପର୍ଯ୍ୟସ୍ତ ହୋଇପଡିଛି। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ବରକନ୍ଧା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଛେଡାକଣୀ ଗ୍ରାମର ମୁଖ୍ୟ ରାସ୍ତା ଏମିତି ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ିରହିଛି। ଢଳେଇ ଫାଟି ଆଁ କରିବା ସହିତ ପାଣି ଜମି ରହୁଛି। ଗ୍ରାମର ମଣି ଠାକୁରଙ୍କ ମହିମା ପାଇଁ ଏହି ଗ୍ରାମକୁ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ବହୁ ସଂଖ୍ୟାରେ ଆସନ୍ତି। ହେଲେ ଏହି ବିପର୍ଯ୍ୟସ୍ତ ରାସ୍ତା ପାଇଁ ଗ୍ରାମବାସୀଙ୍କ ସମେତ ବାହାରୁ ଆସୁଥିବା ଶ୍ରଦ୍ଧାଳୁ ମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଗ୍ରାମର ମୁଖ୍ୟ ରାସ୍ତା ହୋଇ ଥିବାରୁ ଏହି ରାସ୍ତା ଉପରେ ସମସ୍ତେ ନିର୍ଭରଶୀଳ। ଏହି ବିପର୍ଯ୍ୟସ୍ତ ରାସ୍ତା ଉପରେ ପ୍ରଶାସନ ଦୃଷ୍ଟି ଆକର୍ଷଣ କରି ନୂତନ ରାସ୍ତା ନିର୍ମାଣ କରିବାକୁ ଦାବି କରିଛନ୍ତି ଗ୍ରାମବାସୀ।

## ପଟ୍ଟାମୁଣ୍ଡାଇ ଏମ ଏନ ହାଇସ୍କୁଲ ମୋ ସ୍କୁଲ ଅଭିଯାନ କମିଟି ବୈଠକ



**ପଟ୍ଟାମୁଣ୍ଡାଇ,୪।୬(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଏମ ଏନ ହାଇସ୍କୁଲ ମୋ ସ୍କୁଲ ଅଭିଯାନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ମୋ ସ୍କୁଲ ଅଭିଯାନ କମିଟି ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ବରିଷ୍ଠ ସଦସ୍ୟ ଡ଼ କେଳୁ ଚରଣ ସ୍ୱାଇଁ ଗୋପୀ ବଲ୍ଲଭ ନାୟକ, ଗୋପୀନାଥ ତ୍ରିପାଠୀ, ନିଶିକାନ୍ତ ପ୍ରଧାନ, ରମେଶ ଦେ ହାଇସ୍କୁଲର ବିଭିନ୍ନ ସମସ୍ୟା ଯଥା ଆବଶ୍ୟକ ଶିକ୍ଷକ ଅଭାବ ଦୂର ପାଇଁ ଜିଲ୍ଲା ଶିକ୍ଷାଧିକାରୀ ଓ ଶ୍ରେଣୀ ଗୃହ ଅଭାବ ଦୂର ପାଇଁ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବା ସହିତ ଦାବୀ ଉପସ୍ଥାପନ ପାଇଁ ନିଷ୍ପତ୍ତି ନିଆଯାଇଥିଲା ଓ ମୋ ସ୍କୁଲ ଅଭିଯାନ କମିଟି ସମ୍ପାଦକ ପୂର୍ବ ବୈଠକ ବିବରଣୀ ଉପସ୍ଥାପନ କରିଥିଲେ ଓଏମ ଏନ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ଗୃହ ନିର୍ମାଣ ପାଇଁ ବିଧାୟକ ଧ୍ରୁବ ସାହୁ ତାଙ୍କ ବିଧାୟକ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ମଂଜୁର କରିଥିବାରୁ ବୈଠକରେ ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା ଓ ଶେଷରେ ବରିଷ୍ଠ ଶିକ୍ଷକ ସୁଜୟ ରାଉତରାୟ ଧନ୍ୟବାଦ ଦେଇଥିଲେ ।

## ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ

**କେନ୍ଦ୍ରାପଡା,୪।୬(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ଓସ୍ତପୁର ଗ୍ରାମ ପଂଚାୟତଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାନ୍ୟବର ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ମୁଖ୍ୟ ଅତିଥି ଭାବେ ଓ ଓୟୁଟିର ସଂପ୍ରସାରଣ ଅଧ୍ୟକ୍ଷ ପ୍ରଫେସର ପ୍ରସନ୍ନଜିତ୍ ମିଶ୍ର ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଏଥିରେ ୫ଶହରୁ ଉର୍ଦ୍ଧ୍ୱର୍ କୃଷକ ଭାଗ ନେଇ ଉନ୍ନତ କୃଷି ପ୍ରଣାଳୀର ବିଭିନ୍ନ ଦିଗ ଯଥା ପ୍ରାକୃତିକ କୃଷି, ଜଳବାୟୁ ଅନୁକୂଳ କୃଷି, କୃଷିରେ ଡ୍ରୋନର୍ ବ୍ୟବହାର ଇତ୍ୟାଦି ବିଷୟରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ର କେନ୍ଦ୍ରାପଡାର ବରିଷ୍ଟ ବୈଜ୍ଞାନିକ ଓ ମୁଖ୍ୟ ଡଃ. ଅରବିନ୍ଦ ଦାସ, କେନ୍ଦ୍ରୀୟ ମଧୁର ଜଳ ଗବେଷଣା କେନ୍ଦ୍ରର ପ୍ରଧାନ ବୈଜ୍ଞାନିକ ଡଃ. ଜିତେନ୍ଦ୍ର ସୁନ୍ଦରରାୟ, ଜାତୀୟ କୃଷିଜିବୀ ମହିଳା ପ୍ରତିଷ୍ଠାନର ବୈଜ୍ଞାନିକା ଡଃ. ଅର୍ପିତା ମହାପାତ୍ର, କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡାର ଉଦ୍ୟାନ କୃଷି ବୈଜ୍ଞାନିକ ଡଃ. ପ୍ରଭଞ୍ଜନ ମିଶ୍ର, କ୍ଷେତ୍ର ବିଜ୍ଞାନ ବିଭାଗର ବୈଜ୍ଞାନିକ ଡଃ. ତାପସ ରଞ୍ଜନ ସାହୁ ପ୍ରମୁଖ କୃଷକ ବୈଜ୍ଞାନିକ ଆଲୋଚନା ଚକ୍ରରେ ଯୋଗଦେଇ କୃଷି କ୍ଷେତ୍ର ଉପଜୁଥିବା ବିଭିନ୍ନ ସମସ୍ୟାର ସମାଧାନ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଭାଗର ଅଧିକାରୀ ଯଥା ଆତ୍ମାର ଉପପ୍ରକଳ୍ପ ନିର୍ଦ୍ଦେଶକ ନିରଞ୍ଜନ ରାଉତ, ବ୍ଲକ କୃଷି ଅଧିକାରୀ ବିନ୍ଦୁଶ୍ରୀ ବାଳା, ସହକାରୀ କୃଷି ଅଧିକାରୀ ପ୍ରିୟମ୍ବଦା ନାୟକ,ସହକାରୀ ଉଦ୍ୟାନ କୃଷି ଅଧିକାରୀ ଶ୍ରୀମତୀ ଶୁଭଶ୍ରୀ ମଲ୍ଲିକ ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ଯୋଗଦେଇ ସରକାରଙ୍କର ବିଭିନ୍ନ କୃଷକ କଲ୍ୟାଣ ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ କୃଷି ବିଜ୍ଞାନ କେନ୍ଦ୍ର, କୃଷି ବିଭାଗର ଅନ୍ୟାନ୍ୟ କର୍ମଚାରୀଙ୍କ ସହିତ ଓସ୍ତପୁର ଗ୍ରାମ ପଂଚାୟତର ସରପଂଚ ଶ୍ରୀ ପ୍ରସନ୍ନ ରାଉତ ସହାୟକ ହୋଇଥିଲେ।

## ରଥ କାରିଗରଙ୍କୁ ସମ୍ମାନୀତକଲେ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ



**କେନ୍ଦ୍ରାପଡା,୪।୬(ସଂଚାର ବ୍ୟୁରୋ):** ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ଘୋଷ ଯାତ୍ରାକୁ ଆଉ କମ ଦିନ ବାକି ରହିଛି । ଏବେ ଗ୍ରୀଷ୍ମର ପ୍ରବାହ ସାରା ଓଡିଶାରେ ଲାଗିରହିଛି କ୍ଷ ଏହି ଗ୍ରୀଷ୍ମ ପ୍ରବାହକୁ ଖାତିରି ନକରି ତିନି ରଥର କାରିଗର ମାନେ ରଥ ତିଆରିକୁ ଆଗେଇ ନେଉଛନ୍ତି। ଏଥିରେ ମୁଖ୍ୟ ଭୂମିକାରେ ଅଛନ୍ତି ମହାରଣା ସେବକ ଓ ଭୋଇ ସେବକଙ୍କ ବଂଶ ଧର । କେନ୍ଦ୍ରାପଡ଼ା ଜିଲ୍ଲାର ସାମାଜିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସବୁବେଳେ ସବୁସମୟରେ କର୍ମ କ୍ଷେତ୍ରରେ କର୍ମ କର୍ତ୍ତାଙ୍କୁ ସମ୍ମାନୀତ କରିଥାଏ । ଆଜି ସେହିପରି ରଥ ଖଳାରେ ରଥ କାରିଗରଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ମାନୀତ କରାଯାଇଛି । ଆମ କର୍ମ ଆମ ପରିଚୟରେ ବିଶ୍ୱାସ କରୁଥିବା ଏହି ସଙ୍ଗଠନ ପୂର୍ବରୁ ଚାଷ କ୍ଷେତ୍ରରେ ଚାଷୀଙ୍କୁ, ଶ୍ରମ କ୍ଷେତ୍ରରେ ଶ୍ରମିକ ଙ୍କୁ ଓ ସେବା କ୍ଷେତ୍ରରେ ସେବା କାରୀଙ୍କୁ ସମ୍ମାନୀତ କରି ଚର୍ଚ୍ଚାରେ ରହି ଆସିଛନ୍ତି । ଆଜି ରଥ ଖଳାରେ ରଥ କାରିଗର ମାନଙ୍କୁ ସମ୍ମାନିତ କାର୍ଯ୍ୟକ୍ରମ ରେ ମୁଖ୍ୟ ମହାରଣା ସେବକ ବିଜୟ ମହାପାତ୍ର, ନରସିଂହ ମହାପାତ୍ର, ନାରାୟଣ ମହାପାତ୍ର, ସନାତନ ମହାପାତ୍ର, ସୁରେନ୍ଦ୍ର ମହାରଣା, ସାମସୁନ୍ଦର ମହାରଣା ଓ ଭଗବାନ ମହାରଣା। ମୁଖ୍ୟ ଭୋଇ ସେବକ ମାନଙ୍କ ମଧ୍ୟରେ, କାର୍ତିକ ଭୋଇ, ରବି ଭୋଇ, ଧ୍ରୁବ ଭୋଇ, ବିଷ୍ଣୁ ଭୋଇ, ଆଲୋକ ଭୋଇ, ଓ ୱାପିନା ଭୋଇ । ଆଜି ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶ୍ରୀମନ୍ଦିର ସମ୍ମୁଖ ରଥ ଖଳାରେ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଷ୍ଟର ସଭାପତି ଦମନ ମହାନ୍ତି ଙ୍କ ସମେତ ବନମାଳୀ ବାରିକ, ଓ ମନୋଜ ବେହେରା ରହି କାର୍ଯ୍ୟ ସମ୍ପାଦନ କରିଥିଲେ । ଏହି ସମ୍ବର୍ଦ୍ଧନାରେ ରଥ ଶିଳ୍ପୀ ମାନଙ୍କୁ ଉତ୍ତରୀୟ ସହ ଥଣ୍ଡା ପାଣି ବୋତଲ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଦେଖି ଅନେକ ଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁ ଶ୍ରୀଜଗନ୍ନାଥ ଚାରିଟେବୁଲର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ।

## ଓଡିଶା ପ୍ରାଥମିକ ଶିକ୍ଷକ ସଂଘ ନୂତନ ପେନସନଭୋଗୀଙ୍କ ସମ୍ବର୍ଦ୍ଧନା ସମାରୋହ



**ମାର୍ଶାଘାଇ,୪।୬(ସଂଚାର ବ୍ୟୁରୋ):** ଓଡିଶା ପ୍ରାଥମିକ ଶିକ୍ଷକ ସଙ୍ଘ (ନୂତନ ପେନସନ ଭୋଗୀ) ମାର୍ଶାଘାଇ ବ୍ଲକ ଶାଖା ପକ୍ଷରୁ ବୁଧବାର ଗୋଜବାୟାଣୀ ପୀଠ ପରିସରରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଏବଂ ଆଲୋଚନା ଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଙ୍ଘର ବ୍ଲକ ଶାଖା ସଭାପତି ଚିତ୍ତରଞ୍ଜନ ରାଉଳ ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାର୍ଶାଘାଇ ବ୍ଲକ ଅଲଓଷ୍ଟା ଶିକ୍ଷକ ସଙ୍ଘ ସମ୍ପାଦକ ପ୍ରଦୀପ୍ତ କୁମାର ଲେଙ୍କା ମଞ୍ଚ ପରିଚାଳନା କରିଥିଲେ ।କେନ୍ଦ୍ରାପଡ଼ା ଜିଲ୍ଲା ସଙ୍ଘ ସଭାପତି ଅନନ୍ତ ଚରଣ ପରିଡା ଯୋଗଦେଇ ସଙ୍ଘର ଲକ୍ଷ୍ୟ ଏବଂ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ମହାକାଳପଡ଼ା ବ୍ଲକ ସଙ୍ଘ ସଭାପତି ଶିଶିର କୁମାର ବେହେରା ସମ୍ପାଦକ ଅମୀୟ ଚୌଧୁରୀ ଯୋଗଦେଇ ମାର୍ଶାଘାଇ ବ୍ଲକ ସଙ୍ଘର ଉଦ୍ୟମକୁ ପ୍ରଶଂସା କରିଥିଲେ। ଶିକ୍ଷକଶିକ୍ଷୟିତ୍ରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ସେ ସବୁର ସମାଧାନ ପାଇଁ ପ୍ରୟାସ କରିବାକୁ ଏକ କୋର କମିଟି ଗଠନ କରାଯାଇଛି। ଏହି କମିଟି ସବୁ ବର୍ଗର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସମସ୍ୟା ସମାଧାନ ପାଇଁ ମିଳିମିଶି ଉଦ୍ୟମ କରିବେ । ଅଲଓଷ୍ଟା ଶିକ୍ଷକ ସଙ୍ଘ ସମ୍ପାଦକ ପ୍ରଦୀପ୍ତ କୁମାର ଲେଙ୍କା, ସଭାପତି ରମେଶ ଚନ୍ଦ୍ର ସାହୁ, ପ୍ରାଥମିକ ଶିକ୍ଷକ ସଙ୍ଘ ସଭାପତି ପ୍ରକାଶ ଷଡ଼ଙ୍ଗୀ, ସମ୍ପାଦକ ପାର୍ଥ ସାରଥୀ ସାହୁ, ଲକ୍ଷ୍ମୀଧର ଲେଙ୍କା, ଏନପିସି ଶିକ୍ଷକ ସଙ୍ଘ ସଭାପତି ଚିତ୍ତରଞ୍ଜନ ରାଉଳ,ସମ୍ପାଦକ ଦୀପ୍ତିବାଳା ସ୍ୱାଇଁ, ବରିଷ୍ଠ ଶିକ୍ଷକ କିଶୋର ସେନାପତି,ଦୀପକ ବେହେରା,ଦେବେନ୍ଦ୍ର ଦାସ, ସଞ୍ଜୟ କୁମାର ଦାସ ପ୍ରମୁଖ ଏହି କମିଟିକୁ ଚୟନ ହୋଇଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା ସଙ୍ଘ ସଭାପତି ଅନନ୍ତ କୁମାର ପରିଡା, ମହାକାଳପଡ଼ା ବ୍ଲକ ସଙ୍ଘ ସଭାପତି ଶିଶିର କୁମାର ଦାସ, ସମ୍ପାଦକ ଅମୀୟ ଚୌଧୁରୀ, କେଦାର କୁମାର ବେହେରା, ଯତୀନ୍ଦ୍ର ଦାସ, ରାଜକିଶୋର ବେହେରା,ସୌଭାଗ୍ୟ ବେହେରା, ନିମାଇଁ ବେହେରା,ନୟନା ପ୍ରଧାନ,କାହ୍ନୁଚରଣ ମଲିକ, ଦୀପକ ମହାନ୍ତି ସଦାନନ୍ଦ ମହାନ୍ତି, ଭାସ୍କର ବେହେରା, ସିଆରସିସି ଦୀପକ ବେହେରା, ମୀନକେତନ ପ୍ରଧାନ,ଶିଶିର ବାରିକ, ବିଭାସ ଜେନା, ମଳୟ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ସୁଦାମ ବେହେରା ଏବଂ ପ୍ରମୋଦ ଲେଙ୍କାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟର ବରିଷ୍ଠ ଲିପିକ ଦୀପକ ରାଉତ ଙ୍କୁ ସଙ୍ଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଗୋରୁପଲ ଉପରେ ବଜ୍ରପାତ , ୩ ମୃତ

**ରାଜନଗର,୪।୬(ସଂଚାର ବ୍ୟୁରୋ):** ଆଜି ଅପରାହ୍ନରେ ରାଜନଗର ବ୍ଲକ ଡେରା ପଞ୍ଚାୟତର ଧୋବେଇଗଡ ଠାରେ ବଜ୍ରପାତରେ ୩ ଗୋରୁ ଘଟଣାସ୍ଥଳରେ ମୃତ୍ୟୁ ବରଣ କରିଛନ୍ତି। ସୂଚନା ମୁତାବକ ନିକଟରେ ରାଜନଗର ଗୁପ୍ତି ମୁଖ୍ୟ ରାସ୍ତାର ଧୋବେଇଗଡ ନିକଟରେ ଗୋରୁ ପଲ ଚରୁଥିଲେ । ହଟାତ ବର୍ଷା ବାଉଁଶ ବୁଦା ନିକଟକୁ ଚାଲି ଆସିଥିଲେ । ବାଉଁଶ ବୁଦା ନିକଟରେ ଆଶ୍ରୟ ନେଇଥିବା ଗୋରୁ ପଲ ଉପରେ ହିଁ ବଜ୍ରପାତ ହୋଇଥିଲା। ବଜ୍ରପାତରେ ଧୋବେଇଗଡ ଗାଁର ରବି ମଣ୍ଡଳଙ୍କ ଦୁଇଟି ଗାଈ ଓ ସୁଶାନ୍ତ ମଣ୍ଡଳଙ୍କ ଗୋଟିଏ ଗାଈ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଛି। ଏହି ଦୁଖଦ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି ।



## ଓସ୍ତପୁର ମୁଗମଣ୍ଡି ଉଦ୍‌ଘାଟିତ

**କେନ୍ଦ୍ରାପଡା, ୪।୬(ସଂଚାର ବ୍ୟୁରୋ):** ସ୍ଥାନୀୟ ଅଂଚଳର ଚାଷୀର ଦାବି ମୁତାବକ ନୂତନ ଭାବେ ମୁଗ କ୍ରୟ କରିବା ପାଇଁ ଅନୁମତି ପାଇଥିବା ଓସ୍ତପୁର କୃଷି ସମବାୟ ସମିତିରେ ମୁଗମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମିତିର ସଭାପତି ପ୍ରଦ୍ୟୁମ୍ନ ଜେନା ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବାବେଳେ ସଂପାଦକ ପ୍ରେମାଞ୍ଜନ ସାହୁ, ଉପସଭାପତି କନକଲତା ସ୍ୱାଇଁଙ୍କ ସମେତ ନମିତା ରାଉତ, ପ୍ରଫୁଲ୍ଲ ରାଉତ, ସରୋଜ ଦାସ, କବିଚନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ବେହେରା, ବଂଶିଧର ସାମଲ, କୈଳାସ ବେହେରା, ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଚାଷୀମାନେ କିଭଳି ମୁଗ ଓ ବିରି ଓ ବାଦାମ ସୁରୁଖୁରୁରେ ସମିତିରେ ଦେଇପାରିବେ ସେଥିପ୍ରତି ଆଲୋଚନା କରିଥିଲେ। ମଣ୍ଡିକୁ ମୁଗନେଇ ଆସୁଥିବା ଚାଷୀକୁ ସମସ୍ତ ପ୍ରକାର ସୁବିଧା ଓ ସହଯୋଗ ଯୋଗାଇ ଦେବାପାଇଁ ସଭାପତି ଶ୍ରୀ ଜେନା ବୈଠକରେ ଆଲୋଚନା କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ବହୁ ଚାଷୀ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ସଂପର୍କରେ କର୍ମଶାଳା

**କେନ୍ଦ୍ରାପଡା,୪।୬(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ରିଡିଂ ରୁମ୍‌ଠାରେ ଡିଲୋକ୍ କମ୍ପାନୀ ଆନୁକୁଲ୍ୟରେ ଏକ କର୍ମଶାଳା ଡଃ ପ୍ରକାଶ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ସହଯୋଗୀତା ଏବଂ ସବ୍‌ସିଡି ମାଧ୍ୟମରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ବିଜୁଳି ଯୋଜନା ସଂପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ ସଭାରେ ମୁଖ୍ୟ ଅତିଥି କମ୍ପାନୀର ବ୍ୟବସାୟ ପରିଚାଳନା ଅଧିକାରୀ ଅରିନ୍ଦମ୍ ସାହୁ, ମୁଖ୍ୟବକ୍ତା ତଥା ରାଜ୍ୟ ସଂଯୋଜକ ବିଭୁତି ଭୂଷଣ ଆଚାର୍ଯ୍ୟ ଓ ଜିଲ୍ଲା ସଂଯୋଜକ ସର୍ବେଶ୍ୱର ସାହୁ ଯୋଗ ଦେଇ ପିଏମ୍ ସୂର୍ଯ୍ୟଘର ବିଜୁଳି ଯୋଜନାର ଲାଭ କିପରି ଜନସାଧାରଣ ନେଇପାରିବେ ଏବଂ ବିଜୁଳିରୁ ମୁକ୍ତ ହେବେ ସେ ସଂପର୍କରେ ବିଷଦ୍‌ଭାବେ ଆଲୋଚନା କରାଯାଇଥିଲା।

## କୃଷି ସମବାୟ ସମିତିରେ ବୋର୍ଡ ବୈଠକ ଓ ମୁଗମଣ୍ଡି ଉଦଘାଟିତ



**କେନ୍ଦ୍ରାପଡ଼ା,୪।୬(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡ଼ା ପ୍ରାଥମିକ କୃଷି ସମବାୟ ସମିତିର ପରିଚାଳନା ସମିତି ବୈଠକ ଓ ଚଳିତ ୨୦୨୪/ ୨୫ ନିମନ୍ତେ ମୁଗମଣ୍ଡି ଉଦଘାଟନ ହୋଇଯାଇଛି। ସମିତି ପରିସରରେ ସଭାପତି ଇଂ ଅକ୍ଷୟ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ କାଳନ୍ଦୀ ଚରଣ ବିଶ୍ୱାଳ ପୂର୍ବସଭାର ବିବରଣୀ ପଠନ କରିବା ପରେ ଏହାର ଦୃଢ଼ୀକରଣ କରାଯାଇଥିଲା। ଗତ ଖରିଫ ଋତୁରେ ସମିତିର ସମସ୍ତ ପଞ୍ଜୀକୃତ ଧାନ ଚାଷୀଙ୍କ ଠାରୁ ସରକାରୀ ଧାର୍ଯ୍ୟ ସର୍ବନିମ୍ନ ସହାୟକ ଦରରେ ୨୦ ହଜାର କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଧାନ ସଂଗ୍ରହ ହୋଇଥିବାରୁ ବୈଠକରେ ସନ୍ତୋଷ ପ୍ରକାଶ ପାଇଥିଲା। ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବହୁଳ ବ୍ୟବହୃତ ଶାରଳା, ପୂଜା ଓ ୧୦୬୧ କିସମର ଧନ ବିହନ ପର୍ଯ୍ୟାପ୍ତ ମହଜୁଦ ରଖାଯାଇଥିବାବେଳେ ସବସିଡି ଯୁକ୍ତ ରାସାୟନିକ ସାର ମଧ୍ୟ ଖୁବ୍ ଶୀଘ୍ର ଯୋଗାଇ ଦିଆଯିବ ବୋଲି ବୈଠକରେ ସଭାପତି ପ୍ରକାଶ କରିଥିଲେ। ସମିତିର ଗୋଦାମଗୃହ ତଥା ସମ୍ମିଳନୀ କକ୍ଷ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟ ବରାଦ ସତ୍ତ୍ୱେ ବ୍ଲକ ପ୍ରଶାସନ ଏହାର ଟେଣ୍ଡର ପ୍ରକ୍ରିୟାକୁ ବିଳମ୍ବ କରୁଥିବାରୁ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ବିପଦସଙ୍କୁଳ ଗୋଦାମଘରକୁ ତୁରନ୍ତ ଭାଙ୍ଗି ନୂତନ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସଭପତି କହିଥିଲେ। ସମିତିର ଚଳିତ ରବି ଋଣ ଆବେଦନ ଓ ଏହାର ସ୍ଥିତି ତଥା ନୂତନ ସଦସ୍ୟତା ଆବେଦନ ଗୁଡ଼ିକର ଅନୁମୋଦନ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ରବି ବିପଣନ ଋତୁ ୨୦୨୪/୨୫ ନିମନ୍ତେ ମୁଗ ଓ ବିରି କ୍ରୟ ମଣ୍ଡିର ଶୁଭ ଉଦଘାଟନ କରାଯାଇଥିଲା।

## ● ମନରେଗା କାମ କରି ମଜୁରି ପାଉନାହାନ୍ତି ଶ୍ରମିକ

# ବ୍ଲକ ଆଗରେ ଧାରଣାରେ ବସିଲେ ଶ୍ରମିକ

**ରାଜନଗର,୪।୬(ସଂଚାର ବ୍ୟୁରୋ):** ଦୀର୍ଘ ଦୁଇ ମାସ ଧରି କେନାଲ ସଫେଇ କାମ ମାନରେଗା ଯୋଜନାରେ କଲେ । ସକାଳୁ ସଞ୍ଜ ଯାଏଁ ହାଡ ଭଙ୍ଗା ପରିଶ୍ରମ କଲେ । ମାତ୍ର ଦୁଇ ମାସ କାମ କରି ଶ୍ରମିକ ମଜୁରି ପାଉନାହାନ୍ତି । ମଜୁରି ଟଙ୍କା ନପାଇବାରୁ ଘରେ ଚୁଲି ଜଳୁନି । ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଠୁ ଆରମ୍ଭ କରି ସରପଞ୍ଚଙ୍କ ଯାଏଁ ଭେଟି ମଜୁରି ପାଇଁ ନେହୁରା ହେଲେ ମଧ୍ୟ ମଜୁରି ପାଇଲେ ନାହିଁ। ୨୯ ତାରିଖ ଦିନ ଶ୍ରମିକ ମାନେ ରାଜନଗର ବ୍ଲକରେ ପହଞ୍ଚି ମଜୁରି ଦେବାକୁ ବିଡିଓଙ୍କୁ ନେହୁରା ହୋଇଥିଲେ । ବିଡିଓ କୌଣସି ପଦକ୍ଷେପ ନନେବାରୁ ଆଜି ଶ୍ରମିକ ମାନେ ୩୫ କିଲୋମିଟର ଆସି ବ୍ଲକ କାର୍ଯ୍ୟଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ରାଜନଗର ବ୍ଲକରେ ନୂତନ ଭାବେ ଯୋଗ ଦେଇଥିବା ବିଡିଓ ତୁରନ୍ତ ମଜୁରି ପ୍ରଦାନ ପାଇଁ ପଦକ୍ଷେପ ନେବେ ବୋଲି ପତିଶ୍ରୁତି ଦେବା ପରେ ଶ୍ରମିକ ମାନେ ଧାରଣାରୁ ଉଠିଛନ୍ତି । ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାଯତର କେଟିଲ ପୋଖରୀ ଠାରୁ ଶଶାଙ୍କ ମାନ୍ନା ଘର ଯାଏଁ ଓ ମଦନ ଦାସ ଘର ଠାରୁ ବେଙ୍ଗ ମଣ୍ଡଳ ଘର ଯାଏଁ ଦୁଇଟି କେନାଲ ପୁନରୁଦ୍ଧାର କାମ ଶ୍ରମିକ ମାନେ କରିଛନ୍ତି । ମହାତ୍ମା ଗାନ୍ଧୀ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନାରେ ୨୭ ମାର୍ଚ୍ଚ ଠାରୁ ୨୮ ମଇ ଯାଏଁ ଶ୍ରମିକ ମାନେ କେନାଲରେ ମାଟି ଖୋଳା କାମ କରିଥିଲେ ମଧ୍ୟ ସେମାନେ ସେମାନଙ୍କ ମଜୁରି ପାଇ ନାହାନ୍ତି । ଆଜି ଡାଙ୍ଗମାଳ ଗାଁର ରାଜ କିଶୋର ବେହେରା , ରଘୁନାଥ ବେହେରା , ବିଚିତ୍ର ବେହେରା , ହରେକୃଷ୍ଣ ଦାସ ପ୍ରମୁଖ ୧୭ ଜଣ ଶ୍ରମିକ ରାଜନଗର ବ୍ଲକ କାର୍ଯ୍ୟଳୟରେ ପହଞ୍ଚି ଧାରଣାରେ ବସିଥିଲେ ।

# ରଜାଙ୍ଗରେ ହେବ ସୁପର ସ୍ପେଶାଲିଟି ହସ୍ପିଟାଲ



ଦେୟମୁକ୍ତ ସେବା ପାଇବେ ରୋଗୀ

**ଡେରାବିଶ,୪।୬(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଦାନପୁର ପଂଚାୟତ ରଜାଙ୍ଗଠାରେ ନିର୍ମିତ ହେବ ସୁପର ସ୍ପେସାଲିଟ ହସ୍ପିଟାଲ । ଏହି ଚିକିତ୍ସାଳୟରେ ଦେୟମୁକ୍ତ ନିକିତ୍ସା ମିଳିବା ସହିତ ଗ୍ରାମାଞ୍ଚଳ ଜନସାଧାରଣଙ୍କୁ ନିରୋଗ ରହିବା ପାଇଁ ଭ୍ରାମ୍ୟମାଣ ଚିକିତ୍ସା ସେବା ଓ ପରାମର୍ଶ କେନ୍ଦ୍ର ମଧ୍ୟ ଉପଲବ୍ଧ ହେବ। ଏହି ଅବସରରେ ପ୍ରାଥମିକ ପର୍ଯ୍ୟାୟ ପ୍ରସ୍ତୁତି ଚାଲିଥିବାବେଳେ ମଙ୍ଗଳବାର ସ୍ଥାନୀୟ ଦାନପୁର ପଞ୍ଚାୟତ ସମ୍ମିଳନୀ କକ୍ଷରେ ଏକ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମଙ୍ଗଳବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରକଳ୍ପର ମୁଖ୍ୟ ସଂଯୋଜକ ସଞ୍ଜୟ ଲକାଦ୍ରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସ୍ଥାନୀୟ ପ୍ରଶାସନ ପକ୍ଷରୁ ଡେରାବିଶ ମଣ୍ଡଳ ଉନ୍ନୟନ ଅଧିକାରିଣୀ ନମିତା ବାରିକ,କେନ୍ଦ୍ରାପଡ଼ା ସାଂସଦଙ୍କ କ୍ଷେତ୍ରାଧିକାରୀ ମହିମା ସ୍ୱାଇଁ ରାଜସ୍ୱ ନିରୀକ୍ଷିକା ବିଜୟଲକ୍ଷ୍ମୀ ପଳେଇ, ଇଣ୍ଡିଆନ ବ୍ୟାଙ୍କ ଦାନପୁର ଶାଖା ପରିଚାଳକ ଡେଲଟନ ନାୟକ, ଦାନପୁର ପଞ୍ଚାୟତ ସମିତି ସଭ୍ୟ ପ୍ରିୟତମା ଦାଶ ଓ ପୂର୍ବତନ ସରପଞ୍ଚ ଉମେଶ ଚନ୍ଦ୍ର ତ୍ରିପାଠୀ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।ପ୍ରଶାନ୍ତ ବାଲ ମନ୍ଦିର ଟ୍ରଷ୍ଟ ଉପସ୍ଥିତ ଥିବା ପରିଚାଳନା କ୍ରିଷ୍ଣା ମୋହନ ପିଭି ଟ୍ରଷ୍ଟି ଅମ୍ରିତାରାୟ ମୁଖାର୍ଜୀ ଓ ନିର୍ଦ୍ଦେଶକ ଶୁଭ୍ରଜିତ ରାୟ ଏହି ଚିକିତ୍ସାଳୟ ସମ୍ପର୍କରେ ମତ ରଖି କିପରି ଅଞ୍ଚଳବାସୀଙ୍କୁ ଦେୟମୁକ୍ତ ଚିକିତ୍ସା ଉପଲବ୍ଧ ହେବ ଓ ଅଞ୍ଚଳବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ ସହ ହାତ ପାଆନ୍ତାରେ ଦେସମୁକ୍ତ ଚିକିତ୍ସା ଉପଲବ୍ଧ ହେବ ତାହା ଅନୁଷ୍ଠାନର ଲକ୍ଷ୍ୟ ବୋଲି କହିଥିଲେ । ପ୍ରଶାନ୍ତି ବାଲ ମନ୍ଦିର ଟ୍ରଷ୍ଟ ସହଯୋଗରେ ତଥା ଶ୍ରୀ ସତ୍ୟସଲ ଆରୋଗ୍ୟ ବାହିନୀ ଦ୍ୱାରା ଏହା ପରିଚାଳିତ ହେବାକୁ ଥିବା ବେଳେ ପ୍ରାଥମିକ ଅବସ୍ଥାରେ ୫୦ ଶଯ୍ୟା ବିଶିଷ୍ଟ ଏହି ଚିକିତ୍ସାଳୟ ହେବାକୁ ସ୍ଥିରୀକୃତ ହୋଇଛି । ଏହି ଅବସରରେ ଆଜି ଅପରାହ୍ନରେ ଶ୍ରୀ ସତ୍ୟସାର ଆରୋଗ୍ୟ ବାହିନୀ ପକ୍ଷରୁ ଦାନପୁର ଓ ମୁକୁନ୍ଦପୁର ପଞ୍ଚାୟତର ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ନେଇ ଗ୍ରାମାଞ୍ଚଳ ଜନସାଧାରଣଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଉଥିଲା।

## ବେଆଇନ ଗୋରୁ ଚାଲାଣ ବେଳେ ଧରିଲା ପୁଲିସ

**ବୈଶିଙ୍ଗା,୪।୬(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ କଳମା ପଞ୍ଚାୟତର ଗୋବିନ୍ଦରାୟପୁର ଓ ତାଳପଦା ଗ୍ରାମରେ ବୁଧବାର ଭୋର୍ ଚାରିଟା ସମୟରେ ଚଢ଼ାଉ କରାଯାଇ ପଶ୍ଚିମବଙ୍ଗ ଚାଲାଣ ପାଇଁ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରଖାଯାଇଥିବା ୩୦୩ଟି ଗୋରୁଙ୍କୁ ଉଦ୍ଧାର କରାଯାଇଛି। ମିଳିଥିବା ସୂଚନା ମୁତାବକ ବାରିପଦା ପୋଲିସ ଏଏସ୍‌ପି ଦୀପକ କୁମାର ଗୋଚ୍ଛାୟତଙ୍କ ନେତୃତ୍ୱରେ ବୈଶିଙ୍ଗା, ବଡ଼ସାହି, ବେତନଟୀ ଓ ରାସଗୋବିନ୍ଦପୁର ୪ଟି ଥାନାର ତିନି ପ୍ଲାଟୁନ ପୋଲିସ ଫୋର୍ସ ସହାୟତାରେ ଏହି ଦୁଇଟି ଗ୍ରାମରେ ଅତର୍କିତ ଚଢ଼ାଉ କରାଯାଇ ତିନୋଟି ଅସ୍ଥାୟୀ ଟେଣ୍ଟରୁ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଏହି ସମୟରେ ମାଜିଷ୍ଟ୍ରେଟ ଭାବେ ବେତନଟୀର ଅତିରିକ୍ତ ତହସିଲଦାର ଈଶ୍ୱରଚନ୍ଦ୍ର ରଣାଙ୍କ ସମେତ ପ୍ରାଣୀସମ୍ପଦ ବିଭାଗର ଅଧିକାରୀମାନେ ନିଜର ଟିମ୍ ନେଇ ଗୋରୁଙ୍କ ସାସ୍ଥ୍ୟ ପରୀକ୍ଷା ପାଇଁ ଉପସ୍ଥିତ ରହିଥିଲେ। ଅସ୍ଥାୟୀ ଟେଣ୍ଟରୁ ଉଦ୍ଧାର ଗୋରଙ୍କୁ ସ୍ୱତନ୍ତ୍ର ଟ୍ରକ୍ ଯୋଗେ ବାଲେଶ୍ୱର ଗୋ'ଶାଳାକୁ ହସ୍ତାନ୍ତର କରାଯାଇଛି। ତେବେ ଆଖପାଖରୁ ବିଭିନ୍ନ ଗାଁରୁ ଚୋରି ହୋଇଥିବା ଗାଈ ବଳଦଙ୍କୁ ମଧ ସ୍ଥାନୀୟ ବାସିନ୍ଦା ଚିହ୍ନଟ କରିଛନ୍ତି।

## ଆୟବା ସମିତିରେ ମୁଗଦେବା ପାଇଁ ଚାଷୀଙ୍କର ପଞ୍ଜିକରଣ

**କେନ୍ଦ୍ରାପଡା,୪।୬(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଆୟବା କୃଷି ସମବାୟ ସମିତିରେ ମୁଗମଣ୍ଡି ଉଦ୍‌ଘାଟନ ହେବା ପରେ ସ୍ଥାନୀୟ ଅଂଚଳର ବହୁ ସଂଖ୍ୟକ ଚାଷୀମାନେ ମୁଗ, ବିରି, ଚିନାବାଦାମ ଆଦି ସମିତିରେ ବିକ୍ରୟ କରିବା ପାଇଁ ନିଜ ନାମ ପଞ୍ଜିକରଣ କରିଛନ୍ତି। ବହୁସଂଖ୍ୟକ ଚାଷୀ ନିଜର ମୁଗ ବିରିକୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ ବିକ୍ରୟ କରି ଲାଭବାନ୍ ହେବେ ବୋଲି ସମିତିର ସଭାପତି ଅଯୋଧ୍ୟାନାଥ ବିଶ୍ୱାଳ ପ୍ରକାଶ କରିଛନ୍ତି। ଏହି ମଣ୍ଡି ଉଦ୍‌ଘାଟନ ସମୟରେ ଉପସଭାନେତ୍ରୀ ମମତାମୟୀ ସ୍ୱାଇଁ, ନିର୍ଦ୍ଦେଶକ ବିଜୟ କୁମାର ସ୍ୱାଇଁ, ସୁକାନ୍ତ କୁମାର ପ୍ରଧାନ, ସୁବାଷ ଚନ୍ଦ୍ର ରାଉତ, ସୁଲୋଚନ ବରାଳ, ପ୍ରକାଶ ଚନ୍ଦ୍ର ସାମଲ, ନୀଳମାଧବ ରାଉତ, ବାବୁଲି ମଳିକଙ୍କ ସମେତ ସମିତିର ଭାରପ୍ରାପ୍ତ ସଂପାଦକ ଅଲେଖ ଚନ୍ଦ୍ର ବେହେରା, ରାଜେନ୍ଦ୍ର ପ୍ରଧାନ, ନିରାକାର ନାୟକ, ସନ୍ତୋଷ କୁମାର ସାହୁ, ନରହରି ବାରିକଙ୍କ ସମେତ ସ୍ଥାନୀୟ ଅଂଚଳର ବହୁ ଚାଷୀ ଉପସ୍ଥିତ ଥିଲେ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର

୪ ଗୁରୁବାର ୫ ଜୁନ ୨୦୨୫, ଭୁବନେଶ୍ୱର
Thursday 5 June 2025, Bhubaneswar


# ଆର୍ଥିକ ଆତଙ୍କବାଦ

ପ୍ରାୟ ୯ ବର୍ଷ ତଳେ ପ୍ରଧାନମନ୍ତ୍ରୀ ମୋଦି କଳା ଟଙ୍କାର ବିଲୋପ ପାଇଁ ବିମୁଦ୍ରିକରଣ ଘୋଷଣା କରିଥିଲେ। ରାତାରାତି ହଜାରେ ଏବଂ ୫ ଶହ ଟଙ୍କିଆ ନୋଟ ଅଚଳ ହୋଇ ଯାଇଥିଲା। ଅବଶ୍ୟ ଯାହା ପାଖରେ ଏହିସବୁ ନୋଟ ରହିଥିଲା ତାହାକୁ ବ୍ୟାଙ୍କରେ ଜମା କରିବାକୁ ବା ବଦଳାଇବାକୁ ସୁଯୋଗ ମିଳିଥିଲା। ଏହା ପରିବର୍ତ୍ତେ ନୂଆ ଦୁଇ ହଜାର ଏବଂ ପାଞ୍ଚ ଶହ ଟଙ୍କିଆ ନୋଟ ପ୍ରଚଳନ କରାଯାଇଥିଲା। କିଛି ବର୍ଷ ପରେ ୨ହଜାର ଟଙ୍କିଆ ନୋଟକୁ ବି ପ୍ରତ୍ୟାହାର କରାଗଲା। ବିମୁଦ୍ରିକରଣର ଦ୍ୱାରା ଅନେକ ନକଲି ନୋଟ କାରବାର କମିଗଲା। ଏହା ଦ୍ୱାରା କେତେ କଳାଟଙ୍କା ପଦାକୁ ଆସିଲା, ବିମୁଦ୍ରିକରଣର ଉଦ୍ଦେଶ୍ୟ କେତେ ସଫଳ ହେଲା ତାହା ବିତର୍କର ବିଷୟ। କିନ୍ତୁ ଏହା ଦ୍ୱାରା ଭାରତରେ ଡିଜିଟାଲ ଅର୍ଥନୀତିର ଯୁଗ ଆରମ୍ଭ ହେଲା। ଏହା ସହିତ ଏକ ନୂଆ ଆତଙ୍କବାଦ ମଧ ଆରମ୍ଭ ହୋଇଛି। ତାହା ହେଲା ସାଇବର କ୍ରାଇମ। ଲୋକଙ୍କ ସଂଚିତ ଅର୍ଥକୁ ଲୁଟ କରିବା ପାଇଁ ସାଇବର ଅପରାଧୀମାନେ କଳବଳ କୌଶଳ ପ୍ରୟୋଗ କରୁଛନ୍ତି। ତେବେ ସେ ଯାହା ହେଉନା କାହିଁକି ଏବେ ଭାରତ ବିଶ୍ୱର ବୃହତ୍ତମ ଡିଜିଟାଲ ଅର୍ଥନୀତିର ମାନ୍ୟତା ପାଇଛି। ଅତି ସାଧାରଣ ବ୍ୟକ୍ତି ମଧ ନଗଦ କାରବାର ଅପେକ୍ଷା ଡିଜିଟାଲ କାରବାରକୁ ପସନ୍ଦ କରୁଛନ୍ତି। ବିମୁଦ୍ରିକରଣ ପରେ ଅଧିକ ବ୍ୟକ୍ତି ଆୟକର ପରିସୀମା ଭିତରକୁ ଆସିଲେ। ଡିଜିଟାଲ କାରବାର ଦ୍ୱାରା ଆୟ ଲୁଚାଇବା ମଧ ଆଉ ସମ୍ଭବ ହେଉନାହିଁ ଦେଶରେ ଡିଜିଟାଲ କାରବାରକୁ ପ୍ରୋତ୍ସାହିତ କରିବା ଲାଗି ଦୁଇ ବର୍ଷ ତଳେ ଆରବିଆଇ ଇ-ରୁପି ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ଏହା ଦେଶରେ ନଗଦ କାରବାରକୁ କମାଇବା ସହ ଡିଜିଟାଲ କାରବାରକୁ ସମୃଦ୍ଧ କରିବ ବୋଲି ଆଶା।୨୦୧୬ରେ ହୋଇଥିବା ବିମୁଦ୍ରିକରଣର ଏହା ହିଁ ଉଦ୍ଦେଶ୍ୟ ଥିଲା। ନଗଦ କାରବାର ଯେତେ କମିବ ଅର୍ଥ ବ୍ୟବସ୍ଥା ସେତେ ସୁଦୃଢ଼ ହେବ, ସ୍ୱଚ୍ଛତା ବଜାୟ ରହିବ ଏବଂ ଜାଲ ନୋଟ କାରବାର ବନ୍ଦ ହେବ। ୨୦୧୬ ନଭେମ୍ବର ୮ରେ କେନ୍ଦ୍ର ସରକାର ୫୦୦ ଏବଂ ୧୦୦୦ଟଙ୍କିଆ ନୋଟକୁ ଅଚଳ କରିଦେଇଥିଲେ। କଳାଧନ ଏବଂ ଜାଲି ନୋଟ କାରବାରକୁ ରୋକିବା ଥିଲା ଏହାର ଉଦ୍ଦେଶ୍ୟ। ଏହା ସହିତ ନଗଦ କାରବାର ପ୍ରତିବଦଳରେ ଡିଜିଟାଲ କାରବାରକୁ ସମ୍ପ୍ରସାରିତ କରିବା ଥିଲା ଏହାର ଏକ ପ୍ରମୁଖ ଉଦ୍ଦେଶ୍ୟ। ତେବେ ଏହା ଦ୍ୱାରା ଗରିବ ଲୋକେ ବିଶେଷ ଭାବେ ପ୍ରଭାବିତ ହେଲେ। ଅନେକ ଶିଳ୍ପ ଏବଂ ବ୍ୟବସାୟିକ ସଂସ୍ଥା ଠପ ହୋଇଗଲା। କିନ୍ତୁ ଅନ୍ୟ କେତେକଙ୍କ ମତରେ ଭାରତରେ ଡିଜିଟାଲ କାରବାର ବୃଦ୍ଧି ଲାଗି ଏହା ବାଟ ଫିଟାଇ ଦେଲା। ବିମୁଦ୍ରିକରଣ ପରେ ଅନେକ ପୁରୁଣା ଟଙ୍କାରେ ସେମାନଙ୍କର ବକେୟା ପ୍ରାପ୍ୟ ପ୍ରଦାନ କରିଦେଲେ। ବର୍ଷ ବର୍ଷ ଧରି ଅନେକ ଟିକସ ଦେଉନଥିଲେ। ତାହା ତତ୍କାଳ ପ୍ରଦାନ କରିଦେଲେ। ଏହା ସହିତ ବ୍ୟାଙ୍କରେ ବିପୁଳ ଅର୍ଥ ଜମା ହେଲା ଏବଂ ଅନେକ ଆୟକର ସୀମା ଭିତରକୁ ଆସିଲେ। ନିକଟରେ ଆରବିଆଇ ମନିଟାରୀ ପଲିସି କମିଟିର ଜଣେ ସଦସ୍ୟ କହିଛନ୍ତି ବିମୁଦ୍ରିକରଣ ପରେ ଦେଶରେ ଟିକସ ସଂଗ୍ରହ ବୃଦ୍ଧି ପାଇଛି। ଡିଜିଟାଲ କାରବାର ଯୋଗୁ ଏହା ସମ୍ଭବ ହୋଇଛି। ଲଗାତର ଜିଏସଟି ସଂଗ୍ରହ ୧ଲକ୍ଷ ୫୦ ହଜାର କୋଟି ଟଙ୍କାରୁ ଅଧିକ ହୋଇଛି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଆୟକର ଏବଂ କର୍ପୋରେଟ ଟ୍ୟାକ୍ସ ସଂଗ୍ରହ ପରିମାଣ ୨୬ ପ୍ରତିଶତ ବଢ଼ିଛି। ଏହା କିଛି କମ କଥା ନୁହେଁ। ରାଜସ୍ୱ ସଂଗ୍ରହ ବଢ଼ିବା ଦ୍ୱାରା ସରକାର ବିକାଶମୂଳକ କାର୍ଯ୍ୟରେ ଏହାର ବିନିଯୋଗ ବୃଦ୍ଧି କରିପାରିବେ। ୨୦୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ୭୫ଟି ଜିଲ୍ଲାରେ ୭୫ଟି ଡିଜିଟାଲ ବ୍ୟାଙ୍କିଙ୍ଗ ୟୁନିଟର ଲୋକାର୍ପଣ କରିଥିଲେ। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ଏହାକୁ ଲୋକାର୍ପିତ ହୋଇଥିଲା। ମାତ୍ର ୬ ମାସରେ ଏହିସବୁ ଡିଜିଟାଲ ବ୍ୟାଙ୍କିଙ୍ଗ ୟୁନିଟ ପ୍ରତିଷ୍ଠା ହୋଇଥିଲା। ଏହି ସବୁ ବ୍ୟାଙ୍କ କେବଳ ଡିଜିଟାଲ କାରବାର ଉପରେ ପର୍ଯ୍ୟବେସିତ। ପେପରଲେସ ପ୍ରକ୍ରିୟାରେ ଏସବୁ କାର୍ଯ୍ୟ କରିବ। ଭବିଷ୍ୟତରେ ଦେଶର ଅଧିକ ଅଞ୍ଚଳକୁ ଏହା ସମ୍ପ୍ରସାରିତ ହେବ। ଅଧିକରୁ ଅଧିକ ବ୍ୟାଙ୍କ ଶାଖା ଡିଜିଟାଇଜେସନ ପ୍ରକ୍ରିୟାରେ ସାମିଲ ହେବ। ଏମିତି ଦେଶର ସବୁ ବ୍ୟାଙ୍କରେ ଏବେ ଡିଜିଟାଲ ପ୍ରକ୍ରିୟା ଚାଲିଛି। କିନ୍ତୁ ଅନେକ ଲୋକ ଏ ସମ୍ପର୍କରେ ଶତ ପ୍ରତିଶତ ସଚେତନ ବା ଅଭ୍ୟସ୍ତ ନୁହଁନ୍ତି। ତେଣୁ ଅନେକ ମାନୁଆଲ କାରବାରକୁ ଏବେ ସୁଦ୍ଧା ଛାଡ଼ିପାରିନାହାଁନ୍ତି। ଏଟିଏମରୁ ଟଙ୍କା ଉଠାଇବା ମଧ ଅନେକଙ୍କ ପାଇଁ କାଠିକରପାଠ। ଅନଲାଇନ ପେମେଣ୍ଟ ତ ବହୁ ଦୂର କଥା। ସେମାନଙ୍କୁ ଏଥିରେ ଅଭ୍ୟସ୍ତ ହେବାକୁ ପଡ଼ିବ। ଅନଲାଇନ କାରବାର ସବୁଠାରୁ ସହଜ ଏବଂ ଦ୍ରୁତତର। ଇଣ୍ଟରନେଟ ଯୁଗରେ ଏହାକୁ ଆପଣାଇବା ନିହାତି ଜରୁରୀ। ସେ ଦୃଷ୍ଟିରୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୭୫ଟି ଡିବିୟୁ ଉଦଘାଟିତ ହେବା ଏକ ମହତ୍ୱପୂର୍ଣ୍ଣ ଘଟଣା। ଡିଜିଟାଲ ଇଣ୍ଡିଆ ରିଭଲ୍ୟୁସନରେ ଏହା ଆଉ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଇପାରେ। ବର୍ତ୍ତମାନର ଯୁଗ ହେଲା ଡିଜିଟାଲ ବା ଅନଲାଇନର ଯୁଗ। ସବୁ କିଛି ଘରେ ବସି ଅନଲାଇନ ମାଧମରେ କରାଯାଇପାରୁଛି। ଏବେ ପ୍ରତି ଲୋକଙ୍କ ନିକଟରେ ସ୍ମାର୍ଟ ଫୋନ ରହିଛି। ଏହି ଫୋନ ମାଧମରେ ସବୁ କିଛି ସମ୍ଭବ ହୋଇପାରୁଛି। ଆଗକୁ ୫-ଜି ଆସୁଛି। ଏହା ଫଳରେ ଇଣ୍ଟରନେଟ ଆହୁରି ଦ୍ରୁତତର ହେବ ଏବଂ ଲୋକଙ୍କୁ ସବୁ ପ୍ରକାର ସେବା ଅତି ସହଜରେ ମିଳିଯିବ। କରୋନା ମହାମାରୀ ବେଳେ ଯେତେବେଳେ ସ୍କୁଲ-କଲେଜ ସବୁ ବନ୍ଦ ରହିଲା ସେତେବେଳେ ଅନେକ ଘରେ ବସି ଅନଲାଇନରେ ପାଠ ପଢ଼ିଲେ। ଅନଲାଇନରେ ପରୀକ୍ଷା ବି ଦେଲେ। ବିମୁଦ୍ରାକରଣ ପରେ ସରକାର ନଗଦ କାରବାରକୁ ଯଥାସମ୍ଭବ ହ୍ରାସ କରି ଡିଜିଟାଲ ପେମେଣ୍ଟ ମାଧମରେ କାରବାରକୁ ଅଧିକ ଗୁରୁତ୍ୱ ଦେଲେ। କେନ୍ଦ୍ର ସରକାର ଏଥିପାଇଁ ସମସ୍ତଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ରହିବା ନିହାତି ଜରୁରୀ ବୋଲି ମନେ କରି ଏଥିଲାଗି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କଲେ। ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ପଠାଗଲା। ଏହା କୁହାଯାଉଛି ଡିବିଟି। ଏଥିରେ ଚଞ୍ଚକତା ଅନେକାଂଶରେ ହ୍ରାସ ପାଇଛି। ଧିରେ ଧିରେ ଲୋକେ ଡିଜିଟାଲ ପେମେଣ୍ଟ ସହିତ ଅଭ୍ୟସ୍ତ ହେଉଛନ୍ତି। ଅବଶ୍ୟ ଡିଜିଟାଲ କାରବାର ସହିତ ଅଭ୍ୟସ୍ତ ନଥିବା ଲୋକଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। କିନ୍ତୁ ସେହି ସମୟ ଆଉ ବେଶୀ ଦୂର ନାହିଁ, ଯେତେବେଳେ ଲୋକେ ଘରେ ବସି ସବୁ କାରବାର କରିବେ। ଏପରିକି ଘରେ ବସି ଅନଲାଇନ ମାଧମରେ ଖାଇବା ପିନ୍ଧିବାଠାରୁ ଆରମ୍ଭ କରି ସବୁ କିଛି ପାଇପାରିବେ। ଏବେ ବି ସେହି ସୁବିଧା ରହିଛି, କିନ୍ତୁ ସମସ୍ତେ ଏହାକୁ ଗ୍ରହଣ କରିପାରିନାହାଁନ୍ତି। ନିକଟରେ ଆରବିଆଇ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଦେଶରେ କ୍ରେଡିଟ କାର୍ଡ ମାଧମରେ କିଣାବିକା ବଢୁଛି। ସେହିପରି ୟୁପିଆଇରେ ପେମେଣ୍ଟ ବଢ଼ି ଚାଲିଛି। ପ୍ରତି ମାସରେ ଏହା ବୃଦ୍ଧି ପାଉଛି। ଏହା ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ ଏବଂ ଦେଶର ଆର୍ଥିକ ବ୍ୟବସ୍ଥା ପ୍ରତି ଏକ ଶୁଭସଙ୍କେତ। ନଗଦ କାରବାର ଯେତେ ବଢ଼ିବ, କଳାଧନ ଏବଂ ନକଲି ନୋଟ କାରବାର ସେତେ କମିବ। ଆରବିଆଇ ଉପରେ ଟଙ୍କା ଛପାଇବାର ବୋଝ ହାଲୁକା ହୋଇଯିବ। ଆଉ ଲୋକେ ନିଜ ପାଖରେ ଥିବା କଳାଧନକୁ ଲୁଚାଇପାରିବେ ନାହିଁ। ଜଣେ ବ୍ୟକ୍ତିର ବ୍ୟାଙ୍କ ଆକାଉଣ୍ଟରେ କେତେ ଟଙ୍କା ରହିଛି , କେତେ ଆୟ କରୁଛନ୍ତି ତାହା ସ୍ପଷ୍ଟ ହୋଇଯିବ। ତେଣୁ କେହି ଟିକସ ଫାଙ୍କିପାରିବେ ନାହିଁ। ଏହା ହିଁ ଡିଜିଟାଲ କାରବାରର ଫାଇଦା। ଗୋଟିଏ ବାକ୍ୟରେ କହିଲେ ଦେଶରେ ଡିଜିଟାଲ ଯୁଗ ଆରମ୍ଭ ହୋଇଯାଇଛି ଏବଂ ଏ କ୍ଷେତ୍ରରେ ଏକପ୍ରକାର ବୈପ୍ଲବିକ ପରିବର୍ତ୍ତନ ହୋଇଛି। ଦୁର୍ନୀତି, କଳାଧନ କାରବାର, ନକଲି ନୋଟ କାରବାର ରୋକିବାକୁ ଡିଜିଟାଲ ପେମେଣ୍ଟ ହିଁ ଏକମାତ୍ର ଉପାୟ। ପିସି କାରବାର ରୋକିବାକୁ ହେଲେ ଡିଜିଟାଲ କାରବାରକୁ ପ୍ରସାରିତ କରିବାକୁ ପଡ଼ିବ। ୧୦୦ ଟଙ୍କାରୁ ଅଧିକ କେହି ନଗଦ କାରବାର କରିପାରିବେ ନାହିଁ, ଏଭଳି ବ୍ୟବସ୍ଥା ହେଲେ ଦୁର୍ନୀତିଖୋରଙ୍କ ନିଦ ହଜିଯିବ। ଆଶା କରାଯାଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏ ଦିଗରେ ତ୍ୱରିତ ପଦକ୍ଷେପ ନେବେ ଏବଂ ଦେଶରେ କଳାଧନର ପ୍ରସାରକୁ ରୋକିବେ। ଏଥିପାଇଁ ଲୋକଙ୍କୁ ସଚେତନ ଏବଂ ଶିକ୍ଷିତ କରିବାକୁ ପଡ଼ିବ। ଘରେ ଘରେ ଲୋକଙ୍କୁ ନଗଦ କାରବାର ଛାଡ଼ି ଡିଜିଟାଲ କାରବାରକୁ ଆପଣାଇବାକୁ ପ୍ରରୋଚିତ କରିବାକୁ ପଡ଼ିବ। ଏହାର ଫାଇଦା ଏବଂ ଆବଶ୍ୟକତା ସମ୍ପର୍କରେ ବୁଝାଇବାକୁ ପଡ଼ିବ। ଡିଜିଟାଲ କାରବାର କିପରି ସହଜରେ କରାଯାଇପାରିବ ସେ ସମ୍ପର୍କରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଅବଗତ କରାଇବାକୁ ପଡ଼ିବ। ସ୍କୁଲ ସ୍ତରରୁ ଏଥିପାଇଁ ସମସ୍ତଙ୍କୁ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ବୁଝାଇବାକୁ ପଡ଼ିବ। ବ୍ୟାଙ୍କ କାରବାରର ମହତ୍ୱ ସମ୍ପର୍କରେ ଅବଗତ କରାଇବାକୁ ପଡ଼ିବ। ତେବେ ଏ କ୍ଷେତ୍ରରେ ସବୁଠାରୁ ବଡ଼ ପ୍ରତିବନ୍ଧକ ଏବଂ ଅସୁବିଧା ହେଲା ସାଇବର କ୍ରାଇମ। ସାଧାରଣ ଲୋକେ ଏ ସମ୍ପର୍କରେ ଅବଗତ ହେବା ଉଚିତ ଏବଂ ନିଜେ ସତର୍କ ରହିବା ସହିତ ଅନ୍ୟକୁ ସତର୍କ କରାଇବା ଉଚିତ। ନଚେତ ଡିଜିଟାଲ ରିଭଲ୍ୟୁସନ ସଫଳ ହୋଇପାରିବ ନାହିଁ। ସାଇବର କ୍ରାଇମ ରୋକିବାକୁ ହେଲେ ସାଧରଣ ଉପଭୋକ୍ତାଙ୍କୁ ଅଧିକ ସଚେତନ ହେବାକୁ ପଡ଼ିବ। ନିଜ ସଂଚିତ ଅର୍ଥର ସୁରକ୍ଷା ନିମନ୍ତେ ସତର୍କତା ଜରୁରୀ। ଏଥିର ଭାରତ ସରକାର ସମସ୍ତ ପ୍ରକାର ସହଯୋଗ ଏବଂ ସହାୟତାର ହାତ ବଢ଼ାଇବା ଉଚିତ। ଅର୍ଥନୈତିକ ଦୃଷ୍ଟିରୁ ସାଇବର କ୍ରାଇମ ହେଉଛି ଏକ ଆତଙ୍କବାଦ। ଏହି ଆତଙ୍କବାଦର ବିଲୋପ ପାଇଁ ସ୍ୱତନ୍ତ୍ର ବୈଷୟିକ ଜ୍ଞାନ କୌଂଶଳର ପ୍ରୟୋଗ ଆବଶ୍ୟକ।

# ‘ପକ୍ଷୀ ଜଗତର ଶିଳ୍ପୀ’ ବାଇ ଚଢ଼େଇ ଗଲେ କୁଆଡ଼େ






ଡକ୍ଟର ଅମୂଲ୍ୟ କୁମାର ପଣ୍ଡା


ବାଇ ଚଢେଇ ଗୋଟିଏ ଛୋଟିଆ ପକ୍ଷୀ। ଯାହାର କାର୍ଯକଳାପ ଆମେ ପିଲାଦିନେ ଆମେ ସାହିତ୍ୟ ବହିରେ ପଢ଼ିଛେ। ପକ୍ଷୀଟି ଦେଖିବା ପାଇଁ ଯେତିକି ସୁନ୍ଦର ତାର ବସା ତିଆରି କରିବା ଶୈଳୀ ବି ସେତିକି ସୁନ୍ଦର। ସେ ତିଆରି କରିଥିବା ତଳମୁଁହା ବାୟା ବସା ଆଜିର ସମାଜକୁ ଅନେକ କିଛି ଶିଖାଏ। ଭଗବାନଙ୍କ ସୃଷ୍ଟି ବଡ ବିଚିତ୍ର। ଭଗବାନ ତାଙ୍କ ସୃଷ୍ଟିରେ କେତେ ପ୍ରକାର ଜୀବ ଜଗତ ସୃଷ୍ଟି କରିଛନ୍ତି। ତାହା କହିବା ଅସମ୍ଭବ। ତେବେ ବାଇ ଚଢ଼େଇର କଥା ମନକୁ ଆସିଲେ ଆଜି ତାହା ବିରଳ ହେବାକୁ ବସିଲାଣି। କୋଉଠି ବା ଅଳ୍ପ ଅଳ୍ପ ଦେଖିବାକୁ ମିଳୁଛି କିନ୍ତୁ ତାଙ୍କ ସଂଖ୍ୟା ଘଟିବାର ଲାଗିଛି। ଧୀରେ ଧୀରେ ଲୋପ ପାଇବାକୁ ବସିଲେଣି ବାଇ ଚଢେଇ।

ଆଜିର ଏ ଚାକଚକ୍ୟ କଙ୍କ୍ରିଟ ଦୁନିଆରେ ଲୋପ ପାଇବାକୁ ବସିଛନ୍ତି ମଣିଷ ସମାଜକୁ ପ୍ରେରଣା ଦେଉଥିବା ବାଇ ଚଢେଇ ଅନେକ ଉତ୍ସ। କ୍ଷୁଦ୍ର ଏହି ପକ୍ଷୀ ବାଇ ଚଢେଇ ହେଲେ କଣ ହେବ ଏହାର ଜ୍ଞାନ କୌଶଳ ଏବଂ ବସା ନିର୍ମାଣ କାରିଗରୀ ମଣିଷକୁ ବଞ୍ଚିବାର କୌଶଳ ସିଖାଇଦିଏ। କବିଟିଏ ହେଉ ଅବା ଗୀତିକାର ରାସ୍ତାରେ ଯାଉଥିବା ସମୟରେ ଏଇ ବାଇ ଚଢେଇ ବସାଟିକୁ ଦେଖିଲେ ସୁନ୍ଦର ସୁନ୍ଦର କବିତା ଓ ଗୀତ ଆରମ୍ଭ କରିଦିଅନ୍ତି। ଟିକି ବାଇ ଚଢ଼େଇ ସମାଜକୁ ଦିଏ ବଡ ସଂଦେଶ। ହେଲେ ଆଜି ବିପଦରେ ଏହି ପକ୍ଷୀ, ମଣିଷ ଜଙ୍ଗଲ କାଟି ଗଢୁଛି କଂକ୍ରିଟ ସହର, ଲୋପ ପାଉଛନ୍ତି ସମାଜକୁ ପ୍ରେରଣା ଯୋଗାଉଥିବା ଏହିପକ୍ଷୀ। ବାଇ ଚଢେଇ ଗୋଟିଏ ଛୋଟିଆ ପକ୍ଷୀ। ଯାହାର କାର୍ଯ୍ୟକଳାପକୁ ନେଇ ଆମ ପିଲାଦିନେ ସାହିତ୍ୟ ବହିରେ ପଢ଼ିଛେ। ପକ୍ଷୀଟି ଦେଖିବାକୁ ଯେତିକି ସୁନ୍ଦର ତାର ବସା ତିଆରି କରିବା କୌଶଳ ବି ସେତିକି ସୁନ୍ଦର। ସେ ତିଆରି କରିଥିବା ତଳମୁହାଁ ‘ବାୟା ବସା’ ଆଜିର ସମାଜକୁ ଅନେକ କିଛି ଶିଖାଏ। ତା ଜୀବନ ଶୈଳୀ ଲୋକଙ୍କୁ ବଂଚିବାର ବାଟ ଦେଖାଏ। ହେଲେ ଆଜିର ଏହି ଆଧୁନିକ ଚାକଚକ୍ୟ କଂକ୍ରିଟ ଦୁନିଆରେ ଲୋପ ପାଇବାକୁ ବସିଛନ୍ତି ମଣିଷ ସମାଜକୁ ପ୍ରେରଣା ବାଇ ଚଢେଇ ଭଳି ଅନେକ ଉତ୍ସ। ନାନାବାୟା ଗୀତ ଗାଇ ପିଲାକୁ ସୁଆଇ ଦିଏ ମାଆ। ବାଇ ଚଢେଇର ଉଦାହରଣ ଦେଇ ପିଲାଟି ଦିନରୁ ଜଣେ ଛୁଆକୁ ଜୀବନର ମୂଲ୍ୟ ବୁଝାଏ ମାଆ। କେବଳ ଏତିକି ନୁହେଁ ମଣିଷ ଜୀବନର ପ୍ରତିଟି ପାହାଚରେ ବାଇ ଚଢେଇର ଉଦାହରଣ ପରିଲକ୍ଷିତ ହୁଏ। ସେ ଘର ତୋଳିବା ହେଉ ବା ଭବିଷ୍ୟତ ପାଇଁ ପୁଂଜି ସଂଚୟ କରିବା, ସବୁ କ୍ଷେତ୍ରରେ ମଣିଷଠୁ ପାଦେ ଆଗରେ ଏହି ଛୋଟିଆ ପକ୍ଷୀ। କ୍ଷୁଦ୍ର ଏକ ପକ୍ଷୀ, ବାଇ ଚଢେଇ। ହେଲେ ଏହାର ଜ୍ଞାନ କୌଶଳ ଏବଂ ବସା ନିର୍ମାଣ କାରିଗରୀ, ମଣିଷ ଶିଖାଇ ଦିଏ ଜୀବନ ଜିଇଁବାର କୌଶଳ। ନିଜ ଛୁଆକୁ ସୁରକ୍ଷିତ ରଖିବା ସହ ନିଜେ ସୁରକ୍ଷିତ ରହିବା ପାଇଁ ଜନବସତି ଠାରୁ ଢ଼େର ଦୂରରେ, ଉଚ୍ଚ ଗଛରେ ନିଡଟିଏ ତିଆରି କରେ ମାଆ ବାଇ ଚଢେଇ। କୁନି ଥଂଟରେ କାଠି କୁଟା ସଂଗ୍ରହ କରି ଗଛ ଡାଳରେ ଏକ ସୁନ୍ଦର ବସାଟିଏ ଝୁଲେଇ ଦିଏ। ବସାର ମୁହଁକୁ ତଳମୁହାଁ କରେ। ଫଳରେ ବାୟା ବସା ପବନରେ ଦୋହଲେ ସିନା ହେଲେ ବର୍ଷା-ଖରାରୁ ତା ବାଇ ଚଢେଇକୁ ସୁରକ୍ଷା ଦିଏ।

ପଲ୍ଲୀ କବି ନନ୍ଦକିଶୋର ବଳଙ୍କ ଧୋରେ ବାୟା ଧୋ, ସେହପରି ସ୍‌ଵଭାବ କବି ଗଙ୍ଗାଧର ମେହେର ଏବଂ ଗାଳ୍ପିକ କୈଳାସ ପଟ୍ଟନାୟକ ତାଙ୍କର ସ୍ଥାବର ଜଙ୍ଗମ ଉପନ୍ୟାସରେ ବାଇ ଚଢେଇକୁ ସ୍ଥାନ ଦେଇଛନ୍ତି। କୃଷକ ଟିଏ ହେଉ କି ବାଟରେ ଯାଉଥିବା ବାଟୋଇ ଟିଏ ହେଉ ଏଇ ମୂର୍ଚ୍ଛନା କୁଦେଖିଲେ ସବୁ ଦୁଃଖ କଷ୍ଟ ଭୁଲି ଯାଏ। ଟିକି ଚଢ଼େଇଟି ହେଲେ ମଧ ତାର ଛୋଟିଆ ଥଣ୍ଟରେ କାଠିକୁଟା ସଂଗ୍ରହ କରି ତାର ବସା ତିଆରି କରିଥାଏ। ଆଜିକାଲି ଆଉ ସେଇ ବାଈ ଚଢ଼େଇର ବାୟା ବସା ଆଉ ଦେଖିବାକୁ ମିଳୁନାହିଁ। ବାଇ ଚଢେଇରେ ବାଇ ଚଢେଇ ବା କଲେ ବସା ଦୋହଲୁ ଥାଇ। ବାଇ ଚଢେଇରେ ବାଇ ଚଢେଇ ତୋ ମା ଯାଇଛି ଗାଈ ଚରେଇ, ଗଭୀର ବିଲରୁ ଆଣିବ ବେଲ କୋଳରେ ବସେଇ ତତେ କରିବ ଗେଲ ଭଳି ପିଲା ଦିନେ ଏଭଳି ଅନେକ ଗୀତ ମାଆଙ୍କ ଠାରୁ ଶୁଣିଥିଲେ। ଗାଆଁ ହେଉ ଅବା ସହର ବାୟା ଚଢ଼େଇଙ୍କୁ ଲକ୍ଷ୍ୟ କରି ଅନେକ ଶିଶୁଗୀତ ରଚିତ ହୋଇଅଛି ଓ ଶୁଣିବାକୁ ମିଳେ। ଯଥା - ଧୋଓରେ ବାୟା ଧୋ ! ଯେଉଁ କିଆରିରେ ଗହଳ ମାଣ୍ଡିଆ ସେହି କିଆରିରେ ଶୋ। ବାୟାର କି ଯାଏ, ବାଆ କଲେ ବସା ଦୋହେଲୁ ଥାଏ। ବାୟା ମାଆ ଯେ ସରୁ କାଟେଣୀ, ଝିଅକୁ ପିନ୍ଧାଏ ପାଟ ପତନୀ, ପୁଅକୁ ପିନ୍ଧାଏ ନେତ, ଆପେ ପିନ୍ଧିଥାଏ କଳା ବୋଇତ ଲୋ, ଉଡ଼େଇ ନଉଛି ଭୂତା ଗୋଟିଏ ପଟେ ଗାଁ ଅନ୍ୟପଟେ ବାଇ ଚଢ଼େଇର ବସାକୁ କବିଟିଏ କେତେ ଭାବେ ସୁନ୍ଦର କବିତା ଲେଖିବା ପାଇଁ। ପରିବେଶପ୍ରେମୀଙ୍କୁ ବେଶ ଆନନ୍ଦ ଦେଇଥାଏ ବାଇ ଚଢ଼େଇର ଏଇ କିଚିରିମିଚିରି ଶବ୍ଦ। ବର୍ତ୍ତମାନ ଦ୍ରୁତ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଜଙ୍ଗଲ ନଷ୍ଟ ଫଳରେ ଜୀବଜଗତ ଉପରେ ଏହାର କୁପ୍ରଭାବ ପଡିଛି। ଏହାରି ଭିତରେ ଲୋପ ପାଇବାକୁ ବସିଲାଣି ବାଇ ଚଢେଇ। ତେବ ପ୍ରକୃତିପ୍ରେମୀ ଓ ସାଧାରଣ ଲୋକେ ବାଇ ଚଢ଼େଇର ସୁରକ୍ଷା ପାଇଁ ପାଇଁ ଆଗେଇ ଆସିଲେ ଆଗପାରି ପୁଣି ଶୁଭିପାରାନ୍ତ ବାଇ ଚଢ଼େଇର ସେଇ ଗୀତ। ବାୟା ଚଢ଼େଇରେ ବାୟା ଚଢ଼େଇ, ତୁ ଯାଆ ଯାଆ ବଣକୁ, କୁହୁଡ଼ି କାକର ମାଡ଼ି ଆସୁଛି ତୋ ଟାଙ୍ଗରା ମୁଣ୍ଡକୁ। କୁନି ଚଢ଼େଇଟି ନିଜର ପରିବାର ସହ ରହିବା ପାଇଁ ବଡ଼ ବଡ଼ ଗଛରେ ବସା ବାନ୍ଧି ଥାଏ। ସେମାନେ ଏଭଳି ବସା ତିଆରି କରିଥାନ୍ତି ଯାହା ବର୍ଷା ହେଉ କି ଝଡ କୌଣସି କ୍ଷତି ପହଞ୍ଚି ନଥାଏ। ତଥାପି ଝଡ ବତାସକୁ ଖାତିର ନ କରି ବିଭିନ୍ନ ଗଛରେ ସୁଲୁସୁଲିଆ ପବନରେ ନିଜର ସ୍ୱର ବାହାର କରି ସଂଗୀତର ଅପୂର୍ବ ମୂର୍ଚ୍ଛନା ଗାନ କରିଥାଏ।

ଏହି ଛୋଟ ସୁନ୍ଦର ବାଇ ଚଢେଇ ତାଳ, ନଡ଼ିଆ ଓ ଅନ୍ୟ ବଡ଼ ବଡ଼ ଗଛର ଅଗ ଡାଳରେ ପତ୍ରମାନଙ୍କ ସରୁ ତନ୍ତୁଦ୍ୱାରା ବୋତଲ ପରି ସରୁମୁହାଁ ବସା ବୁଣି ଝୁଲାଇ ଥାଆନ୍ତି ଓ ବସାର ତଳ ପାଖେ ବାଟ ରଖି ଥାଆନ୍ତି ଏମାନେ ଦଳ ଦଳ ଆସି ପାଚିଲା ଧାନ କ୍ଷେତରୁ ବହୁତ ଧାନ ଖାଇ ଯାଆନ୍ତି ଯାହା ଦେଖିବାକୁ ଭାରି ଭଲ ଲାଗେ। ସବୁଠାରୁ ବଡ କଥା ହେଉଛି ଆଜିର ଦୁନିଆରେ ମଣିଷ ଯୌଥ ପରିବାରରୁ ଦୂରେଇ ଯାଉଥିବା ବେଳେ ଏମାନେ ଗୋଷ୍ଠୀଗତ ଭାବେ ରହୁନ୍ତି। ଆଉ ଏ ମଣିଷ ସମାଜକୁ ବୁଝାଇ ଦିଅନ୍ତି, ଗୋଟିଏ ପରିବାରରେ ଏକାଠି ରହିବାର ମହତ୍ୱ କେତେ। ବାଇ ଚଢେଇର ଜୀବନ ଶୈଳୀ ଆଗକୁ ଆସୁଥିବା ଝଡଝଂଜାକୁ ସାମ୍ନା କରିବା ପାଇଁ ସାହସ ଯୋଗାଏ। ସବୁ ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପ୍ରେରଣା ଦିଏ। କେବଳ ବାଇ ଚଢେଇ ନୁହେଁ, ପ୍ରାକୃତିକ ପରିବେଶ ଓ ଜୀବଜଗତ ଲୋକଙ୍କୁ ଅନେକ କିଛି ଶିଖାଏ, ହେଲେ ଆଜିର ଏହି ଆଧୁନିକ ସମାଜରେ ମଣିଷ କଂକ୍ରିଟ୍ ସହର ତୋଳୁଥିବା ବେଳେ ବାଇ ଚଢେଇ ଭଳି ଅନେକ ପ୍ରେରଣାର ଉତ୍ସ ଲୋପ ପାଇବାରେ ଲାଗିଛି।

ବାଇ ଚଢେଇ ର ବିଭିନ୍ନ ରୂପ ଅଛି। ବାୟା ଚଢ଼େଇଙ୍କୁ କେହି କେହି 'ତାଳବାୟା' କୁହଯାଏ। ଏମାନେ ତାଳ ଗଛ ଅଗରେ ବାୟା ଚଢ଼େଇଙ୍କ ପରି ବସା ବାନ୍ଧନ୍ତି। ଏମାନଙ୍କ ଥଣ୍ଟ ବାପାଙ୍କଠାରୁ ଟିକେ ଛୋଟ ଓ ଥଣ୍ଟର ଅଗ ବଙ୍କା ଓ ଚଉଡ଼ା ଏମାନେ ଉଡ଼ି ଉଡ଼ି ପୋକ ଧରି ଖାଆନ୍ତି। ଜଙ୍ଗଲ କାଟି ଲୋକେ ଏବେ ଘର ତିଆରି କରୁଛନ୍ତି। ଯାହା ଫଳରେ ବାଈ ଚଢ଼େଇଟିଏ ରହିବାକୁ ଆଉ ଜାଗା ପାଉନି। ତେଣୁ ଜୀବ ଜଗତର ଏଇ ବିଚିତ୍ର ପକ୍ଷୀ ଏବେ ବିଲୁପ୍ତପ୍ରାୟ। ସାଧାରଣତଃ ମେ ମାସରୁ ସେପ୍ଟେମ୍ବର ମାସ ମଧରେ ବାଈ ଚଢ଼େଇ ତା'ର ବସା ବାନ୍ଧିଥାଏ। ଆଉ ଏ ବସା ଦେଖିବାକୁ ଖୁବ ସୁନ୍ଦର। ଯଦି ଝଡ଼ ଆସେ ଆଉ ବସାକୁ ଛିଡାଇ ଦିଏ ତଥାପି ବାଈ ଚଢ଼େଇ ହାର ମାନି ନଥାଏ। ଗାଁ, ଗଛ ଓ ବାଈ ଚଢ଼େଇ ଏମାନେ ଯେମିତି ପରସ୍ପର ଭିତରେ ଜଡ଼ିତ। ମଣିଷର ଆଧୁନିକ ଜୀବନଶୈଳୀ ପ୍ରକୃତିକୁ ଅନେକ ମାତ୍ରାରେ ପ୍ରଭାବିତ କରିଛି। ଝାଟିମାଟି ଚାଳଘର ଏବେ ପକ୍କାଘରରେ ପରିଣତ ହୋଇଛି। ଗାଁର କାଦୁଅ ମାଟି ରାସ୍ତା ସହରୀ ପକ୍କାରାସ୍ତା ଭଳି ଚିକ୍ ଚିକ୍ କରୁଛି। ଏଭଳି ଚାକଚକ୍ୟ ଜୀବନଶୈଳୀ ଭିତରେ ମଣିଷ ଅନେକ କିଛି ହରେଇସାରିଛି, ଯାହାସବୁ ଆଜିର ପିଲାଙ୍କ ପାଇଁ କାହାଣୀ ପାଲଟିଯାଇଛି। ଚାଳଘର ଲୋପପାଇବା କାରଣରୁ ଘର ଚଟିଆକୁ ଆଉ ଦେଖିବାକୁ ମିଳୁନାହିଁ। ରାସ୍ତାକଡ଼ରେ ଥିବା ବଡ ବଡ ତାଳଗଛ ଧ୍ୱଂସ ପାଇବା ଫଳରେ ଘର ଚଟିଆ ପରି ବାଇ ଚଢେଇ ବସା କି ବାଇ ଚଢେଇକୁ ଦେଖିବାକୁ ମିଳୁନାହିଁ। ଯାହାକି ବର୍ତମାନ ପିଲାଙ୍କ ପାଇଁ ବାଇ ଚଢେଇ ଏବଂ ତାର ବସା ଏକ କାହାଣୀ ପାଲଟିଯାଇଛି। ବାଇ ଚଢେଇ ଭଳି କ୍ଷୁଦ୍ର ପକ୍ଷୀର ବାୟା ବସା ମଣିଷ ପାଇଁ ଅନେକ ପ୍ରେରଣା ଯୋଗାଇଥାଏ। ବଡ ବଡ ତାଳଗଛରେ ଲମ୍ବା ଲମ୍ବା ସରୁ ଲହ ସାହାଯ୍ୟରେ ତାର କୁନି ଥଣ୍ଟରେ ତିଆରି କରିଥାଏ ତା'ର ବାୟା ବସା। ଏହା ଦେଖିବାକୁ ଯେମିତି ସୁନ୍ଦର ଲାଗେ। ସେପରି ଏତେଛୋଟ କ୍ଷୁଦ୍ରପକ୍ଷୀ ଏତେ ଉଚ୍ଚାରେ କୁନି ଥଣ୍ଟରେ ତିଆରିଥିବା ବାୟାବସା କଥା ମଣିଷ ମନରେ ଅନେକ ପ୍ରଶ୍ନ ଛିଡା କରିଥାଏ। ବାଇ ଚଢେଇ ବସା ବର୍ଷା, ଝଡ ପବନରେ ଝୁଲୁଥିବା ଦେଖିଲେ ବହୁତ ଆନନ୍ଦ ଲାଗେ। ତା'ର କିଚରି ମିଚରି ଶବ୍ଦ ପରିବେଶକୁ ଗୁଞ୍ଜରିତ କରିଥାଏ। ଏମାନଙ୍କ ସଂରକ୍ଷଣ ଓ ବଂଶ ବୃଦ୍ଧି ପାଇଁ ଆମେ ସଜାଗ ହେବା ସହିତ ସରକାର ସ୍ତରରେ ମଧ ପ୍ରଚେଷ୍ଟା ରହିବା ମଧ ନିତ୍ୟାନ୍ତ ଆବଶ୍ୟକ।


**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ: ୮୨୪୯୫୦୨୭୭୬**


# ଘର ନୁହେଁ ମୋର ସିଏ ସରଗପୁର, ମୋ ଘରେ ମୋ ପିତାମାତା ଚଳନ୍ତି ଠାକୁର


ନିରୂପମା ଭୂୟାଁ




ନାରୀକୁ ଦିଆଯାଉଥିବା ପଦବୀ ଗୃହଲକ୍ଷ୍ମୀ, ଘର ଓ ପରିବାରର ସବୁପ୍ରକାର ସମୃଦ୍ଧି, ଆଦର ଓ ସୁନାମ ବୃଦ୍ଧି କରିବା ନାରୀ ଠାରୁ ଆଶା କରାଯାଏ। ଆଉ ଏକ ନାମ ଅର୍ଦ୍ଧାଙ୍ଗୀନୀ, ସ୍ୱାମୀର ଅର୍ଦ୍ଧାଙ୍ଗୀନୀ ଓ ତାକାମରେ ସହଯୋଗୀ ଅଟେ। ତା'ପରେ ଘରଣୀ ଘର ଭିତରେ ମାଲିକ, ଚତୁର୍ଥ ଉପାଧି ଧର୍ମପତ୍ନୀ, କାରଣ ଘର ହେଉଛି ସମସ୍ତ ଧର୍ମ କର୍ମର ପୀଠସ୍ଥଳ। "ଘର ନୁହେଁ ମୋର ସିଏ ସରଗପୁର, ମୋ ଘରେ ମୋ ପିତାମାତା ଚଳନ୍ତି ଠାକୁର।' ସତ୍ୟ ଧର୍ମ ଶାନ୍ତି ପ୍ରେମ ମୋ ଭାଇ ଭଉଣୀ, ଅହିଂସା ପଥରେ ନାମ କେବେ ଝୁଣ୍ଟିବନି।' ସେଥିଲାଗୁ କୁହାଯାଉଛି ପ୍ରଥମେ ଘର ତା'ପରେ ଅନ୍ୟ ଚିନ୍ତା କର। ନାରୀମାନଙ୍କୁ ସାମାନ୍ୟ ମନେ କରିବା ଉଚିତ ନୁହେଁ। ନାରୀମାନେ ସାତ ପ୍ରକାର ଶକ୍ତିର ଅଧିକାରୀ ପୁରୁଷ ତିନୋଟି ଗୁଣର ଅଧିକାରୀ। ନାରୀମାନଙ୍କୁ ପୁରୁଷମାନଙ୍କ ଠାରୁ ହୀନ ମନେକରିବା ପାପ। ନାରୀ ସେମାନଙ୍କ ମୃତ ପତିମାନଙ୍କୁ ଫେରାଇ ଆଣିବାକୁ ଚେଷ୍ଟା କରନ୍ତି। ପୁରୁଷ ନୁହେଁ ସଙ୍ଗେ ସଙ୍ଗେ ଦ୍ୱିତୀୟ ପତ୍ନୀ ଗ୍ରହଣ କରିବାର ଆଗଭର। ସୀତା ପବିତ୍ରତାର ସ୍ୱରୂପ। ପରମ ପତିବ୍ରତା ନାରୀ। ତାଙ୍କ ହୃଦୟ ନିର୍ମଳ। ସୁମିତ୍ରା, ଉର୍ମିଳା ତ୍ୟାଗର ପ୍ରତୀକ। ଯେତେବେଳେ ଲକ୍ଷ୍ମଣ ସୁମିତ୍ରାଙ୍କ ପାଖକୁ ଯାଇ ଆଶୀର୍ବାଦ ଭିକ୍ଷାଲାଭ କଲେ ସେତେବେଳେ ସୁମିତ୍ରା ଲକ୍ଷ୍ମଣଙ୍କୁ କହିଥିଲେ ହେ ମୋର ପ୍ରିୟ ପୁତ୍ର ରାମ ତୋର ପିତା, ସୀତା ତୋର ମାତା ସେମାନଙ୍କ ସେବାରେ ତୋର ଯେପରି ପ୍ରତିବନ୍ଧକ ନହେଉ। ଏପରି କଥା କୌଣସି ମାତା କହିପାରିବ ନାହିଁ। ତା'ପୁଅ ରାମ ପାଇଁ ଚଉଦ ବର୍ଷ ବନକୁ ଯାଉ। ସେହିପରି ଉର୍ମିଳା ସେ ଲକ୍ଷ୍ମଣଙ୍କୁ ବନକୁ ଯିବାର ବାରଣ ନକରି ସେ କିପରି ଉର୍ମିଳା କଥା ନଭାବି ରାମ ସୀତାଙ୍କ ସେବା କରିବେ ସେ ତାଙ୍କର ସ୍ୱାମୀଙ୍କୁ କହିଥିଲେ।

ମନ୍ଦୋଦରୀ ମଧ ରାବଣ ଅସତ୍ ପଥରେ ଯାଉଥିବା କେତେ ବୁଝାଇଥିଲେ। ଯେତେବେଳେ ସୀତା ଅଶୋକ ମନରେ ସେ ରାବଣଙ୍କୁ କହିଥିଲେ ଯଦି ଅନ୍ୟଜଣଙ୍କ ପତ୍ନୀ ଅପହରଣ କରିବା ସବୁଠୁ ଜଘନ୍ୟ ଅପରାଧ। ଟିକେ ଚିନ୍ତାକର ଯଦି ମୋତେ କିଏ ଅପହରଣ କରିନିଏ ତୁମର ଅବସ୍ଥା କ'ଣ ହେବ। ପତ୍ନୀର ଅଧିକାର ଅଛି ସ୍ୱାମୀ କୁପଥରେ ଗଲେ ବାରଣ କରିବା। ରାବଣ ମନ୍ଦୋଦରୀ କଥା ଶୁଣିନଥିଲେ ରାବଣର ନିହତ ହେଲା। କୁନ୍ତୀ ହେଉଛନ୍ତି ଆଦର୍ଶ ଭକ୍ତିର ପ୍ରତୀକ। ସେ କୃଷ୍ଣଙ୍କୁ ମୁଁ ଦେହତ୍ୟାଗ କରି ତୁମ ପାଦତଳେ ବିଲୀନ ହେବାଯାଏ ମୋତେ କଷ୍ଟ ଦେଉଥାଅ। କୃଷ୍ଣ କହିଥିଲେ ଯେହେତୁ ମହାରାଜ ପଣ୍ଡୁଙ୍କୁ ବିବାହ କଲାଦିନଠୁ କଷ୍ଟ ପାଉଛ। ତାହା ଯଥେଷ୍ଟ ନୁହେଁ କି ? କୁନ୍ତୀ କହିଥିଲେ କଷ୍ଟ ଭୋଗିବାରେ ଯେଉଁ ସୁଖ ଅଛି ତାହା କେବଳ ମୁଁ ଜାଣେ କାରଣ ଯେ ପିଲାମାନେ ଓ ମୁଁ ତୁମର ଯେଉଁ ଦିବ୍ୟ ସାନ୍ନିଧ ଉପଭୋଗ କରିଆସୁଛି ତାହାହିଁ ମୋତେ ଆନନ୍ଦ ଦେଉଛି। ସେହିପରି ନାରୀ ଦୌପଦୀ ଦୟାର ମୂର୍ତ୍ତୀମନ୍ତ ଅଶ୍ୱତ୍‌ଥାମା ଉପପାଣ୍ଡବଙ୍କୁ ହତ୍ୟା କରିସାରିଲାପରେ। ଯେତେବେଳେ ଦୌପଦୀ ଏତେ ଦୁଃଖ ସହି ମଧ ଅର୍ଜ୍ଜୁନଙ୍କୁ କହିଥିଲେ। ମୁଁ ଯେପରି ମୋର ପୁତ୍ର ମୃତ ପରେ ଯେତେ ଦୁଃଖ ପାଉଛି ମୁଁ ଚାହେଁ ନାହିଁ ମୋପରି କେହି ମାତା ଦୁଃଖ ପାଉ।

ଏ ପୁରାଣ ବର୍ଣ୍ଣିତ କଥା ଗଲା ସେହିପରି ପୂତଳୀବାଇ, ଶାରଳା ଦେବୀ, ମଦର ଟେରେସା, ରମାଦେବୀ, ଏମିତି କେତେ ଯେ ମହିମାନାରୀ ଆମ ଦେଶରେ ଆମ ପାଇଁ ଚିରସ୍ମରଣୀୟ ହୋଇଛନ୍ତି ତାର କଳନା ନାହିଁ। ନାରୀ ହୃଦୟ ଅଟନ୍ତି ପବିତ୍ର କାରଣ ତାହା ଅମୃତତମ ପ୍ରେମ କରୁଣାର ପରିପୂର୍ଣ୍ଣ ବେଳେ ବେଳେ ନାରୀମାନେ ରାଗି ଯାଆନ୍ତି କାରଣ ସେମାନେ କିନ୍ତୁ ସେମାନେ ସଙ୍ଗେ ସଙ୍ଗେ ମିଳାମିଶା କରନ୍ତି। କଳିଯୁଗର ପ୍ରଭାବ ଯୋଗୁଁ ଅର୍ବାଚିତ ନାରୀମାନଙ୍କ ଠାରେ ବେଳେବେଳେ ପ୍ରେମଭାବର ଅଭାବ କଥାଯାଉଛି। ସେହିପରି କ୍ୱଚିତ ନାରୀ ମାନଙ୍କ ପାଇଁ ଘର ପରିବାର ଭିତରେ ଭିନ୍ନ ଭାବନା ସୃଷ୍ଟି ହେଉଛି। ଅନେକ ପରିବାର ଭାଙ୍ଗି ଯାଉଛି ଏବଂ ଭାଇ ଭାଇଙ୍କ ଭିତରେ ସମ୍ପର୍କ ମଧ ତିକ୍ତ ଆସି ଅତ୍ୟନ୍ତ ଜଟିଳପୂର୍ଣ୍ଣ ଓ ଆହ୍ୱାନ ଦାୟକ ସମସ୍ୟା ସୃଷ୍ଟି କରୁଛି। କିନ୍ତୁ ଆଜି ଗୁଣବତୀ ଓ ଶୀଳବତୀ ନାରୀ ଅଛନ୍ତି। ଏଦାଦୃଶ ମହିମାମୟୀ ନାରୀମାନଙ୍କ ଉପରେ ନିର୍ଭର କରେ। ତେଣୁ ସେମାନଙ୍କୁ ହୀନ ଦୃଷ୍ଟିରେ ଦେଖିବାନାହିଁ ସବୁ ବୟସ୍କା ନାରୀମାନଙ୍କୁ ଆମେ ଆମର ମାତା ଭାବରେ ଓ ଅଳ୍ପ ବୟସ୍କା ଆମର ଭଉଣୀ ଭାବରେ ଦେଖିବା। ମାତା ଜଣେ ସାଧାରଣ ନାରୀ ନୁହନ୍ତି। ସେ ଦେବୀ ସ୍ୱରୂପିଣୀ ତାଙ୍କର ପ୍ରାର୍ଥନା କର। ଥରେ ଆମେ ଆମର ମାତା ଆଶୀର୍ବାଦ ଲାଭ କଲେ ପୃଥିବୀର ଯେ କୌଣସି କଥା ହାସଲ କରିବ ତାକୁ କଦାପି ଅବଜ୍ଞା ଅପ୍ରସନ୍ନ କରିବାନାହିଁ। "ନାରୀ ଅସମ୍ମାନ କରନାହିଁ କେବେ, ନାରୀ ନାମେ ଆମ ଦେଶ। ଯେଉଁ ଘରେ ନାରୀ ଲୁହକୁ ଗଡ଼ାଏ, ସେ ଘର ହୁଅଇ ଧ୍ୱଂସ।'


**ପୂର୍ବତନ ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର,**
**ମୋବାଇଲ୍: ୯୯୩୭୪୭୦୯୮୦**


# ସୁଖ ଦୁଃଖ ନୁହେଁ ଏ ଜୀବନ ଲକ୍ଷ୍ୟ, ଏକା କର୍ତ୍ତବ୍ୟ ସାଧନ




କିଶୋର କୁମାର ଜେନା


ଈଶ୍ୱରଙ୍କ ସହିତ ସଂଯୁକ୍ତ ହୋଇଯିବାର ନାମ, ଈଶ୍ୱରଙ୍କ ପାଦରେ ନିବାସ କରିବାର ନାମ ଯୋଗ। ଈଶ୍ୱରନ୍ୟସ୍ତ ଜୀବନ ଶାଶ୍ୱତ ଆନନ୍ଦ ପ୍ରଦାନ କରେ। ଯୋଗୁ ମନୁଷ୍ୟକୁ ସନ୍ମାର୍ଗ ପ୍ରଦର୍ଶନ କରେ। ଯୋଗ ମନୁଷ୍ୟକୁ ଈଶ୍ୱରଙ୍କ ସହିତ ସଂଯୁକ୍ତ କରାଏ। ଯୋଗ ମନୁଷ୍ୟକୁ ଅମର କରିଦିଏ। ଯୋଗ ହିଁ ପୂର୍ଣ୍ଣାଙ୍ଗ ଜୀବନ। ଯୋଗ ହେଉଛି ଏପରି ଏକ ପ୍ରଣାଳୀ, ଯାହା କି ମନୁଷ୍ୟ ବ୍ୟକ୍ତିତ୍ୱର ପ୍ରତ୍ୟେକଟି ଦିଗର ସଂସ୍କାର ଘଟାଏ। "ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ' - ହେ ଅର୍ଜ୍ଜୁନ! ମୋର ହିଁ ଏକ ସନାତନ ଅଂଶ ଏହି ଜୀବଲୋକକୁ ଏହି ଜନ୍ମମୃତ୍ୟୁର ଲୋକକୁ ଆସି ଜୀବାତ୍ମା ହୋଇଯାଏ। ଏହି ଜୀବଲୋକରେ ନିଜର ପ୍ରାରବ୍ଧବଶତଃ ଜୀବାତ୍ମାମାନେ ଜନ୍ମ ହୁଅନ୍ତି ଏବଂ ମୋର ହିଁ ଏକ ଅଂଶ ଜୀବାତ୍ମା ହୋଇଯାଇଥାଏ। ବୋଲି ଦୃଢ଼କଣ୍ଠରେ ଘୋଷଣା କରିଦେଇ ଆମ୍ଭମାନଙ୍କୁ ଆମର ଦିବ୍ୟତ୍ୱ ସମ୍ବନ୍ଧରେ ସ୍ମରଣ କରାଇ ଦିଅନ୍ତି।

ମନ ଏବ ମନୁଷ୍ୟାଣାଂ କାରଣଂ ବନ୍ଧମୋକ୍ଷୟୋଃ - ମନ ହିଁ ମନୁଷ୍ୟର ବନ୍ଧନ ଓ ମୋକ୍ଷର କାରଣ। ଆପଣ ଯେପରି ଭାବିଚାଲିବେ, ସେପରି ହୋଇଯିବେ। ତେଣୁ ନିଜର ଦିବ୍ୟତାରେ କେନ୍ଦ୍ରିତ ହୋଇ ରହନ୍ତୁ। ତା'ଭିତରୁ ଅନ୍ୟସବୁ ଉତ୍ପନ୍ନ ହେବ। ସୂର୍ଯ୍ୟ ଉଦୟ ହୋଇଗଲେ, ଆଉ ଅନ୍ଧକାର ରହେ ନାହିଁ। ଆପଣଙ୍କ ହୃଦୟରେ ଏହି ଚେତନା ଜାଗ୍ରତ ହୋଇଗଲେ, ଆଉ ଏହାର କୌଣସି ବିପରୀତ ଭାବନା ରହିବ ନାହିଁ। ଜାଗ୍ରତ ଚେତନା ଆସିଗଲେ, ଆଉ ଅଜ୍ଞାନ ନିଦ୍ରା ରହିବ ନାହିଁ। ମହାଭାରତ ଯୁଦ୍ଧ ସମୟରେ ନିଜର ପ୍ରିୟଜନଙ୍କ ବିୟୋଗ ଦେଖି ମଧମ ପାଣ୍ଡବ ଅର୍ଜୁନ ଆଉ ଯୁଦ୍ଧ କରିବା ପ୍ରତି ଆଗ୍ରହୀ ହେଲେ ନାହିଁ। ସଖା ଅର୍ଜୁନଙ୍କର ଏଭଳି ଅବସ୍ଥା ଦେଖି ପ୍ରଭୁ ଶ୍ରୀକୃଷ୍ଣ ତାଙ୍କୁ ତାଙ୍କର କର୍ତ୍ତବ୍ୟ ସଂପର୍କରେ ଉପଦେଶ ମାଧମରେ ବୁଝାଇଥିଲେ। ଶ୍ରୀକୃଷ୍ଣ ଭଗବାନଙ୍କର ଏହି ଉପଦେଶବାଣୀ ଶ୍ରୀମଦ୍ ଭଗବତ ଗୀତା ଭାବେ ବିଖ୍ୟାତ। ଏଥିରେ ଭଗବାନ ସଖା ଅର୍ଜୁନଙ୍କୁ ବୁଝାଇଛନ୍ତି



ଯେ ଯୋଗ ବା ତପସ୍ୟା କଲାବେଳେ ସାଧୁ ସନ୍ନ୍ୟାସୀମାନେ ଯେପରି ଏକନିଷ୍ଠ ହୋଇ ଧାନରେ ମଗ୍ନ ରହନ୍ତି, ସଂସାରର କୋଳାହଳ ତାଙ୍କୁ ନିଜ ପଥରୁ ଭ୍ରାନ୍ତ କରିପାରେ ନାହିଁ। ଭଗବାନ ଶ୍ରୀସତ୍ୟସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ ଆମ ମାନଙ୍କୁ ମାର୍ଗ ଦର୍ଶନ କରି କହିଛନ୍ତି - "ମନୁଷ୍ୟ ନିଜର ପ୍ରତ୍ୟେକ କର୍ମ କରିବା ସମୟରେ ସେଭଳି ଏକନିଷ୍ଠ ହେବା ଉଚିତ୍। ଯେଉଁବ୍ୟକ୍ତି ଫଳପ୍ରାପ୍ତିର ଆଶା ନରଖି ଏକନିଷ୍ଠ ସାଧନା ଯୋଗୁ ତାର ମୋକ୍ଷଲାଭର ପଥ ମଧ ସୁଗମ ହୋଇଥାଏ। ଏହାହିଁ କର୍ମଯୋଗର ବୈଶିଷ୍ଟ୍ୟ। ସମସ୍ତ ଯୋଗ ଠାରୁ ଏହା ଶ୍ରେଷ୍ଠ। କର୍ମଯୋଗର ଅଭ୍ୟାସ ବଳରେ ମନୁଷ୍ୟର ମନ ପବିତ୍ର ହୁଏ। ଅନ୍ତଃକରଣ ନିର୍ମଳ ହୁଏ। ଚିତ୍ତଶୁଦ୍ଧି ହୁଏ। ଯାହାକି ପରବର୍ତ୍ତୀ ସମୟରେ ଜ୍ଞାନଯୋଗକୁ ରୂପାନ୍ତରିତ ହୋଇଥାଏ। ଏବଂ ଏହି ଜ୍ଞାନଯୋଗ ଦ୍ୱାରା ବ୍ୟକ୍ତି ମୋକ୍ଷଲାଭ କରେ।'

ସକଳ ପ୍ରାଣୀଙ୍କ ଠାରେ ଏକ ଆତ୍ମାକୁ ଦର୍ଶନ କରିବା ହିଁ ଜ୍ଞାନ, ଆତ୍ମାକୁ ପ୍ରେମ କରିବାର ନାମ ଭକ୍ତି, ଆତ୍ମାର ସେବା କରିବାର ନାମ କର୍ମ। ଜ୍ଞାନଯୋଗୀର ଜ୍ଞାନୋଦୟ ହୋଇଗଲେ, ତାର ଭକ୍ତି ଉଦୟ ହୋଇଯାଏ, ସେ ନିଃସ୍ୱାର୍ଥପର କର୍ମରେ ତତ୍ପର ହୋଇଯାଆନ୍ତି। କର୍ମଯୋଗ ତାଙ୍କର ଆଧାତ୍ମିକ ପ୍ରକୃତିର ଏକ ସ୍ୱତଃସ୍ଫୂର୍ତ୍ତ ଅଭିବ୍ୟକ୍ତି ହୋଇଯାଏ, କାରଣ ସେ ସକଳଙ୍କ ଠାରେ ସେହି ଏକ ଆତ୍ମାଙ୍କୁ ଦର୍ଶନ କରନ୍ତି। ଯେତେବେଳେ ଭକ୍ତଙ୍କର ଭକ୍ତିରେ ପୂର୍ଣ୍ଣତା ଆସିଯାଏ, ସେତେବେଳେ ତାଙ୍କର ଜ୍ଞାନ ଉଦୟ ହୋଇଯାଏ, ତାଙ୍କର କର୍ମତତ୍ପରତା ମଧ ଆସିଯାଏ। କର୍ମଯୋଗ ତାଙ୍କର ଆଧାତ୍ମିକ ପ୍ରକୃତିର ଏକ ସ୍ୱତଃସ୍ଫୂର୍ତ୍ତ ଅଭିବ୍ୟକ୍ତି ହୋଇଯାଏ। କାରଣ ସେ ସର୍ବତ୍ର ତାଙ୍କର ପ୍ରେମମୟ ପ୍ରଭୁଙ୍କୁ ହିଁ ଦର୍ଶନ କରନ୍ତି। ଠିକ ସେହିପରି ଯେତେବେଳେ କର୍ମଯୋଗୀଙ୍କର ସମସ୍ତ କର୍ମ ସମ୍ପୂର୍ଣ୍ଣ ନିଷ୍କାମ ହୋଇଯାଏ ସେତେବେଳେ ତାଙ୍କଠାରେ ମଧ ଜ୍ଞାନ ଓ ଭକ୍ତିର ଉଦୟ ହୋଇଥାଏ। କର୍ମଯୋଗ ସମ୍ପର୍କରେ ଆଲୋଚନା କଲାବେଳେ ମନେପଡୁଛି ପଲ୍ଲୀକବି ନନ୍ଦକିଶୋର ବଳଙ୍କ ସେହି କାଳଜୟୀ ଧାଡ଼ି ଗୁଡ଼ିକ - "ଏ ଜଗତ ସର୍ବ କର୍ମର ଆୟତ୍ତ, କର୍ମ ସୁଖ ଦୁଃଖ ହେତୁ। କର୍ମ କରେ ସ୍ୱର୍ଗ ନରକ ରଚନା, ଭୋଗ ଜାତ କର୍ମ କ୍ଷେତୁ। ସୁଖ ଦୁଃଖ ନୁହେଁ ଏ ଜୀବନ ଲକ୍ଷ୍ୟ, ଏକା କର୍ତ୍ତବ୍ୟ ସାଧନ, ମାନବ ଜୀବନ ଅର୍ଣ୍ଣବ ତରଣେ ହୁଅଇ ସିନା କାରଣ।'


**ଆଇନଜୀବୀ, ବଙ୍ଗାଳିସାହି, କଟକ, ମୋବାଇଲ୍: ୭୩୨୫୯୦୪୯୨୭**

# ୨୦୨୭ ମାର୍ଚ୍ଚ ୧ରୁ ଦେଶରେ ହେବ ଜନଗଣନା



**ନୂଆଦିଲ୍ଲୀ,୪।୬:** ଭାରତରେ ଆଗାମୀ ଜନଗଣନା ୨୦୨୭ ମାର୍ଚ୍ଚ ୧ ତାରିଖରୁ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଏହି ଜନଗଣନା ୨୦୨୭ ମସିହାରୁ ଆରମ୍ଭ ହୋଇ ୨୦୨୮ ପର୍ଯ୍ୟନ୍ତ ଚାଲିବ। ବିଜ୍ଞପ୍ତି ଅନୁଯାୟୀ ଦୁଇଟି ପର୍ଯ୍ୟାୟରେ ଏହି ଜନଗଣନା ହେବ। ଏହା ପୂର୍ବରୁ ୨୦୨୧ରେ ଜନଗଣନା ହେବାର କାର୍ଯ୍ୟକ୍ରମ ଥିଲା, କିନ୍ତୁ କୋଭିଡ୍-୧୯ ମହାମାରୀ ଯୋଗୁଁ ଏହା ସ୍ଥଗିତ ରହିଥିଲା। ଏହି ଜନଗଣନାରେ ଜାତିଗତ ତଥ୍ୟ ସଂଗ୍ରହ କରାଯିବା ନେଇ ମଧ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ଲଦାଖ, ଜମ୍ମୁ-କାଶ୍ମୀର, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡ ସମେତ ତୁଷାରପାତ ଏବଂ ଅ-ସଙ୍କୋଚନ ଅଞ୍ଚଳ ପାଇଁ ଜନଗଣନା ପୂର୍ବରୁ କରାଯିବ। ଯାହାର ଏକ ରେଫରେନ୍ସ ତାରିଖ ଆସନ୍ତା ଅକ୍ଟୋବର ୧ ତାରିଖ ଧାର୍ଯ୍ୟ କରାଯାଇଛି। ଜାତି ଗଣନା ସହିତ ୨୦୨୭ ଜନଗଣନା କରିବାର ସରକାରୀ ଉଦ୍ଦେଶ୍ୟ ଆସନ୍ତା ଜୁନ୍ ୧୬ରେ ଭାରତୀୟ ଗେଜେଟରେ ପ୍ରକାଶିତ ହେବାର ଆଶା କରାଯାଉଛି।

୧୯୪୧ ପରେ ଏହା ହେଉଛି ପ୍ରଥମ ଜାତିଗତ ଜନଗଣନା, ଯାହାର ତଥ୍ୟ ୨୦୨୮ ଶେଷ ସୁଦ୍ଧା ପ୍ରକାଶ ପାଇବ। ଏହି ପ୍ରକ୍ରିୟାକୁ ସ୍ୱଚ୍ଛ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ଅଧିକାରୀମାନଙ୍କୁ ତାଲିମ ଦିଆଯିବାର ଆବଶ୍ୟକତା ରହିଛି। ଓଡ଼ିଶାରେ ଏହି ଜନଗଣନା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ନିଖିଲ ପବନ କଲ୍ୟାଣଙ୍କୁ ସେନସସ୍ ଅପରେସନର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ଏନେଇ ଡିଓପିଟି ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଛି। ଜନଗଣନା ପରେ ଲୋକସଭା ଓ ବିଧାନସଭା ଆସନଗୁଡ଼ିକର ପରିସୀମନ ମଧ୍ୟ କରାଯାଇପାରେ, ଯାହା ୨୦୨୮ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ। ଏହା ପରେ ୨୦୨୯ରୁ ନୂଆ ଆସନ ବିଭାଜନ ଅନୁସାରେ ନିର୍ବାଚନ ହେବାର ସମ୍ଭାବନା ରହିଛି। ଏହି ଜନଗଣନା ଦେଶର ସାମାଜିକ, ଆର୍ଥିକ ଓ ଜନସାଂଖ୍ୟିକ ତଥ୍ୟ ସଂଗ୍ରହ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହା ସରକାରୀ ଯୋଜନା ଏବଂ ନୀତି ନିର୍ମାଣରେ ମଧ୍ୟ ସହାୟକ ହେବ ବୋଲି ଆଶା କରାଯାଉଛି।

### ପାକିସ୍ତାନକୁ ଗୁପ୍ତ ତଥ୍ୟ ଦେବା ଅଭିଯୋଗ

# ଜ୍ୟୋତିଙ୍କ ପରେ ଧରାପଡିଲା ଆଉ ଜଣେ ୟୁଟ୍ୟୁବର





**ଚଣ୍ଡିଗଡ,୪।୬:** ଅପରେସନ ସିନ୍ଦୂର ପରେ ପାକିସ୍ତାନର ଆତଙ୍କବାଦ ଚେହେରାକୁ ନେଇ ଅଧିକ ସତର୍କ ହୋଇଯାଇଛି ଭାରତ। ଏହା ସହିତ ଭାରତରେ ରହୁଥିବା ଏବଂ ପାକିସ୍ତାନ ପାଇଁ ଗୁପ୍ତଚର କରୁଥିବା ଲୋକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ପଞ୍ଜାବ ପୁଲିସ ଏବେ ଗୁପ୍ତଚର ଅଭିଯୋଗରେ ରୂପନଗରରୁ ଜସବୀର ସିଂହ ନାମକ ଜଣେ ୟୁଟ୍ୟୁବରଙ୍କୁ ଗିରଫ କରିଛି।

ଜସବୀର ସିଂହ ଜାନ ମହଲ ନାମକ ଏକ ୟୁଟ୍ୟୁବର ଚ୍ୟାନେଲ୍ ଚଳାନ୍ତି । ଏହା ସହି, ଏହା ମଧ୍ୟ ସାମ୍ନାକୁ ଆସିଛି ଯେ ଜସବୀର ସିଂହ ହରିୟାଣାରୁ ଗିରଫ ହୋଇଥିବା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ସହ ମଧ୍ୟ ଯୋଗାଯୋଗରେ ଥିଲେ। ସୂଚନା ଅନୁଯାୟୀ, ଜସବୀର ସିଂହ ପାକିସ୍ତାନ ଗୁଇନ୍ଦା ସଂସ୍ଥା ଅଧିକାରୀ ଶାକିରଙ୍କ ସହ ମଧ୍ୟ ଯୋଗାଯୋଗରେ ଥିଲେ। ସେ ତିନିଥର ପାକିସ୍ତାନ ଯାଇଛନ୍ତି (୨୦୨୦, ୨୦୨୧, ୨୦୨୪)। ତାଙ୍କର ଇଲେକ୍ଟ୍ରୋନିକ୍ ଡିଭାଇସ୍ ମଧ୍ୟ ଖୋଜାଚାଲିଛି । ତାଙ୍କ ମୋବାଇଲ୍ ରୁ ପାକିସ୍ତାନର ଅନେକ ନମ୍ବର ମିଳିଛି। ଦିଲ୍ଲୀ ପାକିସ୍ତାନୀ ଦୂତାବାସରେ ଅନୁଷ୍ଠିତ ପାକିସ୍ତାନ ଦୂତାବାସର କର୍ମଚାରୀ ଦାନିଶଙ୍କ ନିମନ୍ତ୍ରଣରେ ଜସବୀର ସିଂହ ମଧ୍ୟ ପାକିସ୍ତାନ ଜାତୀୟ ଦିବସ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପଞ୍ଜାବ ଡିଜିପି ସୋସିଆଲ ମିଡିଆ ହ୍ୟାଣ୍ଡେଲ ଏକ୍ସରେ ପୋଷ୍ଟ କରି କହିଛନ୍ତି ଯେ, ଦ୍ରୁତ ଗତିରେ କାର୍ଯ୍ୟ କରି ରାଜ୍ୟ ସ୍ୱତନ୍ତ୍ର ଅପରେସନ୍ ସେଲ୍ ମୋହାଲି ରୂପନଗରର ମହାଲାନ ଗ୍ରାମ ନିବାସୀ ଜସବୀର ସିଂହଙ୍କ ସହ ଜଡିତ ଏକ ଗୁପ୍ତଚର ନେଟୱାର୍କର ପର୍ଦ୍ଦାଫାସ କରିଛି। ତାଙ୍କର ଯୋଗାଯୋଗ ଆତଙ୍କବାଦ-ସମର୍ଥିତ ଗୁପ୍ତଚର ନେଟୱାର୍କର ଅଂଶ ଥିବା ପିଆଇଓ ଶାକିର ଓରଫ ଜଟ୍ଟ ରନ୍ଧାୱାଙ୍କ ସହିତ ଜଡିତ ଥିବା ଜଣାପଡ଼ିଛି। ପୋଷ୍ଟରେ ଆହୁରି କୁହାଯାଇଛି ଯେ, ଜ୍ୟୋତି ମାଲହୋତ୍ରାଙ୍କ ଗିରଫଦାରୀ ପରେ ଜସବୀର ନିଜକୁ ବଞ୍ଚାଇବା ପାଇଁ ଏହି ପିଆଇଓମାନଙ୍କ ସହିତ ତାଙ୍କର ଆଲୋଚନାର ସମସ୍ତ ପ୍ରମାଣ ଲିଭାଇ ଦେବାକୁ ଚେଷ୍ଟା କରିଥିଲେ। ବର୍ତ୍ତମାନ ଜସବୀରଙ୍କ ବିରୋଧରେ ଏକ ଏଫଆଇଆର ରୁଜୁ କରାଯାଇଛି। ଏହି ମାମଲାରେ ଏବେ ତଦନ୍ତ ଚାଲିଛି। ପୂର୍ବରୁ ଭାରତରେ ରହୁଥିବା ଏବଂ ପାକିସ୍ତାନ ପାଇଁ ଗୁପ୍ତଚର କରୁଥିବା ଅନେକ ଲୋକଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ପଞ୍ଜାବ ପୁଲିସ ଏବଂ କାଉଣ୍ଟର ଇଣ୍ଟେଲିଜେନ୍ସ ପଞ୍ଜାବର ତରନ ତାରନ ଅଞ୍ଚଳରୁ ଗଗନଦୀପ ସିଂହ ଓରଫ ଗଗନଙ୍କୁ ଗିରଫ କରିଛି। ଏହା ସହିତ ପାକିସ୍ତାନ ପାଇଁ ଗୁପ୍ତଚର ଅଭିଯୋଗରେ ଅଭିଯୁକ୍ତ ଶକୁର ଖାନଙ୍କୁ ମଧ୍ୟ ମଙ୍ଗଳବାର ଗିରଫ କରାଯାଇଥିଲା। ଅଭିଯୁକ୍ତ ରାଜସ୍ଥାନର ଜୈସଲମେରର ବାସିନ୍ଦା।

# ଜୁଲାଇ ୨୧ ରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ



**ନୂଆଦିଲ୍ଲୀ, ୪।୬:** ଜୁଲାଇ ୨୧ ତାରିଖରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏନେଇ ସଂସଦୀୟ ବ୍ୟାପାରମନ୍ତ୍ରୀ କିରଣ ରିଜିଜୁ ସୂଚନା ଦେଇଛନ୍ତି । ସୂଚନା ମୁତାବକ ଏହି ଅଧିବେଶନ ଅଗଷ୍ଟ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କ୍ରମରେ ଉଭୟ ରାଜ୍ୟସଭା ଓ ଲୋକସଭାରେ ଅଧିବେଶନ ଚାଲିବ। ଏଥିରେ ବିଧେୟକ ଓ ଅଣବିଧେୟକ କାର୍ଯ୍ୟ ଉପରେ ଆଲୋଚନା ହେବ। କିରଣ ରିଜିଜୁ କହିଛନ୍ତି କି, ଚଳିତ ଅଧିବେଶନରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆସିବା ସହ ଏହା ଉପରେ ଚର୍ଚ୍ଚା କରିବାକୁ ପ୍ରସ୍ତୁତ ଚାଲିଛି । ସଂସଦକୁ ଶୃଙ୍ଖଳିତ ଭାବେ ଚଳାଇବାକୁ ସଂସଦୀୟ ମନ୍ତ୍ରୀ ବିରୋଧୀଦଳମାନଙ୍କ ସହଯୋଗ ଲୋଡିଛନ୍ତି। ସେ କହିଛନ୍ତି କି, ସରକାର ଚାହୁଁଛନ୍ତି ଏହି ଅଧିବେଶନ ସୂଚାରୁରୂପେ ଚାଲୁ ଓ ଦେଶହିତରେ ସକରାତ୍ମକ ଆଲୋଚନା ହେଉ । ବିରୋଧୀଙ୍କ ଭାଗିଦାରୀ ଲୋକତନ୍ତ୍ରର ଆତ୍ମା ବୋଲି ସେ କହିଛନ୍ତି । ସୂଚନା ଥାଉ କି, ଗତକାଲି ଇଣ୍ଡିଆ ମେଣ୍ଟର ୧୬ ରାଜନୈତିକ ଦଳ ମିଳିତ ଭାବେ ବୈଠକ କରିଥିଲେ। ଏଥିରେ ପହଲଗାମ ଆତଙ୍କୀ ଆକ୍ରମଣ ଓ ଅପରେସନ୍ ସିନ୍ଦୂରକୁ ନେଇ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଏକ ପତ୍ର ମଧ୍ୟ ଲେଖାଯାଇଛି। ଏଥିରେ ଅପରେସନ୍ ସିନ୍ଦୂର ବାବଦରେ ଆଲୋଚନା କରିବା ପାଇଁ ବିରୋଧୀ ଦଳ ପ୍ରଧାନମନ୍ତ୍ରୀଙ୍କୁ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଦାବି କରିଛନ୍ତି ।

# ମନୀଷ ସିସୋଦିଆ ଏବଂ ସତ୍ୟେନ୍ଦ୍ର ଜୈନଙ୍କୁ ସମନ ଜାରି



**ନୂଆଦିଲ୍ଲୀ, ୪।୬:** ଆପ ନେତା ତଥା ଦିଲ୍ଲୀର ପୂର୍ବତନ ମନ୍ତ୍ରୀ ମନୀଷ ସିସୋଦିଆ ଏବଂ ସତ୍ୟେନ୍ଦ୍ର ଜୈନଙ୍କୁ ସମନ ଜାରି ହୋଇଛି। ୨୦୦୦ କୋଟି ଟଙ୍କାର ଶ୍ରେଣୀଗୃହ ନିର୍ମାଣ ଦୁର୍ନୀତି ମାମଲାରେ ଦୁର୍ନୀତି ନିବାରଣ ବ୍ୟୁରୋ ଏସସିବି ଏହି ଦୁଇ ଶୀର୍ଷ ନେତାଙ୍କୁ ସମନ କରିଛି। ଜୈନଙ୍କୁ ଜୁନ୍ ୬ ତାରିଖରେ ସମନ କରାଯାଇଛି, ଯେତେବେଳେ ସିସୋଦିଆଙ୍କୁ ଜୁନ୍ ୯ ତାରିଖରେ ଦିଲ୍ଲୀର ବ୍ୟୁରୋ କାର୍ଯ୍ୟାଳୟକୁ ଯିବାକୁ କୁହାଯାଇଛି। ଦୁର୍ନୀତି ନିବାରଣ ବ୍ୟୁରୋ ଏପ୍ରିଲ ୩୦ ତାରିଖରେ ଏହି ମାମଲାରେ ଦୁଇ ନେତାଙ୍କ ବିରୋଧରେ ଏକ ଏଫ୍ଆଇଆର୍ ଦାୟର କରିଥିଲା। ଯେଉଁଥିରେ ଅଭିଯୋଗ ହୋଇଥିଲା ଯେ ଦିଲ୍ଲୀରେ ପୂର୍ବ ଆପ ସରକାରଙ୍କ ଅଧୀନରେ ୧୨,୭୪୮ଟି ଶ୍ରେଣୀଗୃହ ଏବଂ କୋଠା ନିର୍ମାଣ ଅତ୍ୟନ୍ତ ଚଢ଼ା ମୂଲ୍ୟରେ କରାଯାଇଥିଲା। ଆପ ଶାସନରେ ସିସୋଦିଆ ଶିକ୍ଷା ମନ୍ତ୍ରୀ ଥିଲେ ଯେତେବେଳେ କି ଜୈନ ପବ୍ଲିକ୍ ୱାର୍କସ୍ ଡିପାର୍ଟମେଣ୍ଟ (ପିଡବ୍ଲ୍ୟୁଡି) ପୋର୍ଟଫୋଲିଓ ରଖିଥିଲେ। ଏଫଆଇଆର ଦାଖଲ କରିବା ସମୟରେ ଦୁର୍ନୀତି ନିବାରଣ ପ୍ୟାନେଲ କହିଛି ଯେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପ୍ରଚୁର ଅର୍ଥ ବ୍ୟୟ ହୋଇଥିବା ବେଳେ ଗୋଟିଏ ବି କାର୍ଯ୍ୟ ସମାପ୍ତ ହୋଇନଥିଲା। ପରାମର୍ଶଦାତା ଏବଂ ସ୍ଥପତିଙ୍କୁ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ ନକରି ନିଯୁକ୍ତ କରାଯାଇଥିଲା।

### ମଧ୍ୟପ୍ରଦେଶରେ ମର୍ମନ୍ତୁଦ ଦୁର୍ଘଟଣା

# ଚାଲିଗଲା ୯ ଜୀବନ,୨ ଗୁରୁତର



**ଝାବୁଆ, ୪।୬:** ମଧ୍ୟପ୍ରଦେଶର ଝାବୁଆ ଜିଲ୍ଲାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଯାଇଛି। ସିମେଣ୍ଟ୍ ଭର୍ତ୍ତି ହୋଇଥିବା ଏକ ଟ୍ରକ୍ଟି ଏକ ଭ୍ୟାନ ଉପରେ ଓଲଟି ପଡ଼ିବାରୁ ୯ ଜଣଙ୍କର ମୃତ୍ୟୁ ଘଟିଛି। ୯ ଜଣ ମୃତଙ୍କ ବ୍ୟତୀତ ଆହୁରି ଦୁଇ ଜଣ ଗୁରୁତର ଆଘାତ ପାଇଁ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ରହିଛନ୍ତି। ଏହି ଘଟଣା ଜିଲ୍ଲାର ମେଘନଗରଠାରେ ହୋଇଛି। ସୂଚନା ପାଇବା ପରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲ୍‌କୁ ପଠାଇଛି। ରାତି ୩ଟା ପାଖାପାଖି ଏହି ଭୟଙ୍କର ଦୁର୍ଘଟଣା ଘଟିଛି। ସୂଚନା ଅନୁଯାୟୀ, ରାଜସ୍ଥାନରୁ ସିମେଣ୍ଟ ବୋଝେଇ ଏକ ଟ୍ରକ୍ ଏକ ଇକୋ ଭ୍ୟାନ୍ ଉପରେ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଇକୋରେ ଯାତ୍ରା କରୁଥିବା ୯ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇବା ସହିତ ଭ୍ୟାନରେ ଫସି ରହିଥିବା ଲୋକଙ୍କୁ ବାହାର କରି ଡାକ୍ତରଖାନା ନେଇଥିଲା। ତଦନ୍ତ ପରେ ଡାକ୍ତରମାନେ ନଅ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଦୁଇ ଜଣ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ମୃତକମାନେ ଗୋଟିଏ ପରିବାରର ହୋଇଥିବା ବେଳେ ଏକ ବିବାହ ଉତ୍ସବରେ ଯୋଗ ଦେଇ ଫେରୁଥିବା ବେଳେ ଏପରି ଛାତିଥରା ଦୁର୍ଘଟଣା ଘଟିଛି।

# ଅପଡେଟ୍ ହେବ ମତଦାନ ବେଳର ଭୋଟିଂ ପ୍ରତିଶତ



**ନୂଆଦିଲ୍ଲୀ,୪।୬:** ଭୋଟ ପ୍ରତିଶତ ତଥ୍ୟ ସମ୍ପର୍କରେ ନିର୍ବାଚନ କମିଶନଙ୍କ ବଡ଼ ନିଷ୍ପତ୍ତି । ଏକ ନୂତନ ବ୍ୟବସ୍ଥା ଆରମ୍ଭ କରିବାକୁ ଯାଉଛି ଭାରତୀୟ ନିର୍ବାଚନ କମିଶନ । ଇସିଆଇ ଭୋଟ ତଥ୍ୟକୁ ଅଧିକ ସଠିକ୍ ଓ ସମୟାନୁସାରେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଏକ ନୂତନ, ପ୍ରଯୁକ୍ତିବିଦ୍ୟା-ଚାଳିତ ବ୍ୟବସ୍ଥା ପ୍ରଚଳନ କରିଛି। ଏହି ନୂତନ ବ୍ୟବସ୍ଥା ଅନୁଯାୟୀ, ମତଦାନ ଦିନ ପ୍ରତି ଦୁଇ ଘଣ୍ଟାରେ ଆନୁମାନିକ ଭୋଟଦାନ ଧାରା ବାସ୍ତବ ସମୟରେ ଉପଲବ୍ଧ ହେବ। ଏହି ପଦକ୍ଷେପ ବିହାର ବିଧାନସଭା ନିର୍ବାଚନ ୨୦୨୫ରେ କାର୍ଯ୍ୟକାରୀ ହେବାର ସମ୍ଭାବନା ଅଛି । ଯାହା ଭୋଟଦାନ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ବିଶ୍ୱସନୀୟତା ବୃଦ୍ଧି କରିବ । ଏହି ପଦକ୍ଷେପ ଭୋଟ ତଥ୍ୟର ହେରଫେର ସମ୍ପର୍କରେ ହୋଇଥିବା ଅଭିଯୋଗର ମଧ୍ୟ ଉତ୍ତର ଦେବ । ନିର୍ବାଚନ କମିଶନ ଇସିଆଇଏନ୍ଇଟି ନାମକ ଏକ ସମନ୍ୱିତ ଡିଜିଟାଲ୍ ଆପ୍ ଲଞ୍ଚ କରିଛନ୍ତି । ଯାହା ଭୋଟଗ୍ରହଣ କେନ୍ଦ୍ରରୁ ସିଧାସଳଖ ତଥ୍ୟ ସଂଗ୍ରହକୁ ଆକ୍ଟିଭ୍ କରିବ।

ଏହି ନୂତନ ପଦକ୍ଷେପ ଅନୁଯାୟୀ, ପ୍ରତ୍ୟେକ ମତଦାନ କେନ୍ଦ୍ରର ପ୍ରିଜାଇଡିଂ ଅଧିକାରୀ ଏବେ ମତଦାନ ଦିନ ପ୍ରତି ଦୁଇ ଘଣ୍ଟାରେ ଇସିଆଇଏନ୍ଇଟି ଆପ୍‌ରେ ଭୋଟରଙ୍କ ଉପସ୍ଥାନ ରେକର୍ଡ କରିବେ। ଏହା ଆନୁମାନିକ ଭୋଟ ଧାରା ଅପଡେଟ୍ କରିବାରେ ସମୟ ବ୍ୟବଧାନକୁ ହ୍ରାସ କରିବ । ଏହା ସ୍ୱଚାଳିତ ଭାବରେ ନିର୍ବାଚନମଣ୍ଡଳୀ ସ୍ତରରେ ସଂଗ୍ରହ କରାଯିବ । ପୂର୍ବପରି ପ୍ରତି ଦୁଇ ଘଣ୍ଟାରେ ଆନୁମାନିକ ଭୋଟ ପ୍ରତିଶତ ଧାରା ପ୍ରକାଶିତ ହେବ ।

ମତଦାନ ସରିବା ପରେ, ମତଦାନ କେନ୍ଦ୍ର ଛାଡିବା ପୂର୍ବରୁ ପ୍ରିଜାଇଡିଂ ଅଧିକାରୀଙ୍କ ଦ୍ୱାରା ମତଦାତାଙ୍କ ମତଦାନ ପ୍ରତିଶତ ଧାରା ଆପ୍‌ରେ ଅପଲୋଡ୍ କରାଯିବ । ଯାହା ଦ୍ୱାରା ଆନୁମାନିକ ଭୋଟ ପ୍ରତିଶତ ଧାରା ତୁରନ୍ତ ଉପଲବ୍ଧ ହେବ । ଏହା ସହିତ ଯେଉଁଠାରେ ମୋବାଇଲ୍ ନେଟୱାର୍କ ଉପଲବ୍ଧ ନାହିଁ, ସେଠାରେ ଡାଟା ଅଫଲାଇନରେ ରେକର୍ଡ କରାଯାଇପାରିବ ।

ନେଟୱାର୍କ ସଂଯୋଗ ପୁନଃସ୍ଥାପିତ ହେଲେ ଏହାକୁ ଶୀଘ୍ର ସିଙ୍କ୍ କରାଯିବ। ବିହାର ଭଳି ରାଜ୍ୟରେ ଏହି ସୁବିଧା ବିଶେଷ ଗୁରୁତ୍ୱପୂର୍ଣ୍ଣ, ଯେଉଁଠାରେ କିଛି ଅଞ୍ଚଳରେ ନେଟୱାର୍କର ସମସ୍ୟା ରହିଛି। ଏହି ନୂତନ ବ୍ୟବସ୍ଥା ସହିତ, ଭୋଟଦାନ ତଥ୍ୟ କେବଳ ସମୟ ମଧ୍ୟରେ ନୁହେଁ, ବରଂ ନିର୍ବାଚନମଣ୍ଡଳୀ-ସ୍ତରୀ ସଠିକତା ସହିତ ଜନସାଧାରଣଙ୍କ ପାଇଁ ଉପଲବ୍ଧ ହେବ।

# ମାଲେସିଆରେ ଫେଲ୍ ମାରିଲା ପାକ୍‌ର ଷଡ଼ଯନ୍ତ୍ର



**ନୂଆଦିଲ୍ଲୀ, ୪।୬:** ପୁଣିଥରେ ପାକିସ୍ତାନର ଷଡ଼ଯନ୍ତ୍ରର ପର୍ଦ୍ଦାଫାସ ହୋଇଛି । ସବୁ ଚେଷ୍ଟାକୁ ଭଣ୍ଡୁର କଲା ମାଲେସିଆ । ମାଲେସିଆରେ ଲଜ୍ଜାର ସମ୍ମୁଖୀନ ହୋଇଛି ପାକିସ୍ତାନ । ଭାରତର ସର୍ବଦଳୀୟ ପ୍ରତିନିଧି ଦଳର ମାଲେସିଆ ଗସ୍ତକୁ ରୋକିବା ପାଇଁ ପାକିସ୍ତାନ ଯଥାସମ୍ଭବ ପ୍ରୟାସ କରିଥିଲା। କିନ୍ତୁ, ମାଲେସିଆ ଏହାର 'ଧାର୍ମିକ ଏକତା'ର ଦାବିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରି ଭାରତକୁ ଦୃଢ଼ ସମର୍ଥନ କରିଥିଲା । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଆତଙ୍କବାଦ ବିରୋଧରେ ନିଜର ନୂତନ ରଣନୀତି ବିଷୟରେ ବିଶ୍ୱକୁ ଅବଗତ କରୁଥିବା ବେଳେ, ପାକିସ୍ତାନ ନିଜର ଦାଗ ଧୋଇବା ପାଇଁ ଧାର୍ମିକ ଏବଂ ରାଜନୈତିକ ଚାଲ୍ ଚଳାଇବାକୁ ଚେଷ୍ଟା କରିଛି । ମାଲେସିଆରେ ଭାରତୀୟ ସାଂସଦଙ୍କ ଉପସ୍ଥିତି ସମ୍ପର୍କରେ ପାକିସ୍ତାନୀ ଦୂତାବାସ କହିଛି ଯେ, ମାଲେସିଆ ଏକ ମୁସଲିମ୍ ଦେଶ ଏବଂ ଏହା ଭାରତୀୟ ପ୍ରତିନିଧିମଣ୍ଡଳକୁ ଏକ ମଞ୍ଚ ଦେବା ଉଚିତ୍ ନୁହେଁ । କିନ୍ତୁ, ମାଲେସିଆ ପାକିସ୍ତାନର ଏହି ମାନସିକତାର କଡ଼ା ଜବାବ ଦେଇଛି ଏବଂ ସ୍ପଷ୍ଟ କରିଛି ଯେ, ଏହାର ବୈଦେଶିକ ନୀତି ନିରପେକ୍ଷ ଏବଂ ସନ୍ତୁଳିତ । କୌଣସି ଧର୍ମ ଆଧାରିତ ନୁହେଁ ।

ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେଉଥିବା ଜେଡିୟୁ ସାଂସଦ ସଞ୍ଜୟ ଝା ସ୍ପଷ୍ଟ କରିଛନ୍ତି ଯେ, ଭାରତ ପାକିସ୍ତାନକୁ ପୁଣି ଥରେ ଗ୍ରେ ତାଲିକାରେ ରଖିବା ପାଇଁ ଫାଇନାନ୍ସିଆଲ୍ ଆକ୍ସନ୍ ଟାସ୍କ ଫୋର୍ସ ନିକଟରେ ପ୍ରସ୍ତାବ ଦେବାକୁ ପ୍ରସ୍ତୁତ ହେଉଛି । ସେ ଏଥିରେ ସମସ୍ତ ଦେଶମାନଙ୍କଠାରୁ ସମର୍ଥନ ଲୋଡ଼ିଥିଲେ ଏବଂ କହିଥିଲେ ଯେ ଯେ ପର୍ଯ୍ୟନ୍ତ ପାକିସ୍ତାନ ଆତଙ୍କବାଦକୁ ସମର୍ଥନ କରିବ, ସେ ପର୍ଯ୍ୟନ୍ତ ଏହା ଉପରେ ଅନ୍ତର୍ଜାତୀୟ ଚାପ ବଜାୟ ରଖିବା ଆବଶ୍ୟକ । ସଞ୍ଜୟ ଝା ଆହୁରି କହିଛନ୍ତି, ମାଲେସିଆ ସମେତ ୫ଟି ଦେଶ ଗସ୍ତର ଉଦ୍ଦେଶ୍ୟ ହେଉଛି ଭାରତର ନୂତନ ଆତଙ୍କବାଦ ନୀତି ନ୍ୟୁ ନର୍ମାଲ ଏବଂ ଅପରେସନ ସିନ୍ଦୁର ପଛରେ ଥିବା ରଣନୀତି ବିଷୟରେ ସାରା ବିଶ୍ୱକୁ ଜଣାଇବା । ସମସ୍ତ ଦେଶ ଭାରତର ଦୃଷ୍ଟିକୋଣକୁ ବୁଝିଛନ୍ତି ଏବଂ ସମର୍ଥନ ମଧ୍ୟ ଜଣାଇଥିବା ସେ କହିଛନ୍ତି।

# ପରିବାର ସହ ଅଯୋଧ୍ୟାରେ ପହଁଞ୍ଚିଲେ ଏଲନ୍ ମସ୍କଙ୍କ ବାପା, କଲେ ରାମଲଲାଙ୍କୁ ଦର୍ଶନ



**ନୂଆଦିଲ୍ଲୀ,୪।୬:** ଭାରତ ଗସ୍ତରେ ଆସିଥିବା ଆମେରିକାର ଉଦ୍ୟୋଗପତି ଏଲନ୍ ମସ୍କଙ୍କ ବାପା ଏରୋଲ ମସ୍କ ବୁଧବାର ରାମନଗରୀ ଅଯୋଧ୍ୟାରେ ପହଁଞ୍ଚିଛନ୍ତି। ଏହାପରେ ସେ ରାମଲଲାଙ୍କ ଦର୍ଶନ ପାଇଁ ରାମ ମନ୍ଦିରରେ ପହଁଞ୍ଚିଥିଲେ। ମଧ୍ୟାହ୍ନ ୨ଟା ୧୫ ମିନିଟ୍‌ରେ ମହର୍ଷି ବାଲ୍ମିକୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ତାଙ୍କର ଚାଟାର୍ଡ ପ୍ଲେନ୍ ଓହ୍ଲାଇଥିଲା। କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ମସ୍କଙ୍କୁ ରାମଲାଲାଙ୍କ ଦର୍ଶନ ପାଇଁ ନିଆଯାଇଥିଲା। ଏୟାରପୋର୍ଟରେ ଓହ୍ଲାଇବା ପରେ ଏରୋଲ ମସ୍କ ଗଣମାଧ୍ୟମ ଆଗରେ ଭାରତୀୟ ପୋଷାକରେ ଦେଖିବାକୁ ମିଳିଥିଲେ। ହନୁମାନଗଡିର ମହନ୍ତ ହେମନ୍ତ ଦାସଙ୍କ ଉପସ୍ଥିତିରେ ସେ ଜୟ ଶ୍ରୀରାମ କହି ନିଜର ଯାତ୍ରା ଆରମ୍ଭ କରିଥିଲେ। ଭାରତରେ ନିବେଶ ଯୋଜନା ସମ୍ପର୍କରେ ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ କହିଛନ୍ତି, ନିବେଶ କରିବା ନେଇ ହିଁ ମୋର ଏହି ଭ୍ରମଣ। ଭାରତୀୟ ସଂସ୍କୃତିର ପ୍ରଶଂସା କରି ସେ କହିଛନ୍ତି ଭାରତୀୟ ସଂସ୍କୃତି ଓ ପରମ୍ପରାର ଏକ ଗୌରବଶାଳୀ ଇତିହାସ ରହିଛି। ମୁଁ ଏହାର ସମ୍ମାନ କରୁଛି। ତୀର୍ଥ କ୍ଷେତ୍ରର କୋଷାଧ୍ୟକ୍ଷ ମହନ୍ତ ଶ୍ରୀ ଗିରି କହିଛନ୍ତି, ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠାରେ ଦେଶର ବିଭିନ୍ନ ସ୍ଥାନର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଆଗମନ ହୋଇଛି। ଏହାଛଡା ଦେଶ-ବିଦେଶର ରାଷ୍ଟ୍ରଦୂତ ଓ ସେଠାର ପ୍ରଭାବଶାଳୀ ନେତାଙ୍କର ମଧ୍ୟ ଆଗମନ ହୋଇଛି। ଏବେ ରାଜା ରାମଙ୍କ ପ୍ରତିଷ୍ଠା ହେଉଛି। ତେଣୁ ଦୁନିଆର ସବୁଠାରୁ ଧନୀ ଆମେରିକାର ଉଦ୍ୟୋଗପତି ଏଲନ୍ ମସ୍କଙ୍କ ବାପା ଏରୋଲ ମସ୍କ ମଧ୍ୟ ବୁଧବାର ଅଯୋଧ୍ୟାରେ ପହଁଞ୍ଚିଛନ୍ତି।

### ଶୁଣାଗଲାନି ଭାରତର ବିରୋଧ

# ପାକିସ୍ତାନକୁ ଏଡ଼ିବିର ୮ଶହ ମିଲିୟନ ଡଲାର ଅନୁମୋଦନ



**ନୂଆଦିଲ୍ଲୀ, ୪।୬:** ଏସୀୟ ବିକାଶ ବ୍ୟାଙ୍କ ଏଡ଼ିବି ପାକିସ୍ତାନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ପ୍ୟାକେଜକୁ ଅନୁମୋଦନ କରିଛି। ଯେଉଁଥିରେ ୩ଶହ ନିୟୁତ ଡଲାରର ନୀତି-ଭିତ୍ତିକ ଋଣ ପିବିଏଲ ଏବଂ ୫ଶହ ନିୟୁତ ଡଲାରର କାର୍ଯ୍ୟକ୍ରମ-ଭିତ୍ତିକ ଗ୍ୟାରେଣ୍ଟି ପିବିଜି ଅନ୍ତର୍ଭୁକ୍ତ। ତେବେ ପାକିସ୍ତାନକୁ ଏହି ସହାୟତା ରାଶି ଦେବା ପୂର୍ବରୁ ଭାରତ ତାର ଉଦବେଗ ଜଣାଇଥିଲା। କିନ୍ତୁ ତାହା ଶୁଣାଗଲାନି ବୋଲି ଅଭିଯୋଗ ହୋଇଛି। ପାକିସ୍ତାନ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଆଇଏମଏଫ ଠାରୁ ୧ ବିଲିୟନ ଡଲାର (ପ୍ରାୟ ୮,୫୦୦କୋଟି ଟଙ୍କା) ପ୍ୟାକେଜ ପାଇବାର ଗୋଟିଏ ମାସ ପରେ ଏହି ପ୍ୟାକେଜ ମିଳିଛି। ପାକିସ୍ତାନ ଅର୍ଥମନ୍ତ୍ରୀଙ୍କ ପରାମର୍ଶଦାତା ଖୁରମ ଶେହଜାଦ ସୋସିଆଲ ମିଡିଆରେ ଏକ ସଂକ୍ଷିପ୍ତ ବିବୃତ୍ତିରେ ଏଡ଼ିବି ପ୍ୟାକେଜ ସହିତ ଜଡିତ ବିକାଶକୁ ନିଶ୍ଚିତ କରି କହିଛନ୍ତି ଯେ ପ୍ୟାକେଜରେ ୩ଶହ ନିୟୁତ ଡଲାରର ନୀତି-ଭିତ୍ତିକ ଋଣ ପିବିଏଲ ଏବଂ ୫ଶହ ନିୟୁତ ଡଲାରର କାର୍ଯ୍ୟକ୍ରମ-ଭିତ୍ତିକ ଗ୍ୟାରେଣ୍ଟି ପିବିଜି ଅନ୍ତର୍ଭୁକ୍ତ। ଏଡ଼ିବି ପ୍ୟାକେଜର ଲକ୍ଷ୍ୟ ପାକିସ୍ତାନର ଆର୍ଥିକ ସ୍ଥିରତାକୁ ସୁଦୃଢ଼ କରିବା ଏବଂ ବ୍ୟାପକ ସଂସ୍କାର ମାଧ୍ୟମରେ ସାର୍ବଜନୀନ ଆର୍ଥିକ ପରିଚାଳନାକୁ ବୃଦ୍ଧି କରିବା। ପାକିସ୍ତାନ ପାଇଁ ଏଡ଼ିବି ନିର୍ଦ୍ଦେଶକ ଏମା ଫ୍ୟାନ କହିଛନ୍ତି ପାକିସ୍ତାନ ମାକ୍ରୋ ଅର୍ଥନୈତିକ ପରିସ୍ଥିତିରେ ଉନ୍ନତି ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିଛି। ଏହି କାର୍ଯ୍ୟକ୍ରମ ସରକାରୀ ଆର୍ଥିକ ବ୍ୟବସ୍ଥାକୁ ଆହୁରି ମଜଭୁତ କରିବା ଏବଂ ସ୍ଥାୟୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ନୀତି ଏବଂ ସାଂଗଠନିକ ସଂସ୍କାର ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ସମର୍ଥନ କରେ। ଏହି ପଦକ୍ଷେପଗୁଡ଼ିକ ସାମାଜିକ ଏବଂ ବିକାଶ ଖର୍ଚ୍ଚ ପାଇଁ ସ୍ଥାନ ସୃଷ୍ଟି କରିବା ସହିତ ପାକିସ୍ତାନର ଆର୍ଥିକ ନିଅଣ୍ଟ ଏବଂ ସାଧାରଣ ଋଣକୁ ହ୍ରାସ କରିବା ଲକ୍ଷ୍ୟ ରଖିଛି। ଏହି ସହାୟତା ଟିକସ ବ୍ୟବସ୍ଥାକୁ ଉନ୍ନତ କରିବାରେ, ରାଜସ୍ୱ ବୃଦ୍ଧି କରିବାରେ ଏବଂ ଆର୍ଥିକ ଶୃଙ୍ଖଳାକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରିବ। ଏହି କାର୍ଯ୍ୟକ୍ରମ ଦେଶର ରାଜସ୍ୱ ଆଧାରକୁ ବିସ୍ତାର କରିବ ଏବଂ ଅର୍ଥନୈତିକ ଆତ୍ମନିର୍ଭରଶୀଳତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଚିହ୍ନିତ କରିବ ବୋଲି ମଧ୍ୟ ଆଶା କରାଯାଉଛି।

# ମୁନୀରଙ୍କ ନାଁରେ ସାଂଘାତିକ ଅଭିଯୋଗ ଆଣିଲେ ଇମ୍ରାନ



**ଇସଲାମବାଦ,୪।୬:** ଆଦିଆଲା ଜେଲରେ ବନ୍ଦୀ ଥିବା ଇମ୍ରାନ ଖାନ ପାକିସ୍ତାନ ସେନା ମୁଖ୍ୟ ଅସୀମ ମୁନିରଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଇମ୍ରାନ କହିଛନ୍ତି ଯେ ଯେତେବେଳେ ମୁଁ ପ୍ରଧାନମନ୍ତ୍ରୀ ଚୌକିରେ ଥିଲି, ମୁନିର ବୁଶ୍ରା ବିବିଙ୍କୁ ଭେଟିବା ପାଇଁ ଯଥାସମ୍ଭବ ଚେଷ୍ଟା କରିଥିଲେ। କିନ୍ତୁ, ତାଙ୍କୁ ଅନେକ ଥର ପିଛା କରିବା ସତ୍ତ୍ୱେ, ବୁଶ୍ରା, ମୁନିରଙ୍କ ପ୍ରତି କୌଣସି ଧ୍ୟାନ ଦେଇ ନଥିଲେ।

ଇମ୍ରାନ ଖାନ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ଦାବି କରିଛନ୍ତି ଯେ ଜେନେରାଲ ମୁନିରଙ୍କୁ ଡିଜି ଆଇଏସଆଇ ପଦରୁ ହଟାଇବା ପରେ ମଧ୍ୟସ୍ଥତା ମାଧ୍ୟମରେ ତାଙ୍କ ପତ୍ନୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ମୋ ପତ୍ନୀ ତାଙ୍କୁ ଭେଟିବାକୁ ମନା କରିଦେଇଥିଲେ। ସେ କହିଛନ୍ତି ଯେ ମୁଁ କୌଣସି ଅଧିକାରୀଙ୍କୁ ଭେଟିପାରିବି ନାହିଁ। ମୋର କୌଣସି ଅଧିକାରୀଙ୍କ ସହ କୌଣସି ସମ୍ପର୍କ ନାହିଁ।

ଇମ୍ରାନ କହିଛନ୍ତି ଯେ ବୁଶ୍ରା ସେତେବେଳେ ମୁନିରଙ୍କ କଥା ଶୁଣି ନଥିଲେ, ଯାହା ଯୋଗୁଁ ସେ କଷ୍ଟ ପାଉଛନ୍ତି। ମୁନିର ପ୍ରତିଶୋଧ ସ୍ୱରୂପ ବୁଶ୍ରାଙ୍କୁ ଜେଲରେ ରଖିଛନ୍ତି। ବୁଶ୍ରା ବିବି ୧୪ ମାସ ଧରି ପାକିସ୍ତାନ ଜେଲରେ ଅଛନ୍ତି। ତାଙ୍କ ଉପରେ ଦୁର୍ନୀତି ଅଭିଯୋଗ ଆସିଛି। ଇମ୍ରାନଙ୍କ ଅନୁଯାୟୀ, ଜେଲରେ ବୁଶରାଙ୍କ ସହିତ ଅମାନବୀୟ ବ୍ୟବହାର କରାଯାଉଛି। ମୁନିରଙ୍କ ନିର୍ଦ୍ଦେଶରେ ଏସବୁ କରାଯାଉଛି। ଇମ୍ରାନ ବୁଶରାଙ୍କୁ ଜଣେ ଗୃହିଣୀ ଏବଂ ପାକିସ୍ତାନୀ ନାଗରିକ ଭାବରେ ବର୍ଣ୍ଣନା କରିଛନ୍ତି। ଯଦି ଖାନଙ୍କୁ ବିଶ୍ୱାସ କରାଯାଏ, ତେବେ ପାକିସ୍ତାନ ସରକାର ବୁଶରା ଏବଂ ତାଙ୍କୁ ଭେଟିବାକୁ ମଧ୍ୟ ଦେଉନାହାଁନ୍ତି। ୨୦୧୮ରେ, ଅସୀମ ମୁନିରଙ୍କୁ ପାକିସ୍ତାନରେ ଆଇଏସ୍ଆଇ ମୁଖ୍ୟ ପଦବୀ ମିଳିଥିଲା, କିନ୍ତୁ ସେ କ୍ଷମତାକୁ ଆସିବା ମାତ୍ରେ ଇମ୍ରାନ ଖାନ ମୁନିରଙ୍କ ଉପରେ କଡା ନଜର ରଖିଥିଲେ। ଇମ୍ରାନଙ୍କ ଯୋଗୁଁ ମୁନିରଙ୍କୁ ମୁଖ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଇମ୍ରାନ ସେତେବେଳେ ଫୈଜ ଅହମ୍ମଦଙ୍କୁ ISI ମୁଖ୍ୟଙ୍କ କମାଣ୍ଡ ହସ୍ତାନ୍ତର କରିଥିଲେ। କୁହାଯାଉଛି ଯେ ମୁନିର ଇମ୍ରାନଙ୍କ ପତ୍ନୀଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ। କିନ୍ତୁ, ଇମ୍ରାନ ଖାନଙ୍କ ସହ ମୁନିରଙ୍କ ଆଲୋଚନା ସଫଳ ହୋଇନଥିଲା। ଇମ୍ରାନଙ୍କୁ କ୍ଷମତାରୁ ହଟାଇବା ପରେ, ୨୦୨୨ରେ ମୁନିରଙ୍କୁ ସେନା ମୁଖ୍ୟ ପଦବୀ ମିଳିଥିଲା। ୨୦୨୫ ରେ ମୁନିରଙ୍କୁ ଫିଲ୍ଡ ମାର୍ଶାଲ କରାଯାଇଥିଲା।

# ସନ୍ୟାସ ନେଲେ ଅକ୍ଷର ପଟେଲ



ନୂଆଦିଲ୍ଲୀ,୪।୬: ଗୋଟିଏ ପଟେ ଆର୍‌ସିବି ପ୍ରଥମ ଥର ପାଇଁ ଆଇପିଏଲ ଚାମ୍ପିୟନ ହେବାର ଉତ୍ସବ ପାଳନ କରୁଛି। ଅନ୍ୟପଟେ, ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ଅକ୍ଷର ପଟେଲ ଅବସର ନେଇଛନ୍ତି। ପଟେଲ କହିଛନ୍ତି ଯେ ସେ କ୍ରିକେଟକୁ ଅଲବିଦା କହିବାକୁ ନିଷ୍ପତ୍ତି ନେଇଛନ୍ତି। ହଁ, ଆଇପିଏଲ୍ ୨୦୨୫ ସମାପ୍ତ ହେବା ପରେ, ଏକ ଭିଡିଓ ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିଛି। ଏହି ଭାଇରାଲ ଭିଡିଓରେ, ଅକ୍ଷର ପଟେଲ କହୁଥିବାର ଦେଖାଯାଉଛି ଯେ ତାଙ୍କର ଏବଂ କ୍ରିକେଟର ଯାତ୍ରା କେବଳ ଏହି ପର୍ଯ୍ୟନ୍ତ ଥିଲା।

ଏହି ଭିଡିଓରେ, ଅକ୍ଷର ପଟେଲ ଏକ ଅବସର ଭାଷଣ ଦେଇ କହିଛନ୍ତି, 'ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ଘୋଷଣା। ଏହା ଘୋଷଣା କରିବା ମୋ ପାଇଁ ସହଜ ନୁହେଁ। କ୍ରିକେଟ ମୋତେ ସବୁକିଛି ଦେଇଛି, ମୋର ପରିଚୟ ଏବଂ ତୁମର ପ୍ରେମ, କିନ୍ତୁ ପ୍ରତ୍ୟେକ ଯାତ୍ରାର ଏକ ଅନ୍ତ ଅଛି। ହୁଏତ ମୋର ଏବଂ କ୍ରିକେଟର ଯାତ୍ରା ଏହି ପର୍ଯ୍ୟନ୍ତ ଥିଲା।' ଅକ୍ଷର ପଟେଲ ଭାରତର ସର୍ବୋତ୍ତମ ଅଲରାଉଣ୍ଡର ଖେଳାଳିଙ୍କ ମଧ୍ୟରୁ ଜଣେ। ଯେତେବେଳେ ଏବିପି ଲାଇଭ ଏହି ଭିଡିଓର ତଦନ୍ତ କଲା, ସେତେବେଳେ ଜଣାପଡିଲା ଯେ ଅକ୍ଷର ପଟେଲ କ୍ରିକେଟରୁ ଅବସର ନେଇ ନାହାଁନ୍ତି କାରଣ ଏହି ଭାଇରାଲ ଭିଡିଓ ଏଆଇ ସହିତ ତିଆରି ହୋଇଛି। ଅକ୍ଷର ପଟେଲ ନିଜେ ତାଙ୍କ ଅବସର ଉପରେ କୌଣସି ବୟାନ ଦେଇନାହାଁନ୍ତି କିମ୍ବା କୌଣସି ପୋଷ୍ଟ ଶେୟାର କରିନାହାଁନ୍ତି। ସେହିପରି, ବିସିସିଆଇ ମଧ୍ୟ ଏପରି କିଛି ନିଶ୍ଚିତ କରିନାହିଁ। ଅକ୍ଷର ପଟେଲ ଆଇପିଏଲ ୨୦୨୫ରେ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ଥିଲେ। ଦିଲ୍ଲୀ ଦଳକୁ ପଏଣ୍ଟ ଟେବୁଲରେ ପଞ୍ଚମ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ପଟେଲ ବର୍ତ୍ତମାନ ଭାରତୀୟ ଟି୨୦ ଦଳର ଉପ-ଅଧିନାୟକ ମଧ୍ୟ। ସୂଚନାଯୋଗ୍ୟ, ଗତ ଗୋଟିଏ ମାସ ମଧ୍ୟରେ ବିରାଟ କୋହଲି ଏବଂ ରୋହିତ ଶର୍ମା ଟେଷ୍ଟ କ୍ରିକେଟକୁ ଅଲବିଦା କହିଛନ୍ତି। ଏହି ଉଭୟ ବରିଷ୍ଠ ଖେଳାଳି ଗତ ବର୍ଷ ଟି୨୦ ଫର୍ମାଟକୁ ଅଲବିଦା କହିଥିଲେ। ବିରାଟ-ରୋହିତଙ୍କ ଟି୨୦ ଅବସର ପରେ, ଅକ୍ଷର ପଟେଲ ଟି୨୦ ଦଳର ସବୁଠାରୁ ବରିଷ୍ଠ ଖେଳାଳିଙ୍କ ମଧ୍ୟରୁ ଜଣେ।



## ଚାମ୍ପିଅନ ହେବା ପରେ ଅନୁଷ୍କାଙ୍କ ହାତରେ ହାତ ଛନ୍ଦି ବେଙ୍ଗାଲୁରୁ ଅଭିମୁଖେ ବିରାଟଙ୍କ ଯାତ୍ରା

ନୂଆଦିଲ୍ଲୀ, ୪।୬: ଆଇପିଏଲ ୨୦୨୫ରେ ବିରାଟ କୋହଲିଙ୍କ ଦଳ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦୀର୍ଘ ୧୭ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇ ଇତିହାସ ସୃଷ୍ଟି କରିଛି। ମ୍ୟାଚ୍ ଜିତିବା ପରେ ବିରାଟ କୋହଲି ନିଜର ଆଖିର ଲୁହକୁ ଅଟକାଇ ପାରି ନଥିଲେ। ପଡ଼ିଆରେ ସେ କାନ୍ଦି ପକାଇଥିଲେ। ବିରାଟଙ୍କୁ ଏପରି ଭାବପ୍ରବଣ ହେବା ଦେଖି ତାଙ୍କ ପ୍ରଶଂସକମାନେ ମଧ୍ୟ ଭାବବିହ୍ୱଳ ହୋଇ ପଡ଼ିଥିଲେ। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ମ୍ୟାଚ୍ ଅହମ୍ମଦାବାଦ ରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ଶେଷ ହେବାପରେ ପୂରା ଦଳ ଅହମ୍ମଦାବାଦରୁ ବେଙ୍ଗାଲୁରୁ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ବିରାଟ କୋହଲି ଏବଂ ଅନୁଷ୍କା ଶର୍ମାଙ୍କୁ ପୂରା ଦଳ ସହିତ ଅହମ୍ମଦାବାଦ ବିମାନବନ୍ଦରରେ ଦେଖିବାକୁ ମିଳିଥିଲା। ଉଭୟ କାଜୁଆଲ୍ ଲୁକରେ ନଜର ଆସିଥିଲେ । ଏହି ସମୟରେ ବିରାଟ କୋହଲି ଏବଂ ଅନୁଷ୍କା ଶର୍ମାଙ୍କ ମୁହଁରେ ଏକ ଭିନ୍ନ ଖୁସିର ଝଲକ ଥିବା ସ୍ପଷ୍ଟ ଭାବେ ବାରି ହୋଇ ପଡୁଥିଲା। କୁହାଯାଉଛି ଏହି ଷ୍ଟାର ଦମ୍ପତି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଚାମ୍ପିଅନ ହେବା ଖୁସିର ଉତ୍ସବ ପାଳନ କରିବାକୁ ସମୟ ବିଳମ୍ବ ନକରି ବେଙ୍ଗାଲୁରୁ ଅଭିମୁଖେ ଯାତ୍ରା ଆରମ୍ଭ କରି ଦେଇଛନ୍ତି।

## ଜୁଲାଇ ୫କୁ ଘୁଞ୍ଚିଲା ନୀରଜ ଚୋପ୍ରା କ୍ଲାସିକ୍

ନୂଆଦିଲ୍ଲୀ,୪।୬: ଯୁଗଳ ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରାଙ୍କ ନାଁରେ ଆୟୋଜିତ ହେବାକୁ ଥିବା ପ୍ରଥମ ନୀରଜ ଚୋପ୍ରା କ୍ଲାସିକ୍ ଜାଭଲିନ୍ ପ୍ରତିଯୋଗିତା ଜୁଲାଇ ୫କୁ ଘୁଞ୍ଚାଇ ଦିଆଯାଇଛି। ପୂର୍ବରୁ ଏହା ମେ'୨୪ ତାରିଖରେ ଆୟୋଜିତ ହେବାର ଥିଲା। ତେବେ ଭାରତ-ପାକସ୍ତାନ ସାମରିକ ଛକାପଞ୍ଝା ପାଇଁ ଆୟୋଜିତ ହୋଇ ପାରି ନଥିଲା। ମଙ୍ଗଳବାର ଆୟୋଜକମାନେ ନୂଆ ତାରିଖ ଘୋଷଣା କରିଛନ୍ତି। ସେହିଭଳି ଭାରତୀୟ ଦୌଡ଼କୁଦ ସଂଘ ସ୍ୱୀକୃତ ଏହି ପ୍ରତିଯୋଗିତା ବେଙ୍ଗାଲୁରୁର ଶ୍ରୀ କାନ୍ତିରଭା ଷ୍ଟାଡିୟମ୍‌ରେ ଖେଳାଯିବ ବୋଲି ସୂଚନା ଦେଇଛନ୍ତି।

### ଭାରତରୁ ଭାଗନେବେ କିଶୋରଙ୍କ ସହ ୫




ବିଶ୍ୱର ବଛାବଛା ୧୨ଜଣ ଜାଭଲିନ୍ ତାରକା ଅଂଶଗ୍ରହଣ କରିବାକୁ ଥିବା ଏହି ପ୍ରତିଯୋଗିତାରେ ଭାରତରୁ ନୀରଜଙ୍କ ସହ ୫ଜଣ ଜାଭଲିନ୍ ତାରକା ଅଂଶଗ୍ରହଣ କରିବେ। ଅନ୍ୟମାନେ ହେଲେ ସଚିନ ଯାଦବ, ଓଡ଼ିଆ ପୁଅ କିଶୋର ଜେନା, ରୋହିତ ଯାଦବ ଓ ସୁଶୀଲ ସିଲୱାଲ୍। ବିଦେଶୀ ଖେଳାଳିମାନେ ହେଲେ ଦୁଇଥର ବିଶ୍ୱ ବିଜେତା ଗ୍ରେନେଡାର ଆଣ୍ଡରସନ୍ ପିଟର୍ସ, ପୂର୍ବତନ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ଜର୍ମାନୀର ଥୋମାସ ରୋହଲର, ୨୦୧୫ ବିଶ୍ୱ ବିଜେତା କେନିଆର ଜୁଲିଅସ୍ ୟେଗୋ, ଆମେରିକାର କର୍ଟିସ୍ ଥମ୍ପସନ୍, ଏସୀୟ କ୍ରୀଡ଼ା କାଂସ୍ୟ ଜାପାନର ପଦକ ବିଜେତା ଜେନ୍‌କି ଡିନ୍, ଶ୍ରୀଲଙ୍କାର ରମେଶ ପାଥିରେଜ ଓ ବ୍ରାଜିଲର ମୌରିସିଓ ଡା ସିଲ୍‌ଭା ପ୍ରମୁଖ। ପ୍ରତିଯୋଗିତା ଲାଗି ଟିକେଟ ଦର ୧୯୯ ଟଙ୍କାରୁ ୯୯୯ ଟଙ୍କା ମଧରେ ରଖାଯାଇଛି। ନୀରଜ ଚୋପ୍ରା ଓ ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟସ ଏହାକୁ ମିଳିତ ଭାବେ ଆୟୋଜନ କରୁଛନ୍ତି।

## ଖରାପ ପାଗ ଏବଂ ଚିକୁନଗୁନିଆ ସଂକ୍ରମଣ ଯୋଗୁଁ ମହିଳା ଏସିଆ କପ୍ ସ୍ଥଗିତ



ନୂଆଦିଲ୍ଲୀ,୪।୬: ଜୁନ ୬ ତାରିଖରୁ ଶ୍ରୀଲଙ୍କାରେ ମହିଳା ଏସିଆ କପ୍ ଆୟୋଜିତ ହେବାର ସୂଚୀ ରହିଥିଲା। କିନ୍ତୁ ଏସିଆ କ୍ରିକେଟ୍ କାଉନସିଲ (ଏସିସି) ପକ୍ଷରୁ ସୋମବାର ଟୁର୍ଣ୍ଣାମେଣ୍ଟକୁ ସ୍ଥଗିତ ଘୋଷଣା କରାଯାଇଛି। ଶ୍ରୀଲଙ୍କାରେ ଏବେ ବର୍ଷା ହେଉଛି। ତା' ସହିତ ଦେଶରେ ଚିକୁନଗୁନିଆ ସଂକ୍ରମଣ ବ୍ୟାପକ ମାତ୍ରାରେ ବୃଦ୍ଧି ପାଇଥିବାରୁ ଏବେ ଟୁର୍ଣ୍ଣାମେଣ୍ଟ ଆୟୋଜନ ନେଇ ଉପଯୁକ୍ତ ସମୟ ନୁହେଁ ବୋଲି ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡର ସଭାପତି ସାମି ସିଲଭା ଏସିସିକୁ ପତ୍ର ଲେଖି ଜଣାଇଥିଲେ। ପତ୍ର ପାଇବା ପରେ ଏସିସି ଟୁର୍ଣ୍ଣାମେଣ୍ଟକୁ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନେଇଥିଲା। ପରବର୍ତ୍ତୀ ସମୟରେ ଟୁର୍ଣ୍ଣାମେଣ୍ଟର ନୂଆ ତାରିଖ ଘୋଷଣା କରାଯିବ ବୋଲି ଏସିସି ପକ୍ଷରୁ କୁହାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅକ୍ସିଜେନ୍...

ମୃତ୍ୟୁ ହୋଇଛି। ସରକାରୀ ସୂତ୍ର କହିଛି ଯେ ଅଧିକାଂଶ ମାମଲା ମୃଦୁ ଏବଂ ଘରୋଇ ଯତ୍ନରେ ପରିଚାଳିତ। ଜାନୁଆରି ୧ ପରଠାରୁ ୪୪ଜଣଙ୍କ ମୃତ୍ୟୁ ରିପୋର୍ଟ କରାଯାଇଛି। ଜୁନ୍ ୨ ତାରିଖରେ ଅକ୍ସିଜେନ୍ ଯୋଗାଣ ବ୍ୟବସ୍ଥା (ପିଏସଏ ପ୍ଲାଣ୍ଟ, ଏଲଏମଓ ଟ୍ୟାଙ୍କ,ଏମଜିପିଏସ ଲାଇନ) ମୂଲ୍ୟାଙ୍କନ ପାଇଁ ଏକ ମକ୍ ଡ୍ରିଲ୍ କରାଯାଇଥିଲା। ସୁବିଧା-ସ୍ତରୀୟ ପ୍ରସ୍ତୁତି ମକ୍ ଡ୍ରିଲ୍ ବୁଧବାର ଏବଂ ଗୁରୁବାର ପାଇଁ ଯୋଜନା କରାଯାଇଛି। ସରକାରୀ ସ୍ତରରୁ ଲୋକଙ୍କୁ ହାତ ପରିଷ୍କାର ପରିଚ୍ଛନ୍ନତା, ଅସୁସ୍ଥ ଥିବା ସମୟରେ ଭିଡ଼ ସ୍ଥାନଗୁଡ଼ିକୁ ଏଡାଇବାକୁ ପରାମର୍ଶ ଦେଇଛନ୍ତି। ତୀବ୍ର ଶ୍ୱାସକ୍ରିୟା ରୋଗରେ ପୀଡିତ ବ୍ୟକ୍ତିମାନେ ନିଜକୁ ତଦାରଖ କରିବା ଏବଂ ଲକ୍ଷଣଗୁଡ଼ିକ ଆହୁରି ଖରାପ ହେଲେ ଡାକ୍ତରଙ୍କୁ ଦେଖାଇବାକୁ କୁହାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପରିସ୍ଥିତି ଉପରେ କଡ଼ା ନଜର ରଖିଛି ଏବଂ ସମୟୋଚିତ ହସ୍ତକ୍ଷେପ ଏବଂ ପ୍ରଭାବଶାଳୀ ଯୋଗାଯୋଗ ମାଧ୍ୟମରେ ଜନସ୍ୱାସ୍ଥ୍ୟ ସୁରକ୍ଷା ସୁନିଶ୍ଚିତ କରିବାକୁ ପ୍ରତିବଦ୍ଧ ରହିଛି ବୋଲି କୁହାଯାଉଛି। ଏଥିସହିତ ଆଜି ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ବୈଠକରେ ଓଡ଼ିଶାରେ କୋଭିଡ ସ୍ଥିତି ସଂପର୍କରେ ଅନୁଧ୍ୟାନ ଓ ଆଲୋଚନା କରାଯାଇଥିଲା।ଭାରତର ଅନ୍ୟାନ୍ୟ ରାଜ୍ୟମାନଙ୍କରେ ଯଦିଓ କୋଭିଡ ସଂଖ୍ୟା ସାମାନ୍ୟ ବୃଦ୍ଧି ଘଟିଛି, ଓଡ଼ିଶାରେ କିନ୍ତୁ ସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା ବୈଠକରୁ ଜଣାଯାଇଛି। ଗତ ୭ଦିନ ମଧ୍ୟରେ ଓଡ଼ିଶାରେ କରାଯାଇଥିବା ପରୀକ୍ଷା ମଧ୍ୟରେ ୫୪୬ଟି ନମୁନା ମଧ୍ୟରୁ ଆଜି ସୁଦ୍ଧା ମାତ୍ର ୨୩ଜଣଙ୍କଠାରେ କୋଭିଡ ଭୂତାଣୁ ଚିହ୍ନଟ କରାଯାଇଛି ଏବଂତନ୍ମଧ୍ୟରୁ ୪ଜଣ ବର୍ତ୍ତମାନ ସୁଦ୍ଧା ସୁସ୍ଥ ହୋଇଛନ୍ତି। ଅନ୍ୟ ୧୯ଜଣ ଘରେ ଚିକିତ୍ସିତ ହେଉଛନ୍ତି ଏବଂ କୌଣସି ରୋଗୀ ଗୁରୁତର ନାହାନ୍ତି। ଆଇସିଏମଆର ଗତ କାଲି ଦେଇଥିବା ବିବରଣୀ ଅନୁସାରେ ଏ ସମସ୍ତ ଭୂତାଣୁ ଜନିତ ସଂକ୍ରମଣ ଓମିକ୍ରନ୍ ଭୂତାଣୁର ଉପ ପ୍ରଜାତି ଏବଂ ଏହା କୌଣସି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟିକରେ ନାହିଁ। କେବଳ ଯେଉଁମାନେ ପୂର୍ବରୁ ଦୀର୍ଘଦିନ ଧରି ବିଭିନ୍ନ ଜଟିଳ ରୋଗରେ ପୀଡ଼ିତ ଅଛନ୍ତି ବା ସେମାନଙ୍କର କୋମର୍ବିଡିଟି ରହିଛି, ସେ କ୍ଷେତ୍ରରେ ସେମାନଙ୍କୁ ସ୍ୱାସ୍ଥ୍ୟଗତ ସାବଧାନତା ଅବଲମ୍ବନ କରିବା ପାଇଁ ଆଇସିଏମଆର ତରଫରୁ ପରାମର୍ଶ ଦିଆଯାଇଛି।

## ଭୁଲ୍...

ତ କିଏ କଥା ହେଉଥିଲେ ଓ ଖାଇବାକୁ ବି ମାଗୁଥିଲେ। ଗୁରୁତର ହୋଇ ମେଡିକାଲ ଆସିଥିଲେ ବି ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ଆପାତତଃ ସ୍ଥିର ଥିବାରୁ ସେମାନେ ସୁସ୍ଥ ହୋଇ ଘରକୁ ଫେରିବେ ବୋଲି ଆଶାବାଦୀ ଥିଲେ ସଂପର୍କୀୟ । ହେଲେ ରାତି ଡ୍ୟୁଟିରେ ଥିବା ନର୍ସ ଇଞ୍ଜେକ୍ସନ ଦେବା ପରେ ରାତି ୧୧ଟାରୁ ସାଢ଼େ ୧୧ଟା ଭିତରେ ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ, ଭୋର୍ ୩ଟାରେ ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ରାତିରେ ହସ୍ପିଟାଲ ପରିସରରେ ଉତ୍ତେଜନା ଦେଖାଦେବାରୁ ଟାଉନ ଥାନା ପକ୍ଷରୁ ପୋଲିସ ମୁତୟନ କରାଯାଇଥିଲା। ରୋଗୀ ମୃତ୍ୟୁକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ମେଡିକାଲ୍ କଲେଜ୍ ଡିନ୍ । କହିଛନ୍ତି- ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଭୁଲ୍ ଇଞ୍ଜେକ୍ସନ୍ ଦିଆଯାଇନାହିଁ । ଅଭିଜ୍ଞ ଷ୍ଟାଫ୍ ଥିଲେ ଏବଂ ପ୍ରୋଟୋକଲ୍ ଅନୁସାରେ ସବୁକିଛି ହୋଇଛି । ଏପଟେ ତଦନ୍ତ ପାଇଁ କଟକ ଏସସିବି ମେଡିକାଲ ଓ ବ୍ରହ୍ମପୁର ଏମକେସିଜିରୁ କୋରାପୁଟକୁ ଯାଇଛି ଦୁଇଟି ଡାକ୍ତରୀ ଟିମ୍ । ଏହି ଟିମ ରୋଗୀ ମୃତ୍ୟୁର ଅନୁଧ୍ୟାନ କରିବା ପରେ ଆସନ୍ତାକାଲି ସରକାରଙ୍କୁ ରିପୋର୍ଟ ଦେବେ ବୋଲି କହିଛନ୍ତି ଡିଏମଇଟି ନିର୍ଦ୍ଦେଶକ। କେବଳ ଏଇ ଘଟଣା ନୁହେଁ, ପୂର୍ବରୁ ୱାର୍ଡ ଭିତରେ ମୂଷା ଉପଦ୍ରବ, ଏପରିକି ରୋଗୀଙ୍କ ବେଡରେ ମୂଷା ଚାଲୁଥିବା ଘଟଣାକୁ ନେଇ ଚର୍ଚ୍ଚିତ ହୋଇଥିଲା କୋରାପୁଟ୍ ମେଡିକାଲ୍ କଲେଜ । ଏଥିସହ ଡାକ୍ତର ଅଭାବ ଓ ଚିକିତ୍ସା ଅବହେଳାକୁ ନେଇ ବି ବିଭିନ୍ନ ସମୟରେ ଅଭିଯୋଗ ହୋଇଛି।

## କୁଆଡ଼େ...

ପ୍ରତିକ୍ରିୟାଶୂନ୍ୟ ହୋଇଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟର ଏକ ମେଡିକାଲ କଲେଜରେ ଭୁଲ ଇଞ୍ଜେକ୍ସନ ପାଇଁ ୬ଜଣ ଲୋକଙ୍କ ଜୀବନ ଚାଲିଯାଉଛି, ହସ୍ପିଟାଲ ପରିସରରେ ଉତ୍ତେଜନ ପ୍ରକାଶ ପାଉଛି ଅଥଚ ସ୍ୱାସ୍ଥ୍ୟମନ୍ତ୍ରୀ ୨୪ ଘଣ୍ଟା ପରେ ବି ଘଟଣାସ୍ଥଳକୁ ଯାଉନାହାଁନ୍ତି କି ସମୀକ୍ଷା ନକରିବା ନିଶ୍ଚିତ ଭାବେ ଉଦବେଗଜନକ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି। ପୂର୍ବରୁ ବିଜେଡି ସରକାର ଯେଉଁ ଢଙ୍ଗରେ ଚାଲୁଥିଲା ଏବେ ବିଜେପି ସରକାର ମଧ୍ୟ ସେହିଭଳି ଚାଲିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଶ୍ୱେତପତ୍ର...

ପୂର୍ବତନ ବିଧାୟକ ରଘୁରାମ ପଢାଲ ପ୍ରମୁଖ ଗତ ୨୪ ଘଣ୍ଟା ମଧ୍ୟରେ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଚିକିତ୍ସା ଅବହେଳା ଯୋଗୁଁ ଆଇସିୟୁରେ ୫ଜଣ ଓ ୱାର୍ଡରେ ଜଣେ ରୋଗୀ ଅକାଳ ମୃତ୍ୟୁବରଣ କରିବା ଘଟଣାକୁ ନେଇ ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତାକୁ ଦାୟୀ କରିଛନ୍ତି । ପୂର୍ବରୁ ଅଭିଭକ୍ତ କୋରାପୁଟ ଜିଲ୍ଲାର ଲୋକମାନେ ଚିକିତ୍ସା ପାଇଁ ପଡୋଶୀ ଆନ୍ଧ୍ର ମୁହାଁ ହେଉଥିଲେ । ଏହାକୁ ଅନୁଭବ କରି ଦୂରଦୃଷ୍ଟିସଂପର୍ଣ୍ଣ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋରାପୁଟରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କରିଥିଲେ । ବର୍ତ୍ତମାନର ସରକାର ଏକ ବର୍ଷ ମଧ୍ୟରେ ସବୁକିଛି କରିବାର ପ୍ରଚାର କରୁଥିଲେ ମଧ୍ୟ ଏହି ଘଟଣା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ବେପରୁଆ ମନୋଭାବ ଓ ବିକଳ ଚିତ୍ର ପଦାରେ ପକାଇଛି ।

ଶ୍ରୀ ବକ୍ସିପାତ୍ର ଆହୁରି ମଧ୍ୟ କହିଥିଲେ ଯେ, ଏହି ସମ୍ବେଦନଶୀଳ ଘଟଣା ରୋଗୀ ଓ ତାଙ୍କ ସଂପର୍କୀୟମାନଙ୍କୁ ନିରାଶ କରିବା ସହ ମୃତ୍ୟୁର ପ୍ରକୃତ କାରଣ ସାର୍ବଜନୀନ କରିବା ପାଇଁ ସାଧାରଣରେ ଦାବି ହେଉଛି । ତୁରନ୍ତ ସରକାର ଏ ଘଟଣାରେ ଶ୍ୱେତପତ୍ର ଜାରି କରିବା ସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ସେହିପରି କୋରାପୁଟ ଜିଲ୍ଲା ବିଜେଡି ସଭାପତି ହିକକ୍କା କହିଥିଲେ ଯେ, ଅତୀତରେ କୋରାପୁଟ ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜ ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିଲା ବେଳେ ଆଜି ଏଭଳି ସ୍ଥିତି ପାଇଁ ସରକାରୀ ଅବହେଳା ଦାୟୀ ।

## ପ୍ରତିଷ୍ଠା...

ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆପଣମାନେ ସରକାରର ପ୍ରତିନିଧି ଭାବରେ ଗାଁ ଓ ଗ୍ରାମବାସୀଙ୍କୁ ସମୟରେ ଓ ନ୍ୟାୟସଙ୍ଗତ ସେବା ଦେବା ପାଇଁ ତତ୍ପର ହେବା ଆବଶ୍ୟକ ଅଛି । ସମାଜର ଶେଷ ଧାଡିରେ ଥିବା ଲୋକ ପର୍ଯ୍ୟନ୍ତ ସେବା ପହଞ୍ଚାନ୍ତୁ। ଯେଉଁମାନେ ଦୀର୍ଘଦିନ ଧରି ବଞ୍ଚିତ ଓ ଅବହେଳିତ ସେମାନେ ହେଉଛନ୍ତି ସରକାରଙ୍କ ପ୍ରଥମ ପ୍ରାଥମିକତା। ବହୁତ ମୂଲ୍ୟବାନ ସରକାରୀ ଜମି ଜବରଦଖଲରେ ଅଛି। ସେହି ସରକାରୀ ଜମିକୁ ଆପଣ ଜବରଦଖଲମୁକ୍ତ କରି ତାହାର ସୁରକ୍ଷା କରନ୍ତୁ । ଆଗାମୀ ଦିନରେ ସରକାର ଅନେକ ରାଜସ୍ୱ କ୍ଷେତ୍ରରେ ଅନେକ ସଂସ୍କାର ଆଣିବାକୁ ଯାଉଛନ୍ତି। ସମୟ ସୀମା ମଧ୍ୟରେ ଦାଖଲ ଖାରଜ ମାମଲା ଓ ଅନ୍ୟାନ୍ୟ ଜମିଜମା ମାମଲାର ତ୍ୱରିତ ଫଇସଲା କରନ୍ତୁ । ଜମିଜମା ସଙ୍କାନ୍ତୀୟ ମାମଲା ବିଚାର କଲାବେଳେ ସଂପୂର୍ଣ୍ଣ ସ୍ୱଚ୍ଛତା ସହିତ କରିବେ। ଯେତେବେଳେ ଆପଣ ଏହି ଭୂମିକା ତୁଲାନ୍ତି, ସେତେବେଳେ ଆପଣ ନ୍ୟାୟ ଦଣ୍ଡରେ ବିରାଜମାନ କରିଥାନ୍ତି। ଏହି କଥାକୁ ସବୁବେଳେ ମନେ ରଖିବେ। ଜନଜାତି ଏବଂ ଅନୁସୂଚିତ ଜାତିଙ୍କ ଜମି କିଣା ବିକାରେ ଅନେକ ସମୟରେ ଅନିୟମିତତା ଦେଖାଯାଇଥାଏ। ଏହି କିଣାବିକା ତହସିଲଦାରଙ୍କ ଅଗୋଚରରେ ହେବା ପ୍ରାୟତଃ ଅସମ୍ଭବ। ତେଣୁ ଏହି ସମ୍ବନ୍ଧୀୟ ସବୁ ବିବାଦ, କିଣାବିକାରେ ସାମାନ୍ୟତମ ବ୍ୟତିକ୍ରମ ହେବା ଉଚିତ ନୁହେଁ। ଯଦି ଜ୍ଞାତସରରେ କିଛି ତ୍ରୁଟି ହୁଏ, ଏହାର ପରିଣାମ ସେହି ଅଧିକାରୀ ଭୋଗିବେ। ଏଥିରେ ସରକାରଙ୍କ 'ଶୂନ୍ୟ ସହନଶୀଳତା' ଅଛି। କିଛି ଦିନ ପରେ ମୌସୁମୀ ବର୍ଷା ଆରମ୍ଭ ହୋଇଯିବ। ସମସ୍ତେ ପାଣିପାଗ ବିଭାଗଦ୍ୱାରା ଜାରି ପାଣିପାଗ ସୂଚନାକୁ ନିୟମିତ ଭାବେ ପାଳନ କରୁଥିବେ ଏବଂ ତଦନୁସାରେ ଲୋକଙ୍କୁ ସୁରକ୍ଷିତ ରଖିବା ପାଇଁ ଏସଓପି ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବେ। ରାଜସ୍ୱ ବିଭାଗ ହେଉଛି ସ୍ୱଚ୍ଛ ଏବଂ ଉତ୍ତମ ସରକାରର ଦର୍ପଣ। ଯଦି ସରକାର ଆପଣଙ୍କ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା କରିବାକୁ ଯାଉଛନ୍ତି, ଆପଣମାନେ ଆବଶ୍ୟକ ଜମି ଯୋଗାଡ କରିବେ। ସରକାର ବର୍ତ୍ତମାନ ଧାନ କିଣିବା ପାଇଁ ଅଧିକ ୮ଶହ ଟଙ୍କା ପ୍ରଦାନ କରୁଛନ୍ତି। କର୍ତ୍ତବ୍ୟପରାୟଣ ଓ ସଚ୍ଚୋଟ ହୁଅନ୍ତୁ। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଏ ସରକାର ବରଦାସ୍ତ କରିବେ ନାହିଁ । ଭଲ କାମ କରୁଥିବା ଅଧିକାରୀଙ୍କୁ ନିଶ୍ଚୟ ପୁରସ୍କୃତ କରାଯିବ। ପ୍ରତିଷ୍ଠା ନୁହେଁ, ସମର୍ପଣ ହେଉ ଆପଣମାନଙ୍କ ମାନଦଣ୍ଡ । ଏକ ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ ରାଜସ୍ୱ ପ୍ରଶାସନ ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଏହି ଲକ୍ଷ୍ୟକୁ ଆଖି ଆଗରେ ରଖି ଆମକୁ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ପରିଶେଷରେ କହିଥିଲେ।

କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରନ୍ତୁ । ସମୟ ଅନୁଯାୟୀ ରାଜସ୍ୱ ସେବା ଯୋଗାଇ ଦେବା ପାଇଁ ଯତ୍ନବାନ ହୁଅନ୍ତୁ ବୋଲି ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ବି. ପରମେଶ୍ୱରନ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଦୁଇ ଦିନିଆ କର୍ମଶାଳାର ପ୍ରଥମ ଅଧିବେଶନରେ ସମସ୍ତ ଜିଲ୍ଲାର ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ତହସିଲଦାର ମାନେ ଅଂଶଗ୍ରହଣ କରିଥିଲେ।

## ସେଲିବ୍ରେସନ...

ଅଛନ୍ତି। ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଆରସିବିର ବିଜୟ ଉତ୍ସବ ବେଳେ ବହୁ ସଂଖ୍ୟକ ଲୋକ ଉପସ୍ଥିତ ଥିଲେ। ସେମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ଲାଠିଚାର୍ଜ କରିଥିଲା ଏବଂ ଏହା ପରେ ଦଳାଚକଟା ଆରମ୍ଭ ହୋଇଥିଲା।

ବିଜୟ ଶୋଭାଯାତ୍ରା ସନ୍ଧ୍ୟା ୫ଟାରେ ଆରମ୍ଭ ହେବାର ଥିଲା କିନ୍ତୁ ତାହା ହୋଇପାରିଲା ନାହିଁ। ଆଇପିଏଲ ୨୦୨୫ର ଫାଇନାଲରେ ଆରସିବି ପଞ୍ଜାବ କିଙ୍ଗସକୁ ୬ ରନ୍‌ରେ ପରାସ୍ତ କରିଥିଲା। ଆରସିବି ପ୍ରଥମ ଥର ପାଇଁ ଆଇପିଏଲ ଟାଇଟଲ ଜିତିଥିଲା। ଏହି ବିଜୟ ପରେ କର୍ଣ୍ଣାଟକ ସମେତ ଅନେକ ସହରରେ ବିଜୟ ଉତ୍ସବ ପାଳନ କରାଯାଇଥିଲା, କିନ୍ତୁ ଏବେ ଏହି ଦଳର ବିଜୟ ଶୋଭାଯାତ୍ରା ସମୟରେ ଘଟିଥିବା ଦୁର୍ଘଟଣା ଏହି ବିଜୟକୁ ଫିକା କରିଦେଇଛି। ବେଙ୍ଗାଲୁରୁ ଦଳାଚକଟା ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକାଶ କରିଛନ୍ତି। ସେ ମୃତ୍ୟୁବରଣ କରିଥିବା ଲୋକଙ୍କ ପାଇଁ ଗଭୀର ଶୋକ ପ୍ରକାଶ କରିଛନ୍ତି। ବେଙ୍ଗାଲୁରୁରେ ଘଟିଥିବା ଦୁର୍ଘଟଣା ସମ୍ପୂର୍ଣ୍ଣ ଦୁଃଖଦ। ଏହି ଦୁଃଖଦ ସମୟରେ ମୋର ସମବେଦନା ସେମାନଙ୍କ ପ୍ରିୟଜନଙ୍କୁ ହରାଇଥିବା ସମସ୍ତଙ୍କ ସହିତ ଅଛି। ମୁଁ ପ୍ରାର୍ଥନା କରୁଛି ଯେ ଆହତମାନେ ଶୀଘ୍ର ଆରୋଗ୍ୟ ପାଆନ୍ତୁ ବୋଲି ମୋଦି ତାଙ୍କ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି।

ଏହି ଘଟଣାରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ ମୃତକଙ୍କ ପରିବାରକୁ ପ୍ରତ୍ୟେକଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଘଟଣାର ମାଜିଷ୍ଟ୍ରେଟ୍ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଏବଂ ୧୫ ଦିନ ମଧ୍ୟରେ ରିପୋର୍ଟ ମାଗିଛନ୍ତି। ଏହି ସମୟରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଦଳାଚକଟାକୁ ମହାକୁମ୍ଭ ଦଳାଚକଟା ସହିତ ତୁଳନା କରିଛନ୍ତି। ସେ କହିଛନ୍ତି, ଏପରି ଘଟଣା ଅନେକ ସ୍ଥାନରେ ଘଟିଥିଲା। କୁମ୍ଭମେଳାରେ ମଧ୍ୟ ୫୦-୬୦ ଲୋକଙ୍କ ମୃତ୍ୟୁ ହୋଇଥିଲା। ମୁଁ ସମାଲୋଚନା କରିନାହିଁ।

ସେ କହିଛନ୍ତି, ଦଳାଚକଟାରେ ୧୧ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୩୩ ଜଣ ଆହତ ହୋଇଛନ୍ତି। ଏହି ଦୁଃଖଦ ଘଟଣା ଘଟିବା ଉଚିତ୍ ନଥିଲା। ସରକାର ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରୁଛନ୍ତି। ମୃତକଙ୍କ ପାଇଁ ସରକାର ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା କରିଛନ୍ତି। ଆହତମାନଙ୍କୁ ସରକାର ମାଗଣା ଚିକିତ୍ସା ଯୋଗାଇବେ। ଲୋକମାନେ ଷ୍ଟାଡିୟମର ଫାଟକ ମଧ୍ୟ ଭାଙ୍ଗି ଦେଇଥିଲେ ଏବଂ ଦଳାଚକଟା ହୋଇଥିଲା। କେହି ଏତେ ବଡ଼ ଭିଡ଼ ଆଶା କରିନଥିଲେ। ଷ୍ଟାଡିୟମରେ କେବଳ ୩୫,୦୦୦ ଲୋକଙ୍କ କ୍ଷମତା ଅଛି, କିନ୍ତୁ ୨-୩ ଲକ୍ଷ ଲୋକ ଆସିଥିଲେ। ଅନ୍ୟପଟେ ବିସିସିଆଇ ସଚିବ ଦେବଜିତ ସାଇକିଆ ଏହି ଘଟଣାରେ କ୍ଷୋଭ ପ୍ରକାଶ କରି କହିଛନ୍ତି, ଏହା ଦୁର୍ଭାଗ୍ୟଜନକ। ଏହା ଲୋକପ୍ରିୟତାର ନକାରାତ୍ମକ ଦିଗ। ଲୋକମାନେ କ୍ରିକେଟରଙ୍କ ପ୍ରତି ପାଗଳ। ଆୟୋଜକମାନଙ୍କୁ ଭଲ ପ୍ରସ୍ତୁତି କରିବା ଉଚିତ ଥିଲା। ଏହି ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ପ୍ରତି ମୁଁ ମୋର ସମବେଦନା ପ୍ରକାଶ କରୁଛି।

## ଜୁନରେ ...

୧୨ ମଧ୍ୟରେ ପଶ୍ଚିମ ଓ କେନ୍ଦ୍ରୀୟ ଓଡିଶାରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକ ଠାରୁ ୮ ଡିଗ୍ରୀ ବା ତାଠାରୁ ଅଧିକ ରହିପାରେ ବୋଲି ଡକ୍ଟର ସୁରେନ୍ଦ୍ର ନାଥ ପଶୁପାଳକ ଆକଳନ କରିଛନ୍ତି ।

ଏହି ସମୟ ମଧ୍ୟରେ ଗରମ ସହ ପଶ୍ଚିମା ଝାଞ୍ଜି ପବନ ବହିବାର ସଙ୍କେତ ମଧ୍ୟ ମିଳୁଛି । ସୁନ୍ଦରଗଡ, ଝାରସୁଗୁଡା, ଦେବଗଡ, ସମ୍ବଲପୁର, ବରଗଡ, ବୌଦ୍ଧ, ସୋନପୁର, ବଲାଙ୍ଗୀର, ଢେଙ୍କାନାଳ, ଅନୁଗୁଳ, ସବୁଠୁ ଉତ୍ତପ୍ତ ରହିବ । ଏହାସହ ଆଭ୍ୟନ୍ତରୀଣ କଟକ, ଖୋର୍ଦ୍ଧା, ପୁରୀର କିଛି ଅଞ୍ଚଳ, ନୟାଗଡ ଓ ଆଭ୍ୟନ୍ତରୀଣ ଗଞ୍ଜାମରେ ମଧ୍ୟ ଅତ୍ୟଧିକ ଗରମ ସହ ଝାଞ୍ଜି ଓ ଗୁଳୁଗୁଳି ଅନୁଭୂତ ହେବ । ପ୍ରାୟ ଦୁଇ ସପ୍ତାହ ତଳୁ ରାଜ୍ୟକୁ ମୌସୁମୀ ଛୁଇଁଥିଲେ ମଧ୍ୟ ୨୮ ତାରିଖରୁ କୁଆଡେ ଉଭାନ ହୋଇଯାଇଛି । ଆସନ୍ତାକାଲିଠାରୁ ପଶ୍ଚିମା ପବନ ସାରା ରାଜ୍ୟରେ ବହିବ । ଜୁନରେ ମୌସୁମୀ ବିଳମ୍ବ ହେଲେ ଗ୍ରୀଷ୍ମପ୍ରବାହ ହୋଇଥାଏ । ୨୦୨୩ ଜୁନ ୧୨ରେ ରାଜ୍ୟର ୧୬ଟି ସ୍ଥାନେ ତାପମାତ୍ରା ୪୩ ଡିଗ୍ରୀ ଅତିକ୍ରମ କରିଥିଲା ଏବଂ ସମ୍ବଲପୁରରେ ପାରଦ ଥିଲା ୪୫.୬ ଡିଗ୍ରୀ, ଭୁବନେଶ୍ୱରରେ ୪୩ ଡିଗ୍ରୀ ଅତିକ୍ରମ କରିଥିଲା, ଯାହାକି ସ୍ୱାଭାବିକ ଠାରୁ ୮.୩ ଡିଗ୍ରୀ ଅଧିକ ରହିଥିଲା । ୨୦୧୬ ଜୁନ ୧୩ରେ ବଲାଙ୍ଗୀର ଓ ସମ୍ବଲପୁରରେ ତାପମାତ୍ରା ୪୨ ଡିଗ୍ରୀ ଛୁଇଁଥିଲା । ସୌସୁମୀ ଛୁଇଁଲାପରେ ତାପମାତ୍ରା ୩୨ରୁ ୩୫ ଡିଗ୍ରୀ ମଧ୍ୟରେ ରହିଥାଏ ଏବଂ ବ୍ରେମ ମନସୁନରେ ତାତି ୪୦ ଡିଗ୍ରୀ ତଳେ ରହିଥାଏ । ତେଣୁ ସମ୍ଭାବ୍ୟ ଗ୍ରୀଷ୍ମପ୍ରବାହ ସାଧାରଣ କି ସ୍ୱାଭାବିକ ମଧ୍ୟ ନୁହେଁ ।

## କୁଳପତି ...

ଆସିଥିବା ଆବେଦନକୁ ଖାରଜ କରାଯିବ। ଚୟନ ହୋଇଥିବା ପ୍ରାଧ୍ୟାପକମାନଙ୍କୁ ତିନି ଜଣିଆ ଚୟନ କମିଟି ଆଗରେ ଇଣ୍ଟରଭ୍ୟୁ ଦେବାକୁ ପଡ଼ିବ । ଯାହା ତାରିଖ ଓ ସ୍ଥାନକୁ ଖୁବ୍ ଶୀଘ୍ର ଘୋଷଣା କରିବ ଉଚ୍ଚଶିକ୍ଷା ବିଭାଗ ।

## ବିଜେପିକୁ ...

୨୪ ଆର୍ଥିକ ବର୍ଷର ଅନୁଦାନ। ତାକୁ ଉଦଘାଟନ କରି ବିଧାୟିକା କି ରିପୋର୍ଟ ସାର୍ବଜନୀନ କରିବାକୁ ଚାହୁଁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି । ଉପମୁଖ୍ୟମନ୍ତ୍ରୀ ଉଦଘାଟନ କରିଥିବା ସମସ୍ତ କାର୍ଯ୍ୟ ପୁରୁଣା, ଗତ ଏକ ବର୍ଷ ମଧ୍ୟରେ ଗୋଟେ ହେଲେ ନୂଆ ଅନୁଦାନ ନିମାପଡ଼ାକୁ ଆସିନାହିଁ। ସମସ୍ତ କାର୍ଯ୍ୟର କାର୍ଯ୍ୟାଦେଶ ବର୍ଷର ସଠିକ୍ ତଦାରଖ କରିବା ସହିତ ସତ୍ୟାସତ୍ୟ ଲୋକଲୋଚନକୁ ଆଣିବାକୁ ସେ ଗଣମାଧ୍ୟମକୁ ନିବେଦନ କରିଛନ୍ତି ।

ସମୀରଙ୍କ ଦାବି ହେଉଛି ସେ ଓ ତାଙ୍କ ସଂଗଠନ ୫୦ହଜାରରୁ ୫୫ହଜାର ଭୋଟ ଦେଇଥିଲେ। କିନ୍ତୁ ସେଇ ସଂଗଠନକୁ ପ୍ରଭାତୀ ପରିଡା ନିଜ ସହ ନେଉନାହାଁନ୍ତି। କେବଳ କଳାପାଞ୍ଚଣ ପଂଚାୟତରୁ ସେ ପ୍ରଭାତୀଙ୍କ ପାଇଁ ୨୬ଶହ ଭୋଟ କରାଇଥିଲେ। ସେ ମଧ୍ୟରୁ ବିଜେପିର ମାତ୍ର ୨୦୦ ଖଣ୍ଡ ଭୋଟ ଥିଲା। ଏକଥାକୁ ହୁଏତ ପ୍ରଭାତୀ ପରିଡ଼ା ସ୍ୱୀକାର କରିନପାରନ୍ତି ବୋଲି ସେ କହିଛନ୍ତି। ଦୁଇ ନେତାଙ୍କ ଭିତରେ କନ୍ଦୁଆ ଫିଙ୍ଗାକୁ ନେଇ ନିମାପଡ଼ା ରାଜନୀତି ସରଗରମ ହୋଇଥିବା ବେଳେ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ସମୀର ଦାସ ବିଜେପି ସହ ବାର୍ଗେନ କରିବା ଆରମ୍ଭ କରିଛନ୍ତି। ଚର୍ଚ୍ଚା ହେଉଛି ବିଜେପିରେ ଯୋଗଦେବା ବେଳେ ବି ସେ ଜାଣିଥିଲେ ଯେ ସେ ଟିକେଟ ପାଇବେ ନାହିଁ। କିନ୍ତୁ କ୍ଷମତା ବିନା ସେ ଛଟପଟ ହୋଇ ବିଜେପି ସହ ସମ୍ପର୍କ ତୁଟାଇବାକୁ ଯୋଜନା କରୁଥିବା ଚର୍ଚ୍ଚା ହେଉଛି। ପଂଚାୟତ ନିର୍ବାଚନ ସମୟରେ ସେ ନିଜର ଅସଲ ଚରିତ୍ର ଦେଖାଇବେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

## ୧୦ କୋଟି ...

କୋଟିରୁ ଅଧିକ ଗଛ ଲଗାଯାଇଛି । ଏହା କେବଳ ଏକ ଗଛ ନୁହେଁ ବରଂ ମାଆଙ୍କ ପ୍ରତି ଥିବା ଆମର ସ୍ନେହ, ଶ୍ରଦ୍ଧା ଓ ଭଲପାଇବାର ଏକ ନିଚ୍ଛକ ପ୍ରମାଣ। ଏହା ମାଟି ମାଆ ପ୍ରତି ଆମର ପ୍ରେମ ଏବଂ ନିବିଡ଼ତାର ପ୍ରତୀକ। ଛତିଶଗଡ଼ରେ ଶିଶୁ ଏବଂ ମାଆ ଭଉଣୀଙ୍କ ଦ୍ୱାରା ପ୍ରସ୍ତୁତ ସିଡ୍ ବଲ୍, ତ୍ରିପୁରାରେ ଗଛ ଲଗାଇବା ପାଇଁ ନିଆଯାଇଥିବା ପଦକ୍ଷେପ ଏବଂ ରାଜସ୍ଥାନରେ ୧.୫ କୋଟିର ଚାରାରୋପଣ ଏହି ଅଭିଯାନକୁ ନୂଆ ପରିଚୟ ଦେଇଛି। ଓଡ଼ିଶା ପ୍ରଦେଶ ସମେତ ସମଗ୍ର ଦେଶବାସୀଙ୍କ ପ୍ରଚେଷ୍ଟା ଏହି ରାଷ୍ଟ୍ରୀୟ ଅଭିଯାନକୁ ଏକ ଜନଆନ୍ଦୋଳନରେ ପରିଣତ କରିଛି।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ଅଭିଯାନ କେବଳ ଏକ ପରିସଂଖ୍ୟାନରେ ସୀମିତ ନୁହେଁ ବରଂ ପ୍ରକୃତି ପ୍ରତି ଥିବା ଆମର ସ୍ନେହ ଏବଂ ଦାୟିତ୍ୱବୋଧତାର ସ୍ୱରୂପ ଅଟେ । ଏହି ଅଭିଯାନ ଏପରି ଏକ ଭବିଷ୍ୟତ ପ୍ରତି ସମର୍ପଣ, ଯେଉଁଠି ପ୍ରକୃତିର ସମ୍ମାନ ; ଆମର ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ପରିଗଣିତ ହେବ । ସାରା ବିଶ୍ୱରେ ସ୍ଥାୟୀ ବିକାଶର ପ୍ରୟାସକୁ ମାର୍ଗଦର୍ଶନ କରୁଥିବା ଜାତିସଂଘ ପରିବେଶ କାର୍ଯ୍ୟକ୍ରମ ଅନୁସାରେ ଜଳବାୟୁ ସଂକଟର ସମାଧାନ କେବଳ ନୂଆ ପଦ୍ଧତିରେ ନୁହେଁ ବରଂ ଆମର ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଦ୍ୱାରା ସମ୍ଭବ ହେବ। ଏହି ଚିନ୍ତାଧାରାକୁ ଆଗକୁ ବଢାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ମିଶନ ଲାଇଫ୍'ର ଶୁଭାରମ୍ଭ କରିଛନ୍ତି । ମହାତ୍ମା ଗାନ୍ଧି ଥରେ ଅତ୍ୟନ୍ତ ପ୍ରେରଣାଦାୟୀ କଥା କହିଥିଲେ । ସେ କହିଥିଲେ 'ତୁମେ ସେହିପରି ଭାବରେ ନିଜକୁ ପରିବର୍ତ୍ତନ କର, ଯେଉଁ ପରିବର୍ତ୍ତନ ତୁମେ ଦୁନିଆରେ ଦେଖିବାକୁ ଚାହୁଁଛ' । ଏହା ଅତ୍ୟନ୍ତ ଖୁସି ଏବଂ ଗର୍ବର ବିଷୟ, ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଏବଂ ଅଭିଭାବକମାନେ ଦାୟିତ୍ୱବାନ ଏବଂ ସମ୍ବେଦନଶୀଳତା ସହ ଏହି ପରିବର୍ତ୍ତନର ଜଣେ ଜଣେ ଉତ୍ତମ ନାୟକ ହେଉଛନ୍ତି। ଏହାର ପ୍ରମାଣ ହେଉଛି, ୨୯ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ୫୦ ଲକ୍ଷରୁ ଅଧିକ ଗଛ ପାଇଁ କ୍ୟୁଆର୍ କୋଡ୍ ତିଆରି କରିଛନ୍ତି । ଏହା ହିଁ ଭାରତର ବିଶାଳ ପରିବେଶ ଜ୍ଞାନକୁ ଡିଜିଟାଲ୍ ଏବଂ ସୁଲଭ କରିଛି । ଶ୍ରୀ ପ୍ରଧାନ ଦେଶବାସୀଙ୍କୁ ଅନୁରୋଧ କରି କହିଛନ୍ତି ଯେ ସମସ୍ତେ ନିଜର ମା'ଙ୍କ ନାମରେ ଗୋଟିଏ ଗଛ ଲଗାନ୍ତୁ । ତାହାର ସୁରକ୍ଷା ଓ ଯତ୍ନ ନିଅନ୍ତୁ । ସେହି ଗଛକୁ ବଡ ହେବାକୁ ଦିଅନ୍ତୁ ଏବଂ ଏହାର କାହାଣୀ ଅନ୍ୟମାନଙ୍କୁ କୁହନ୍ତୁ । ମାଟି ମାଆର ସୁରକ୍ଷା ପାଇଁ ସବୁଠୁ ବଡ଼ ଜନ ଆନ୍ଦୋଳନ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି ।

## ଅଚାନକ...

ଆସିବାକୁ ଅପେକ୍ଷା କରାଯାଉଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଯେଉଁ ଅଧିକାରୀମାନେ ଅଚାନକ ଯାଞ୍ଚରେ ବିଭିନ୍ନ କାର୍ଯ୍ୟପାଇଁ ଦାୟୀ ରହିଥାନ୍ତେ, ସେମାନେ ଏଭଳି ଯାଞ୍ଚର ବିବରଣୀ ସଂଗ୍ରହ ପାଇଁ ଗଣମାଧ୍ୟମକୁ ଫୋନ୍ କରି ଡାକୁଛନ୍ତି । ରାଜ୍ୟ ସରକାର ବର୍ତ୍ତମାନ ତାଙ୍କର ବର୍ଷପୂର୍ତ୍ତି ପାଳନ କରୁଥିବାବେଳେ ସଫଳତା ତାଲିକାରେ ମନ୍ତ୍ରୀମାନଙ୍କର ଅଚାନକ ଗସ୍ତ ଓ କାର୍ଯ୍ୟରେ ଅବହେଳା କରୁଥିବା ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସଚିତ୍ର ବିବରଣୀ ପ୍ରକାଶ ପାଇଥାନ୍ତା । ହେଲେ ଏଭଳି ସଫଳତାର ସଂଖ୍ୟା ଢେର କମ୍ ଥିବାରୁ ଅନେକ ବିଭାଗ ଏହାକୁ ସାମିଲ କରିବାକୁ ରାଜିନଥିବା ସୂଚନା ମିଳିଛି । ରାଜ୍ୟର କୌଣସି ବରିଷ୍ଠ ଅଧିକାରୀ ବି ଅଚାନକ ଗସ୍ତ ନକରିବା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି । ଖୋଦ ସଚିବାଳୟରେ ବରିଷ୍ଠ ଅଧିକାରୀମାନେ ବିଭାଗ ପରିଦର୍ଶନ କରୁନଥିବାରୁ କର୍ମଚାରୀମାନେ ଠିକଣା ସମୟରେ ଦପ୍ତରରେ ପହଞ୍ଚୁ ନାହାନ୍ତି । ଏଥିପାଇଁ ଗୋଟିଏ ପରେ ଗୋଟିଏ ବିଭାଗକୁ ଠିକଣା ସମୟରେ ଅଫିସରେ ଆସି ପହଞ୍ଚିବାପାଇଁ ନିଜ ନିଜ କର୍ମଚାରୀଙ୍କୁ ତାଗିଦା କରିବାକୁ ପଡୁଛି । ବିଳମ୍ବରେ ଦପ୍ତରରେ ପହଞ୍ଚିବାର ରୋଗ ଏବେ ଧିରେ ଧିରେ ଜିଲ୍ଲାସ୍ତରୀୟ ଦପ୍ତରଗୁଡ଼ିକୁ ସଂକ୍ରମିତ କରିବାରେ ଲାଗିଛି ।

● ବର୍ଷା ଋତୁରେ ସଂକ୍ରାମକ ରୋଗ ନିୟନ୍ତ୍ରଣ ପାଇଁ ବୈଠକ

## ସଚେତନତାମୂଳକ କାର୍ଯ୍ୟକ୍ରମ ଜାରି ରଖ: ମୁଖ୍ୟ ଶାସନ ସଚିବ




**ଭୁବନେଶ୍ୱର, ୪।୬(ସଂଚାର ବ୍ୟୁରୋ):** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଆଜି ଅପରାହ୍ଣରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍ ଙ୍କ ଉପସ୍ଥିତିରେ ବର୍ଷା ଋତୁରେ ଦେଖା ଦେଉଥିବା ବିଭିନ୍ନ ସଂକ୍ରାମକ ରୋଗ ପାଇଁ ପ୍ରତିକାରାତ୍ମକ ପଦକ୍ଷେପ ସଂପର୍କରେ ସମୀକ୍ଷା କରିଥିଲେ।ଏଥିରେ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ବିଭାଗର ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଓଡ଼ିଶାରେ ବର୍ଷାଋତୁ ଆଗୁଆ ପ୍ରବେଶ କରିଥିବାରୁ ସମୟ ସମୟରେ ବର୍ଷା ଜାରି ରହିଛି। ଫଳରେ ମ୍ୟାଲେରିଆ, ଡେଙ୍ଗୁ, ଜଣ୍ଡିସ, ହଇଜା ଆଦି ସଂକ୍ରାମକ ରୋଗ ବଢ଼ିବାର ସମ୍ଭାବନା ରହିଛି। ସବୁରୋଗକୁ ପ୍ରତିହତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେବା ପାଇଁ ମୁଖ୍ୟଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ମହାନଗର ନିଗମ ଏବଂ ରାଜ୍ୟର ଡେଙ୍ଗୁ ପ୍ରବଣ ଅଂଚଳ ଗୁଡିକ ଚିହ୍ନଟ କରି ସେସବୁ ସ୍ଥାନରେ ମଶା ନିୟନ୍ତ୍ରଣ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଜାରି ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।ମ୍ୟାଲେରିଆ ପ୍ରବଣ ଜିଲ୍ଲାଗୁଡିକରେ ଔଷଧ ସିଞ୍ଚିତ ମଶାରୀ, କୀଟନାଶକ ଅବଶେଷାଂଶ ସ୍ପ୍ରେ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ଜଳବାହିତ ରୋଗର ପ୍ରତିରୋଧ କରିବା ପାଇଁ ଜନସାଧାରଣଙ୍କୁ ନିରାପଦ ପାନୀୟ ଜଳର ବ୍ୟବହାର, ଜଳ ଉତ୍ସଗୁଡିକର ବିଶୋଧନ ଏବଂ ବୁଲା ବିକାଳିମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟର ମାନ ଯାଞ୍ଚ କରିବା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜନସାଧାରଣଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଗାଁରୁ ଆରମ୍ଭ କରି ସହରଯାଏଁ ବ୍ୟାପକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ଷାଦିନେ ଥଣ୍ଡା, କାଶ ଜନିତ ରୋଗରୁ ରକ୍ଷା ପାଇବା ପାଇଁ ଜନସାଧାରଣ ସ୍ୱାସ୍ଥ୍ୟ ସଚେତନ ରହିବାକୁ ପରାମର୍ଶ ଦିଆଯାଇଛି। ବୟସ୍କ ଏବଂ ଅନ୍ୟ ବିଭିନ୍ନ ରୋଗରେ ପଡି ଶରୀରର ରୋଗ ପ୍ରତିରୋଧକ ଶକ୍ତି କମୁଥିବା ଲୋକମାନଙ୍କୁ ସେମାନଙ୍କର ସ୍ୱାସ୍ଥ୍ୟ ପ୍ରତି ଉପଯୁକ୍ତ ଯତ୍ନ ନେବାକୁ ପରାମର୍ଶ ଦିଆଯାଇଛି ।

● ମୃତ୍ତିକା ସଂରକ୍ଷଣ ପୋଖରୀ ଖନନ ଓ ନଡିଆ ଚାରା ଅନିୟମିତତା ଘଟଣା

## ପୁରୀ ଜିଲ୍ଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

**କୋଣାର୍କ,୪।୬(ସଂଚାର ବ୍ୟୁରୋ):** କୋଣାର୍କ ଥାନା ଅଧିନସ୍ଥ ଅବଦାନ ଗ୍ରାମପଞ୍ଚାୟତରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ପୋଖରୀ ଖନନ ଓ ନଡିଆ ଚାରା ରୋପଣ ଦୁର୍ନୀତି ଓ ଅନିୟମିତତ ଘଟଣାର ଖୋଳତାଡ କରିବା ପାଇଁ ପୁରୀ ଜିଲ୍ଲାପାଳଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। କୋଣାର୍କ ଥାନା ଅଧିନସ୍ଥ ଅବଦାନ ଗ୍ରାମପଞ୍ଚାୟତର ସୁଆର, କନ୍ତିମଳା, କୋତାଙ୍ଗ, ପଲାବସ୍ତ ସମେତ ଅନ୍ୟ କେତେକ ଗ୍ରାମରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଖନନ ହୋଇଥିବା ପୋଖରୀ ପୁନର୍ବାର ମୃତ୍ତିକା ସଂରକ୍ଷଣ ବିଭାଗ ମାଧ୍ୟମରେ ଖନନ କରାଯାଇଥିବା କାଗଜପତ୍ର ଜରିଆରେ ଦର୍ଶାଯାଇ ଲକ୍ଷାଧିକ ଟଙ୍କା ବାଟମାରଣା କରାଯିବା ସହିତ ନଡିଆ ଚାରା ରୋପଣରେ ହୋଇଥିବା ଦୁର୍ନୀତିର ତଦନ୍ତ କରିବା ପାଇଁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ ଭାଗୀରଥୀ ସ୍ୱାଇଁ ଜୁନ ୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲ ମାଧ୍ୟମରେ ଅଭିଯୋଗ କରି ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିବେଦନ କରିଥିଲେ। ଏହି ଘଟଣାକୁ ଗୁରୁତ୍ୱ ଆରୋପ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ବୁଧବାର ୧୨ଘ ୧୧ ମିନିଟ ସମୟରେ ଅବଦାନ ଗ୍ରାମପଞ୍ଚାୟତରେ ମୃତ୍ତିକା ସଂରକ୍ଷଣ ବିଭାଗ ମାଧ୍ୟମରେ ଖନନ କରାଯାଇଥିବା ପୋଖରୀ ଓ ନଡ଼ିଆ ଚାରାରୋପଣ ଦୁର୍ନୀତି ଓ ଅନିୟମିତତା ଘଟଣାର ତଦନ୍ତ କରିବା ପାଇଁ ପୁରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଗତ ଦୁଇ ବର୍ଷ ମଧ୍ୟରେ ଅବଦାନ ଗ୍ରାମପଞ୍ଚାୟତର ସୁଆର, କନ୍ତିମଳା, କୋତାଙ୍ଗ ଓ ପଲାବସ୍ତ ସମେତ ବିଭିନ୍ନ ଗ୍ରାମରେ କାକଟପୁର ବ୍ଲକ ପ୍ରଶାସନ ପକ୍ଷରୁ ହିତାଧିକାରୀ ମାନେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ପୋଖରୀ ଖନନ କରି ସରକାରୀ ସହାୟତା ହାତେଇବା ପରେ ପୁନର୍ବାର ସେହି ପୋଖରୀକୁ ମୃତ୍ତିକା ସଂରକ୍ଷଣ ବିଭାଗ ମାଧ୍ୟମରେ ଖନନ ହୋଇଥିବା ଦର୍ଶାଇ ହିତାଧିକାରୀ ପିଛା ୧ଲକ୍ଷ ୯୦ ହଜାର ଟଙ୍କା ହାତେଇଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି।

## କୁଣ୍ଡି ନଦୀରୁ ଦଳ ସଫେଇ କଲେ ବିଜେପି ନେତା ହିମାଂଶୁ ମହାନ୍ତି

**ସାଲେପୁର,୪।୬(ସଂଚାର ବ୍ୟୁରୋ):** ସାଲେପୁର ବ୍ଲକ୍ ବାସୁଦେବପୁର ଗ୍ରାମରେ ଥିବା ମାଳିକା ପ୍ରସିଦ୍ଧ ଭୀଷ୍ମକୁଣ୍ଡି ନଗ୍ରର କୁଣ୍ଡି ନଦୀରୁ ଆଜି ଦଳ ସଫେଇ କରିଛନ୍ତି ଯୁବନେତା ହିମାଂଶୁ ମହାନ୍ତି। ମାଳିକା ବର୍ଣ୍ଣିତ ମା'ରୁକ୍ମଣୀଙ୍କ ନଗ୍ରୀ କୁଣ୍ଡି ନଗ୍ର ହୋଇଥିବାରୁ ଆସନ୍ତା ୬ତାରିଖରୁ ୧୩ତାରିଖ ପର୍ଯ୍ୟନ୍ତ ରୁକ୍ମଣୀ ବିବାହ ଉତ୍ସବ ଅନୁଷ୍ଠିତ ହେବାପାଇଁ ପ୍ରସ୍ତୁତି ଚାଲିଥିବାବେଳେ ଏହି ଉତ୍ସବରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହେବାର କାର୍ଯ୍ୟକ୍ରମ ଥିବାରୁ ଉତ୍ସବ ପୂର୍ବରୁ ଟାଙ୍ଗୀ-ସାଲେପୁର ବିଜେପି ନେତା ହିମାଂଶୁ ମହାନ୍ତି ସାଧାରଣ ଲୋକଙ୍କ ସହ ମିଶି କୁଣ୍ଡି ନଦୀରୁ ଦଳ ସଫେଇ କରିବା ସହ ମା'କନକଦୁର୍ଗାଙ୍କର ମନ୍ଦିରରବିକାଶ ପାଇଁ ବିଭିନ୍ନ ପ୍ରକାର ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଛନ୍ତି। ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ମାଳିକା ତତ୍ତ୍ୱ ଅନୁଯାୟୀ ମା' ରୁକ୍ମଣୀଙ୍କ ଏଠାରେ ପ୍ରଭୁ ଶ୍ରୀକୃଷ୍ଣ ଅପହରଣ କରି ତାଙ୍କୁ ବିବାହ କରିଥିଲେ। ତେଣୁ ଏହି କୁଣ୍ଡି ନଦୀକୁ ସ୍ଥାନୀୟ ଲୋକେ ଗଙ୍ଗା ଭାବେ ବିବେଚନାକରି ଆସିବା ସହ ଏହି ନଦୀ କୂଳରେ ମା'ରୁକ୍ମଣୀଙ୍କ ବିବାହ ଓ ଝିଅଜ୍ୱାଇଁଙ୍କ ଘର ବାହୁଡ଼ା ଉତ୍ସବ ଅନୁଷ୍ଠିତ ହେଉଅଛି। ଏହି ପରିପ୍ରେକ୍ଷୀରେ ପ୍ରତିଦିନ ସନ୍ଧ୍ୟାରେ ବହୁ ସୁନାମଧନ୍ୟ ପ୍ରବଚକଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ସନ୍ଧ୍ୟାଆଳତୀ କାର୍ଯ୍ୟକ୍ରମ କରାଯିବାପାଇଁ ସ୍ଥିର କରାଯାଇଛି।

## ଓଡ଼ିଆ ଭାଷାର 'ଅ' ଠାରୁ 'ହ' ନାଁ ଥିବା ଗଛ ଲଗାଯାଇଛି

# ଜଙ୍ଗଲ ବିଭାଗ ପକ୍ଷରୁ 'ବର୍ଣ୍ଣମାଳା' ଉଦ୍ୟାନ ପ୍ରକଳ୍ପ ଆରମ୍ଭ




**ନବରଙ୍ଗପୁର,୪।୬(ସଂଚାର ବ୍ୟୁରୋ):** ଓଡ଼ିଆ ଅକ୍ଷର 'ଅ'ଠାରୁ 'ହ' ପର୍ଯ୍ୟନ୍ତ ଲାଗିଛି ଗଛ, ଯାହାକି ଓଡ଼ିଶାରେ ଏକ ଉଦାହରଣ ସୃଷ୍ଟି କରିଛି,ସମସ୍ତ ଙ୍କ ଆକର୍ଷଣ ର କେନ୍ଦ୍ରବିନ୍ଦୁ ପାଲଟିଛି 'ବର୍ଣ୍ଣମାଳା' ଉଦ୍ୟାନ। ନବରଙ୍ଗପୁର ଜିଲା କୋଡ଼ିଙ୍ଗା ବନାଞ୍ଚଳ ଅଧିନ ଦେଓଡ଼ଙ୍ଗରି ବିଟ ଫାର୍ସାଗୁଡା ଠାରେ ୨୦୨୪- ୨୫ ବର୍ଷରେ ଜଙ୍ଗଲ ବିଭାଗ ପକ୍ଷରୁ 'ବର୍ଣ୍ଣମାଳା' ଉଦ୍ୟାନ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଏନେଇ ୬୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରେ ୨୮ଏକର ଜମିରେ ୧୨ ହଜାର ବୃକ୍ଷ ଦୁଇଟି ପର୍ଯ୍ୟାୟରେ ରୋପଣ ହୋଇଛି। ୧୬୦ ପ୍ରକାର ବିଭିନ୍ନ ପ୍ରଜାତିର ଓଡ଼ିଆ ଭାଷାର 'ଅ' ଠାରୁ 'ହ' ନାଁ ଥିବା ଗଛ ଲଗାଯାଇଛି । ଅକ୍ଷର ଅନୁଯାୟୀ ଗଛ ଗୁଡିକ ଲଗାଯାଇଛି। ଯିଏ ବି ପରିଦର୍ଶନ କରିବ ଦେଖିଲେ ବୁଝିପାରିବ ବର୍ଣ୍ଣମାଳା ଉଦ୍ୟାନର ଉଦ୍ଦେଶ୍ୟ କଣ। ସେହିଭଳି ଜଗୁଆଳି ଘରକୁ ଓଡ଼ିଆର ୧୩୦ ଓଡ଼ିଆ ଅକ୍ଷରରେ ଚିତ୍ରଣ କରାଯାଇଛି। ଏହି ଉଦ୍ୟାନ କୁ ଥରେ ବୁଲି ଆସିଲେ ଓଡ଼ିଆ ଭାଷା କୁ ଅତି କମ ସମୟରେ ଶିକ୍ଷା ଲାଭ କରିବା ସହ ଗଛ ମଧ୍ୟ ଚିହ୍ନି ପାରିବେ ଶିଶୁ ଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ। ଓଡ଼ିଆ ଭାଷା ଅନ୍ୟ ଭାଷା ଭିତରେ ହଜିବାକୁ ବସିଲାଣି ବର୍ତ୍ତମାନ ଅଧିକାଂଶ ଲୋକ ଓଡ଼ିଆ କହିବା ସମୟରେ ଇଂଲିଶ ଶବ୍ଦ ର ବହୁଳ ବ୍ୟବହାର କରୁଛନ୍ତି, ଏପରିକି ଗଛ ଗୁଡିକୁ ମଧ୍ୟ୍ୟ ଇଂଲିଶ ଶବ୍ଦ ରେ ଉଚ୍ଚାରଣ କରୁଛନ୍ତି କିଛି ଗଛ କୁ ଚିହ୍ନି ପାରୁ ନାହାନ୍ତି, ଏହି ଉଦ୍ୟାନ ମାଧ୍ୟମ ରେ ଓଡ଼ିଆ ଅସ୍ମିତା କୁ ଜୀବିତ ରଖିବା ରେ ସହାୟତା ହେବ ବୋଲି ଶିକ୍ଷାବିତ ଓ ବୁଦ୍ଧିଜୀବୀ ମତ ଦେଇଛନ୍ତି। ଭାରତ ମାନଚିତ୍ର ଓ ତାହା ଭିତରେ ପ୍ରତି ରାଜ୍ୟର ମୁଖ୍ୟ ଗଛ ଲଗାଇଅଛି। ମସଲା ଜାତୀୟ, ଦେଶୀ ଫୁଲ ଓ ଫଳ ବଗିଚା ମଧ୍ୟ ରହିଛି। ୨୮ ପ୍ରକାର ବିଦେଶୀ ଫଳ ଗଛ ଲଗା ଯାଇଛି। ଏବେ ବର୍ଣ୍ଣମାଳା ଉଦ୍ୟାନ ଗବେଷଣା ପାଇଁ ଏକ କେନ୍ଦ୍ର ବିନ୍ଦୁ ପାଲଟିଛି। ସ୍କନ୍ଦ ପୁରାଣ ଅନୁଯାଇ ୮ଟି ଗଛ ଲଗାଯାଇଛି । ଯେଉଁଗଛ ୧୦୦ ରୁ ୯୦ ପ୍ରତିଶତ ଅଙ୍ଗାରକାମ୍ଳ ଗ୍ରହଣ କରିବ। ଝାଉଁ, ପୁଲାଙ୍ଗ, ଲୁଧା ମେଧ, ଗରୁଡ଼, ଗେଣ୍ଡୁଳୀ ଗୁଷ୍ଟଭିଆ ଭଳି ଭଳି ଦୁର୍ଲ୍ଲଭ ବୃକ୍ଷ ରୋପଣ ହୋଇଛି । ଏଭଳି ଉଦ୍ୟାନ ପରିବେଶ ସୁରକ୍ଷା ସହ ଭାଷା ଜ୍ଞାନ ବୃଦ୍ଧି ଓ ଓଡ଼ିଆ ସଂସ୍କୃତି ର ସଂରକ୍ଷଣ ରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ଏଥିରେ ସନ୍ଦେହ ନାହିଁ। ନବରଙ୍ଗପୁର ବନ ବିଭାଗ ର ସହାୟତରେ କୋଡ଼ିଙ୍ଗା ରେଞ୍ଜର ପୂର୍ଣ୍ଣ ଚନ୍ଦ୍ର ନନ୍ଦ ଙ୍କ ପ୍ରତକ୍ଷ୍ୟ ତ୍ତ୍ୱାବଧାନ ସୃଷ୍ଟି ହୋଇଛି ବର୍ଣ୍ଣମାଳା ଉଦ୍ୟାନ। ଅସ୍ମିତା କୁ ଜୀବନ୍ୟାସ ମିଳିଛି ବର୍ଣ୍ଣମାଳା ଉଦ୍ୟାନ ରେ ଅକ୍ଷର ଶିଖିବା ସହ ଗଛ ଚିହ୍ନିବା ରେ ସହାୟତା କରୁଛି ଫାର୍ସଗୁଡା ର ବର୍ଣ୍ଣମାଳା ଉଦ୍ୟାନ ଏହାକୁ ଅନୁକରଣ କରି ପ୍ରତ୍ୟେକ ଜିଲ୍ଲାରେ ବର୍ଣ୍ଣମାଳା ଉଦ୍ୟାନ କଲେ ଓଡ଼ିଆ ଅସ୍ମିତା ର ବାର୍ତ୍ତା ସମସ୍ତ ଙ୍କ ପାଖକୁ ପହଂଚି ପାରିବ। ଏହି ବର୍ଣ୍ଣମାଳା ଉଦ୍ୟାନ କୁ ପାଇଲଟ ପ୍ରଜେକ୍ଟ ଭାବେ ନେଇ ଅନ୍ୟ ଜିଲ୍ଲା ମାନଙ୍କରେ ମଧ୍ୟ ବର୍ଣ୍ଣମାଳା ଉଦ୍ୟାନ କରିବାକୁ ମୁଖ୍ୟମନ୍ତ୍ରୀ ଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ।

## ଆମ ସଂକଳ୍ପ, ନିଶା ନୁହେଁ ଜୀବନ

● ଅବକାରୀ ବିଭାଗ ପକ୍ଷରୁ ଗଢ଼ିଲା ସଚେତନତା ରଥ

**ନୟାଗଡ଼,୪।୬(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆଜି ଅବକାରୀ ବିଭାଗ ପକ୍ଷରୁ ନିଶା ନିବାରଣ ସଚେତନତା ପାଇଁ ଏକ ରଥ ଶୁଭାରମ୍ଭ କରାଯାଇଛି ।
ଏହି ରଥ ଜିଲ୍ଲାର ବିଭିନ୍ନ ସ୍ଥାନ ପରିକ୍ରମା କରି ଜନସଚେତନା ସୃଷ୍ଟି କରିବ । ଜିଲ୍ଲା ଅବକାରୀ ଅଧିକ୍ଷକ ଜ୍ଞାନରଞ୍ଜନ ପଣ୍ଡା ରଥ ଶୁଭାରମ୍ଭ କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏହାର ଶୁଭାରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଦିପକ କୁମାର ଜେନା, ମୋବାଇଲ ସ୍ୱାର୍ଡ଼ ଅଧିକାରୀ ସୁଶାନ୍ତ ମହାପାତ୍ର, ରଣପୁର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଅର୍ପିତା ରାଣୀ ସାହୁ, ନୟାଗଡ଼ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଚିନ୍ମୟ କୁମାର ଦଳେଇଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ରହିଥିଲେ ।

## ୧୩ ନୂଆ ସିଆରସିସି ନିଯୁକ୍ତ

**ବୋରିଗୁମ୍ମା,୪।୬(ସଂଚାର ବ୍ୟୁରୋ):** ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ରେ ୧୩ ଜଣ ନୂଆ ସିଆରସିସି ନିଯୁକ୍ତ ହୋଇଛନ୍ତି।କୋରାପୁଟ ଡିପିସି କାର୍ଯ୍ୟାଳୟ ର ପତ୍ରାଙ୍କ--୧୭୩୮/୨୦୨୫ ତାରିଖ ୦୨.୦୬.୨୫ ଅନୁସାରେ ୧୩ ଗୋଟି କ୍ଲଷ୍ଟର ନିମନ୍ତେ ନୂତନ ସିଆରସିସି ନିଯୁକ୍ତ ହୋଇଛନ୍ତି।ସେମାନେ ହେଲେ ବୋରିଗୁମ୍ମା କ୍ଲଷ୍ଟର ପାଇଁ ଆଶିଷ କୁମାର ହୋତା, ରେଙ୍ଗାଲଗୁଡା ପାଇଁ ସନ୍ତୋଷ କୁମାର ନାୟକ, ସର୍ଗିଗୁଡା ପାଇଁ ରଜନୀକାନ୍ତ ଗରଡ଼ା, କାମରା ପାଇଁ ବୈକୁଣ୍ଠନାଥ ବେହେରା, ନୂଆଗାଁ ପାଇଁ ପଦ୍ମ ଭତ୍ରା, କେନ୍ଦୁଗୁଡା ପାଇଁ ଲଛମନ ହରିଜନ, ବେଣା ଗାଁ ପାଇଁ ପ୍ରଫୁଲ୍ଲ କୁମାର ନାୟକ, ନାରୀଗାଁ ପାଇଁ ଏମ.ପ୍ରଶାନ୍ତ ଆଚାରୀ, ବି ସିଂହପୁର ପାଇଁ ମନବୋଧ ନାୟକ, କାମତା ପାଇଁ ହରିଶ ଚନ୍ଦ୍ର ଅମାନତ୍ୟ,ଡେଙ୍ଗପଦର ପାଇଁ ସୁତମ ବିଶୋଇ, କାଠରଗଡା ପାଇଁ ଗଙ୍ଗାଧର ମାଝୀ ଓ କୁମୁଲି ପାଇଁ ଆଲୋକ କୁମାର ନାଗ।ନୂତନ ସିଆରସିସି ମାନେ ପାଞ୍ଚ ବର୍ଷ ଧରି କାର୍ଯ୍ୟ କରିବେ। ଏଥି ପୂର୍ବରୁ ଯେଉଁ ମାନେ ସିଆରସିସି ଥିଲେ, ସେମାନେ ନିଜ ନିଜ ବିଦ୍ୟାଳୟ କୁ ଫେରିବେ ବୋଲି ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

## ସରକଣା ସେବା ସମବାୟ ସମିତି ମଣ୍ଡି ଉଦଘାଟିତ

**ବାଲିଅନ୍ତା,୪।୬(ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ସରକଣା ସେବା ସମବାୟ ସମିତି ପକ୍ଷରୁ ଆଜି ରବି ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ସମିତି ସଭାପତି ସୋମନାଥ ସ୍ୱାଇଁ,ପୂରଣ ପଧାନ ସରପଞ୍ଚ ଦୁର୍ଯ୍ୟୋଧନ ମଲ୍ଲିକ, ପୂର୍ବତନ ସରପଞ୍ଚ ମାନସ କୁମାର ନାୟକ, ନାରାୟଣ ସାହୁ, ପ୍ରଦୀପ୍ତ ଜେନାମଣି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମଣ୍ଡିର ଶୁଭାରମ୍ଭ କରିଥିଲେ। ସମିତି ସଂପାଦକ ଦେବେନ୍ଦ୍ର କୁମାର ପୃଷ୍ଟି ମଣ୍ଡି ପରିଚାଳନା କରିଥିଲେ। ଆଜି ମଣ୍ଡିରୁ ୧୮୫ କ୍ୟୁଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ସଂପାଦକ ସୂଚନା ଦେଇଛନ୍ତି। ପ୍ରତି ସପ୍ତାହର ସୋମବାର ଓ ଶନିବାର ମଣ୍ଡିରୁ ଧାନ ସଂଗ୍ରହ କରାଯିବ । ପାରିବାସୁଦେଈପୁର ସ୍ଥିତ ସାଣ୍ଡୋଲିଆ ରାଇସ ମିଲ ମଣ୍ଡିରୁ ଧାନ କିଣିବ।

● ସାଂସଦ ଓ ବିଧାୟକ ଏକାଠି

## ଦୁଇଟି ପିଏମଶ୍ରୀ ବିଦ୍ୟାଳୟର ଭିତ୍ତି ପ୍ରସ୍ତର



**ନୟାଗଡ଼,୪।୬(ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ନୟାଗଡ଼ ବଜେନ୍ଦ୍ର ଉଚ୍ଚ ବିଦ୍ୟାଳୟକୁ ପିଏମ୍ ଶ୍ରୀ ମାନ୍ୟତା ମିଳିଛି । ସେହିଭଳି ଭାବେ ଲାଠିପଡ଼ା ଉଚ୍ଚ ବିଦ୍ୟାଳୟକୁ ପିଏମ ଶ୍ରୀ ମାନ୍ୟତା ମିଳିଛି । ଆଜି ଏହି ଦୁଇ ବିଦ୍ୟାଳୟକୁ ପିଏମ୍ ଶ୍ରୀ ଯୋଜନାରେ ମିଳିଥିବା ଅନୁଦାନ କାର୍ଯ୍ୟ କରିବା ପାଇଁ ଭିତ୍ତି ସ୍ଥାପନ ହୋଇଛି । ନୟାଗଡ଼ ପଞ୍ଚାୟତ ସମିତି ଆନୁକୁଲ୍ୟରେ ହେବାକୁ ଥିବା ଏହି କାର୍ଯ୍ୟକୁ ପୁରୀ ସାଂସଦ ଡ଼ ସମ୍ବିତ ପାତ୍ର ଏବଂ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ ଅତିଥି ଭାବେ ଯୋଗଦେଇ ଭିତ୍ତି ସ୍ଥାପନ କରିଛନ୍ତି । ଏହା ସହିତ ଲାଠିପଡ଼ା ଗ୍ରାମ ପଞ୍ଚାୟତ ଜିପିଏଲ୍ଏଫ୍ କୋଠା ନିର୍ମାଣ ପାଇଁ ମଧ୍ୟ ଭିତ୍ତି ସ୍ଥାପନ ହୋଇଛି । ଏହି କାର୍ଯ୍ୟକ୍ରମରେ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ପୌର ପରିଷଦ ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ବିଡିଓ ଐଶୋର୍ଯ୍ୟା ଭୂୟାଁଙ୍କ ସମେତ ସମସ୍ତ ବ୍ଲକ କର୍ମଚାରୀ ଉପସ୍ଥିତ ରହିଥିଲେ ।

## ପୁତୁରାର ଛୁରା ମାଡ଼ରେ ଖୁଡୀ ମୃତ

**ବୋରିଗୁମ୍ମା,୪।୬(ସଂଚାର ବ୍ୟୁରୋ):** ଅନୈତିକ ସମ୍ପର୍କ କୁ କେନ୍ଦ୍ର କରି ପୁତୁରା ର ଛୁରା ମାଡ଼ରେ ଖୁଡ଼ି ମୃତ।ଏଭଳି ଅଭାବନୀୟ ଘଟଣା ଘଟିଛି ବୋରିଗୁମ୍ମା ଥାନା ଅନ୍ତର୍ଗତ ମିନାଗୁଡ଼ା ଗାଁ ରେ।ସୂଚନା ଅନୁଯାୟୀ ମିନାଗୁଡ଼ା ଗାଁ ର ଡମ୍ବୁ ପେଣ୍ଠିଆ ନିଜ ଖୁଡ଼ି ରୁକ୍ମଣୀ ପେଣ୍ଠିଆ ଙ୍କ ସହିତ ସବୁବେଳେ ଜୋର ଜବରଦସ୍ତ ଅନୈତିକ ସମ୍ପର୍କ ସ୍ଥାପନ କରିବା ପାଇଁ ଚେଷ୍ଟା କରି ଆସୁଥିଲା।ଏମିତିକି ଅନୈତିକ ସମ୍ପର୍କ ରଖିବା ପାଇଁ ମାଡ଼ ମଧ୍ୟ ମାରୁଥିଲା।ଗତ କାଲି ଦିନ ୧୧ଟା ସମୟରେ ରୁକ୍ମଣୀ ପେଣ୍ଠିଆ ନିଜ ସୁନା ଗହଣା ଆଣିବା ପାଇଁ ଜୟପୁର ଯିବାପାଇଁ ଘରୁ ବାହାରିବା ସମୟରେ ପୁଣି ଅନୈତିକ ସମ୍ପର୍କ ରଖିବା ପାଇଁ କହିଥିଲା ପୁତୁରା ଡମ୍ବୁ ପେଣ୍ଠିଆ କିନ୍ତୁ ଖୁଡୀ ରୁକ୍ମଣୀ ମନା କରିବାରୁ ଉତ୍ୟକ୍ତ ହୋଇ ଏକ ଧାରୁଆ ଛୁରୀରେ ଆକ୍ରମଣ କରିଥିଲା ଡମ୍ବୁ। ରୁକ୍ମଣୀ ଙ୍କ ପେଟରେ ଗଭୀର ଆଘାତ ଲାଗିଥିଲା ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗାଁ ଲୋକେ କୋରାପୁଟ ମେଡ଼ିକାଲ ରେ ଚିକିତ୍ସା ପାଇଁ ଭର୍ତି କରିଥିଲେ। ମେଡ଼ିକାଲ ରେ ଚିକିତ୍ସାଧୀନ ଅବସ୍ଥାରେ ରୁକ୍ମଣୀ ଙ୍କ ମୃତ୍ୟୁ ହୋଇଥିଲା।ମୃତ ରୁକ୍ମଣୀ ଙ୍କ ସ୍ୱାମୀ ମାନସିକ ରୋଗୀ ତାର ସୁଯୋଗ ନେଇ ପୁତୁରା ଡମ୍ବୁ ଖୁଡ଼ି ଙ୍କ ସହ ଅନୈତିକ ସମ୍ପର୍କ ରଖିବାକୁ ଚେଷ୍ଟା କରି ଆସୁଥିଲା।

## ରାଇଘର ବିକ୍ରେତାଙ୍କ ୨୯ ଲକ୍ଷ ଟଙ୍କାର ବିହନ ଜବତ




**ନବରଙ୍ଗପୁର,୪।୬(ସଂଚାର ବ୍ୟୁରୋ):** କୃଷି ବିଭାଗ ତରଫରୁ ଜିଲ୍ଲାସ୍ତରୀୟ ନିରୀକ୍ଷଣ ଟିମ ଉମରକୋଟ ନିକଟସ୍ଥ ଚିକାଲପଦର ଠାରେ ଚଢ଼ାଉ କରିଥିଲେ। ରାଇଘରର ଦେବବ୍ରତ ବରୋଇ,ଅଧିକୃତ ବିହନ ବିକ୍ରେତା ଜୟଗୁରୁ ପେଷ୍ଟିସାଇଡ଼ସଙ୍କ ଚିକଲପଦର ଠାରେ ଏକ ଅନଧିକୃତ ଗୋଦାମରେ ୨୭୦ ବସ୍ତା ଶଙ୍କର ଜାତୀୟ ଧାନ ଓ ମକା ବିହନ ଦେଖିବାକୁ ମିଳିଥିଲା। କମ୍ପାନୀର ବିହନ ନିମନ୍ତେ କୌଣସି ଅନୁମତି ପତ୍ର ଉକ୍ତ ଦୋକାନୀଙ୍କୁ ଏହି କମ୍ପାନୀ ମାନେ ପ୍ରଦାନ କରିନାହାନ୍ତି। ଯେହେତୁ ଚିକଲପଦର ଗୋଦାମ ନିମନ୍ତେ ସରକାର କୌଣସି ଅନୁମତି ପ୍ରଦାନ କରିନାହାନ୍ତି ଏବଂ ବିହନଗୁଡିକ ଗଚ୍ଛିତ କିମ୍ବା ବିକ୍ରୟ ନିମନ୍ତେ କୌଣସି ସରକାରୀ ଅନୁମତି ନାହିଁ,ତେଣୁ ଏହି ୨୭୦ ବସ୍ତା ବିହନକୁ ଜବତ କରି ଗୋଦାମ ଘରଟିକୁ ସିଲ କରାଗଲା। ଜବତ କରାଯାଇଥିବା ୨୪୦ ବସ୍ତା ଶଙ୍କର କିସମ ଧାନ ଓ ୩୦ ବସ୍ତା ଶଙ୍କର କିସମ ମକାର ଆନୁମାନିକ ମୂଲ୍ୟ ପ୍ରାୟ ୨୯ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଉକ୍ତ ଚଢ଼ାଉ ସମୟରେ ଶ୍ରୀମତୀ ମୌସୁମୀ ସଜ୍ଜନ, ଅତିରିକ୍ତ ତହସିଲଦାର ଏବଂ ମାଜିଷ୍ଟ୍ରେଟ,ରାଇଘର, ଅନିଲ କୁମାର ପ୍ରହରାଜ, କୃଷି ଜିଲ୍ଲା ଅଧିକାରୀ, ନବରଙ୍ଗପୁର ପ୍ରଣୟ କୁମାର ମନ୍ତ୍ରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରତିନିଧି, ସନ୍ତୋଷ କୁମାର ନାଏକ, ବ୍ଲକ କୃଷି ଅଧିକାରୀ, ଉମରକୋଟ, ସୁନିତା ସିଂ, ବିହନ ନିରୀକ୍ଷକ, ପ୍ରଶାନ୍ତ କୁମାର ବାଗ, ସହକାରୀ କୃଷି ଅଧିକାରୀ, ପୋଲିସ ଏବଂ ଅନ୍ୟାନ୍ୟ କୃଷି ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସ୍ୱର୍ଗତ ଭାଗବତ ବେହେରାଙ୍କ ଶ୍ରାଦ୍ଧ ବାର୍ଷିକ ପାଳିତ



**ନୟାଗଡ଼,୪।୬(ସଂଚାର ବ୍ୟୁରୋ):** ନୟାଗଡ଼ର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଭାଗବତ ବେହେରାଙ୍କ ଶ୍ରାଦ୍ଧ ବାର୍ଷିକ ପାଳିତ ହୋଇଯାଇଛି। ଆଜି ପ୍ରତ୍ୟୁଷରୁ ନୟାଗଡ଼ ଗୋଲେଇ ଛକଠାରେ ଥିବା ସ୍ୱର୍ଗତ ବେହେରାଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା । ଅପରାହ୍ଣରେ ବ୍ଲକ ସଭାଗୃହରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା । ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ ଯୋଗ ଦେଇ ନୟାଗଡ଼ ପ୍ରତି ଭାଗବତ ବେହେରାଙ୍କ ରହିଥିବା ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଦୂରଦୃଷ୍ଟି ସମ୍ପର୍ଣ୍ଣ ରାଜନେତା ଥିଲେ ଭାଗବତ ବାବୁ। ୧୯୯୦ ମସିହାରେ ସେ ଯେଉଁ ପରିକଳ୍ପନା କରିଥିଲେ, ତାହା ଆଜି ବାସ୍ତବତାର ରୂପ ନେଉଛି। ଏହି ସଭାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁଙ୍କ ସମେତ ଅନେକ ଭାବଗତ ପ୍ରେମୀ ଉପସ୍ଥିତ ରହିଥିଲେ । ଗଙ୍ଗାଧର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

● ଚିକିତ୍ସା ଅବହେଳାରୁ ମହିଳାଙ୍କ ମୃତ୍ୟୁ ଘଟଣା

## ନିଲମ୍ବିତ ହେଲେ ଚିକିତ୍ସାରେ ଅବହେଳା କରିଥିବା ଡ଼ାକ୍ତର

**ନୟାଗଡ଼,୪।୬(ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅବହେଳାରୁ ମା ଓ ଗର୍ଭସ୍ଥ ଶିଶୁ ମୃତ୍ୟୁ ଘଟଣାରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି । ଚିକିତ୍ସା ଅବହେଳା ଅଭିଯୋଗର ତଦନ୍ତ କରାଯାଇ ସମ୍ପୃକ୍ତ ଡାକ୍ତର ରବୀନ୍ଦ୍ର ନାଥ ସାହୁଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି । ଗତ ମେ ୩୧ ତାରିଖ ରାତିରେ ନୟାଗଡ଼ ସଦରଥାନା ଅନ୍ତର୍ଗତ ବାଲୁଗାଁର ଯୁବନେତା ସଞ୍ଜୟ କୁମାର ନାୟକଙ୍କ ପତ୍ନୀ ପ୍ରସବ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତୀ ହୋଇଥିଲେ । ଚିକିତ୍ସା ଅବହେଳାରୁ ସଞ୍ଜୟଙ୍କ ପତ୍ନୀ ମମତା ସ୍ୱାଇଁଙ୍କ ମୃତ୍ୟୁ ଘଟିଥିଲା । ଏହାକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାପା ଉତ୍ତେଜନା ଦେଖାଯାଇଥିଲା। ଶହ ଶହ ସଂଖ୍ୟାରେ ଲୋକ ରୁଣ୍ଡ ହୋଇ ଡାକ୍ତରଙ୍କ ଗିରଫ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ଉକ୍ତଦିନ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବନମାଳି ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସି ତୁରନ୍ତ ଡାକ୍ତର ରବୀନ୍ଦ୍ର ନାଥ ସାହୁଙ୍କୁ ବଦଳି ନିଷ୍ପତ୍ତି ହୋଇଥିଲା। ସେହି ଅନୁସାରେ ତାଙ୍କୁ ଭାପୁର ବ୍ଲକକୁ ବଦଳି କରାଯାଇଥିଲା। ଆଜି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଡାକ୍ତର ଶ୍ରୀଯୁକ୍ତ ସାହୁଙ୍କୁ ନିଲମ୍ବନ କରିଛନ୍ତି ।

# କେବେ ଦୂର ହେବ ଆଧାର ଝାମେଲା

● ବୃଦ୍ଧ ବୃଦ୍ଧା, ପିଲାଙ୍କ ବାୟୋମେଟ୍ରିକ ହେଉନି

● ନାମ ଲେଖା ଓ ଆୟୁଷ୍ମାନ ଯୋଜନା ଲାଗି ଅସୁବିଧା

**କାକଟପୁର/ଅସ୍ତରଙ୍ଗ,୪।୬(ସଂଚାର ବ୍ୟୁରୋ):** ବୃଦ୍ଧ ବୃଦ୍ଧାଙ୍କ ଆଙ୍ଗୁଳି ଛାପ ଉଠୁନି। ପିଲାଙ୍କ ଆଖି ରେଟିନା ସ୍କାନ କଲେ ଫେଲ ମାରୁଛି। ଜନ୍ମ ପ୍ରମାଣପତ୍ର ନ ଥିଲେ ସଂଶୋଧନ ହେଉନି। ଆଧାର କାର୍ଡରେ ନାଁ ସଂଶୋଧନ କରିବାକୁ ହେଲେ ଶୁଣିବାକୁ ମିଳୁଛି ତୁମେ ଯେଉଁ ବାର ଆସିବ। ସବୁ କ୍ଷେତ୍ରରେ ଅତି ଜରୁରୀ କୁହାଯାଉଥିବା ଆଧାର କାର୍ଡରେ ଏମିତି ଅନେକ ଝାମେଲା କାରଣରୁ ବିଭିନ୍ନ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେଉଛି। ବିଶେଷ କରି ଏବେ ନାମ ଲେଖା ସମୟ ଥିବାରୁ ଛାତ୍ର, ଛାତ୍ରୀ ମାନେ ବହୁତ ହଇରାଣ ହେଉଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପରିସରରେ ଥରେ ଥରେ ସକାଳୁ ସକାଳୁ ଅଭିଭାବକ ଆସି ଲମ୍ବା ଧାଡିରେ ଛିଡା ହେଉଛନ୍ତି। ନାମ ଲେଖା କ୍ଷେତ୍ରକୁ ନୁହେଁ ବିଭିନ୍ନ ସରକାରୀ ଯୋଜନାରେ ଲାଭ ଉଠାଇବାକୁ ନାକେଦମ୍ ହେଉଛନ୍ତି ଆବେଦନକାରୀ। ସବୁଠାରୁ ଅଧିକ ସମସ୍ୟା ସୃଷ୍ଟି ହେଉଛି ଆୟୁଷ୍ମାନ ଭାରତ ଯୋଜନା ରେ ସାମିଲ ହେବାକୁ ନେଇ। ସାଧାରଣତଃ ୬୦ଭାଗ ବରିଷ୍ଠ ନାଗରିକ ଙ୍କ ଫୋନ ନମ୍ବର ଆଧାର କାର୍ଡରେ ନଥିବାରୁ ଆୟୁଷ୍ମାନ ୱ୍ୟୋ ବନ୍ଦନ ଯୋଜନାର ହିତାଧିକାରୀ ହେବାପାଇଁ ସେମାନେ ଆଧାର କେନ୍ଦ୍ର ଯାଉଛନ୍ତି। କିନ୍ତୁ ଆଧାର ସେଣ୍ଟରରେ ପ୍ରାୟ ଅନେକ ବରିଷ୍ଠ ନାଗରିକ ଙ୍କ ଆଙ୍ଗୁଳି କିମ୍ବା ଆଖିର ବାୟୋମେଟ୍ରିକ ହୋଇପାରୁନି। ଫଳରେ ସେମାନେ ନିରାଶ ହୋଇ ଫେରିବାକୁ ବାଧ୍ୟ ହେଉଛନ୍ତି। ଆଧାର କାର୍ଡରେ ବିଭ୍ରାଟ ନେଇ ବର୍ତ୍ତମାନ ସମୟରେ ଏଭଳି ସମସ୍ୟା ରହିଥିଲେ ବି ପ୍ରଶାସନିକ ସ୍ତରରେ ଏହାର ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଆଧାର କାର୍ଡକୁ ବ୍ୟକ୍ତିଗତ ପରିଚୟ ପତ୍ର ଭାବେ କାର୍ଯ୍ୟକାରୀ କରାଯିବା ଇତି ମଧ୍ୟରେ ୧୫ବର୍ଷ ହେଲାଣି। ଓଡିଶାରେ ୨୦୧୧ମସିହାରୁ ଆଧାର କାର୍ଡ ପ୍ରଚଳନ ଓ ପରେ ବାଧ୍ୟତାମୂଳକ କରାଯାଇଥିଲା। କିନ୍ତୁ ଗତ କିଛି ବର୍ଷ ପରେ ଆଧାର କାର୍ଡ ଶହ ବ୍ୟାଙ୍କ ଆକାଉଣ୍ଟ ଲିଙ୍କ ହେବା ଏବଂ ସବୁ ସରକାରୀ ଯୋଜନାରେ ଆଧାର କାର୍ଡ ବାଧ୍ୟତା ମୂଳକ କରାଯିବା ପରେ ଏହାର ଗୁରୁତ୍ୱ ବଢିଥିଲା। ପ୍ରାଥମିକ ପର୍ଯ୍ୟାୟରେ ଆଧାର କାର୍ଡ ପଞ୍ଜିକରଣ ପାଇଁ ଅତି ସାଧାରଣ ସୂଚନା ଦରକାର ରହିଥିଲା। ନାମ, ଗାଁ, ଠିକଣା ରହିଲେ ଲୋକଙ୍କୁ ଏକ ସ୍ୱତନ୍ତ୍ର ଆଧାର ନମ୍ବର ମିଳିଯାଉଥିଲା। କିନ୍ତୁ ବ୍ୟାଙ୍କ ଖାତା ଶହ ଲିଙ୍କ ବା ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ଆଧାରରେ ଫୋନ ନମ୍ବର, ବାପା କିମ୍ବା ସ୍ୱାମୀ ଙ୍କ ନାମ, ବାୟୋମେଟ୍ରିକ ଆଦି ଦରକାର ପଡିଲା। ଆଧାର କାର୍ଡ ରେ ନାମ ଏବଂ ଜନ୍ମତାରିଖ ସଂଶୋଧନ ପାଇଁ ଅତ୍ୟାୱଶ୍ୟକ କାଗଜ ପତ୍ର ଯେଉଁମାନଙ୍କର ନଥିବ ସେମାନେ ନାମ ଏବଂ ଜନ୍ମ ତାରିଖ ସଂଶୋଧନ କରିବାରେ ନାନା ସମସ୍ୟା ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଅସ୍ତରଙ୍ଗ ବ୍ଲକ ପରିସରରେ ଥିବା ଆଧାର କେନ୍ଦ୍ର କୁ ଯାଇ ନିରାଶ ହୋଇ ଫେରୁଛନ୍ତି।ସେହିପରି ନାମଲେଖା ପାଇଁ ଏବେ ସ୍କୁଲ ଓ କଲେଜ ରେ ଆଧାର କାର୍ଡ ବାଧ୍ୟତା ମୂଳକ ରହିଛି। କିନ୍ତୁ ପ୍ରଶାସନ ତରଫରୁ ଆଧାର କାର୍ଡ ସଂଶୋଧନ ସୁବିଧା ରେ କରିପାରିବେ ସେ ପ୍ରତି ଦୃଷ୍ଟି ଦେବାକୁ ସାଧାରଣ ରେ ଦାବୀ ହୋଇଛି।

## ଡ଼କ୍ଟର ସୁନାକରଙ୍କୁ ଜାତୀୟ ମୁଖପାତ୍ର ଦାୟିତ୍ୱ ପ୍ରଦାନ



**ଜଗତସିଂହପୁର, ୪।୬(ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ଜାତୀୟ ସଂଗଠନ ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦର ଜାତୀୟ ମୁଖପାତ୍ର ଭାବେ ଜଗତସିଂହପୁର ଜିଲ୍ଲାର ଜଣାଶୁଣା ବିଶିଷ୍ଟ ସମାଜସେବୀ ଆଡ଼ଭୋକେଟ ଡ଼କ୍ଟର ସୁନାକର ବେହେରାଙ୍କୁ ପୁନର୍ବାର ନିଯୁକ୍ତ କରାଯାଇଅଛି।ଡ଼ଃ ବେହେରା ଦୀର୍ଘ ପାଞ୍ଚବର୍ଷ ଧରି ଖାଉଟି ମାନଙ୍କ ଅଧିକାର ସାବ୍ୟସ୍ତ କରିବା, ଖାଉଟି ସଚେତନତା ଓ କଲ୍ୟାଣ ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମାନ ରାଜ୍ୟ ଓ ଜାତୀୟ ସ୍ତରରେ ରୂପାୟନ କରି ଆସୁଅଛନ୍ତି। ଏବଂ ବିଗତ ବର୍ଷ ମାନଙ୍କରେ ଜାତୀୟ ସ୍ତରରେ ଖାଉଟି କଲ୍ୟାଣ ପରିଷଦର ବିଭିନ୍ନ ଜାତୀୟ ଏବଂ ଆନ୍ତର୍ଜାତୀୟ ସମ୍ମିଳନୀରେ ଯଥା ନାଗପୁର, ଜାମୁକାଶ୍ମୀର ଏବଂ ଚଣ୍ଡିଗଡ଼ ଠାରେ ଆଡ଼ଭୋକେଟ ଡ଼ଃ ବେହେରାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ତତ ସହିତ ରାଜ୍ୟର ଜଣେ ଉଦ୍ଦୀୟମାନ ସମାଜସେବୀ ବିଜୟ କୁମାର ବିଶ୍ୱାଳ(କୁବେର) ଙ୍କୁ ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦ ଦ୍ୱାରା ରାଜ୍ୟର କାର୍ଯ୍ୟକାରୀ ସଭାପତି ଭାବେ ନୂତନ ଦାଇତ୍ୱ ପ୍ରଦାନ କରାଯାଇଛି। ବିଶ୍ୱାଳ ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଶଙ୍ଖେଶ୍ୱର ଗୋପାଳପୁର ଗ୍ରାମ ପଞ୍ଚାୟତର ଅଧିବାସୀ ଅଟନ୍ତି। ଏହି ନିଯୁକ୍ତି ପରିପ୍ରେକ୍ଷୀରେ ଡ଼ଃ ବେହେରା ରାଷ୍ଟ୍ରୀୟ ଅଧ୍ୟକ୍ଷ ବିଖ୍ୟାତ ସେନାହିଁ, ରାଷ୍ଟ୍ରୀୟ ମୁଖ୍ୟ ସଚିବ ଦେବେନ୍ଦ୍ର ତିୱାରୀ,ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଚିବ ବିଜୟ ମହାନ୍ତି, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ସୁରଜ ପ୍ରକାଶ,ଡ଼କ୍ଟର ଏମପି ବର୍ଷା, ସଞ୍ଜୟ ଦୁବେ, ଚନ୍ଦ୍ରଶେଖର ଭାଗଡେ, ରାଜ୍ୟ ସଭାପତି ଆଡ଼ଭୋକେଟ ଜଗବନ୍ଧୁ ସରାଫ,ରାଜ୍ୟ ସଂଯୋଜକ ବିବେକାନନ୍ଦ ହୋତାଙ୍କୁ ଧନ୍ୟବାଦ ପ୍ରଦାନ ସହିତ ବେହେରା ଓ ବୈଷୟିକ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଜିଲ୍ଲାର ଅନେକ ସ୍ୱେଚ୍ଛାସେବୀ ସଂଗଠନ ଶୁଭେଚ୍ଛା ପ୍ରଦାନ କରିଛନ୍ତି।

## ଦିଅର ଭାଉଜଙ୍କୁ ମରଣାନ୍ତକ ଆକ୍ରମଣ

**ନୀଳଗିରି, ୪।୬(ସଂଚାର ବ୍ୟୁରୋ):** ସୁଦଶାବ୍ରତ ପାଇଁ ଫୁଲ,ବେଲପତ୍ର ଆଣିବାକୁ ଯାଇଥିବା ବେଳେ ଜଣେ ମହିଳା ସମେତ ଦିଅରଙ୍କୁ ପାଖପଡୋଶୀ ଯୁବକଜଣକ ଆକ୍ରୋଶ ମୂଳକଭାବେ ଆକ୍ରମଣ କରିଥିବା ବେଳେ ଉଭୟ ଦିଅର ଭାଉଜ ଗୁରୁତର ଆହତହୋଇ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ସୂଚନା ଅନୁଯାୟୀ ନୀଳଗିରି ଏନଏସି ୨ନଂ ୱାର୍ଡ ଘାଟଘରସାହି ଗ୍ରାମର ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ବାଗଙ୍କ ପତ୍ନୀ ବିଷ୍ଣୁପ୍ରିୟା ବାଗ(୫୩) ସୁଦଶାବ୍ରତ ଉପଲକ୍ଷେ ନିଜ ଝିଆରୀ ମନିଷାଙ୍କ ସହିତ ଫୁଲ, ଦୁବ, ବେଲପତ୍ର ସଂଗ୍ରହକରି ଘରକୁ ଫେରୁଥିବା ସମୟରେ ପାଖ ପଡୋଶୀ ତଥା ସମ୍ପର୍କୀୟ ଦିଅର ସୁବ୍ରତ ବାଗ ଓରଫ ପାପା ହଠାତ୍ ବିଷ୍ଣୁପ୍ରିୟାଙ୍କୁ ଅଶ୍ଳୀଳ ଇଙ୍ଗିତ କରିବାସହିତ ଅସଭ୍ୟ ଭାଷାରେ ଗାଳିଗୁଳଜ କରିଥିଲେ। ମହିଳା ଜଣକ ପ୍ରତିବାଦ କରିବାରୁ ପାପା ଓରଫ ସୁବ୍ରତ ନିଜଘରୁ ଏକ ଧାରୁଆ କଟୁରୀ ଆଣି ମହିଳାଙ୍କ ବେକକୁ ଲକ୍ଷ୍ୟକରି ହାଣିବା ସମୟରେ ମହିଳା ଜଣକ ବୁଲିପଡ଼ିବାରୁ ମୁଣ୍ଡରେ ବାଜିଥିଲା। ଏଥିସହ ସେହି କଟୁରିରେ ମହିଳାଙ୍କ ଗୋଡ଼ ଓ ଶରୀରର ବିଭିନ୍ନ ସ୍ଥାନରେ ଆକ୍ରମଣ କରିଥିଲେ।

# ଢେଙ୍କାନାଳକୁ ୩୦୮ କୋଟି ଭେଟିଦେଲେ ମୁଖ୍ୟମନ୍ତ୍ରୀ

- ୫୦ ହଜାର କୋଟିରୁ ଉର୍ଦ୍ଧ୍ୱ ୪ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ
- ଶିଳ୍ପ ସ୍ଥାପନରେ ୨୬,୪୦୦ ଯୁବକଯୁବତୀ ପାଇବେ ନିଯୁକ୍ତି
- ଢେଙ୍କାନାଳ ହେବ ଓଡିଶାର ସୌରଶକ୍ତି ସମୃଦ୍ଧ ଜିଲ୍ଲା



**ଭୁବନେଶ୍ୱର, ୪।୬(ସଂଚାର ବ୍ୟୁରୋ):** ଢେଙ୍କାନାଳ ଠାରେ ପ୍ରାୟ ୫୦ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବିଭିନ୍ନ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ, ପ୍ରାୟ ୧୮୮ କୋଟି ଟଙ୍କାର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ପ୍ରାୟ ୧୨୦ କୋଟି ଟଙ୍କା ବ୍ୟୟ ବରାଦରେ ବାଜି ରାଉତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ୧୧୨ କୋଟି ଟଙ୍କାର ୧୨ ଟି ପ୍ରକଳ୍ପର ଶୁଭଉଦ୍‌ଘାଟନ ହୋଇଥିବା ବେଳେ ୭୬ କୋଟି ଟଙ୍କାର ୧୦ଟି ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ଆଜି କରାଗଲା ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତିଯେ, ଢେଙ୍କାନାଳ ଠାରେ ୫୦ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟବରାଦରେ ହେବାକୁ ଥିବା ଶିଳ୍ପ ପ୍ରକଳ୍ପ ଆଜି ଓଡିଶାର ବିକାଶର ଧାରାରେ ଆଉ ଏକ ସ୍ରୋତ ଯୋଡି ଦେଇଛି । ଆଜି ଯେଉଁ ନୂତନ ଶିଳ୍ପର ଶୁଭାରମ୍ଭ ହେଲା, ଏଥିରୁ ୩୦ ହଜାର କୋଟି ଟଙ୍କାର ବ୍ୟୟ କେବଳ ସୋଲାର ଶକ୍ତି ଶିଳ୍ପ ସମ୍ବଳିତ ପ୍ରକଳ୍ପ। ଏଣୁ ଢେଙ୍କାନାଳ ଜିଲ୍ଲାକୁ ଓଡିଶାର ସୌର ଶକ୍ତି ସମୃଦ୍ଧ ଜିଲ୍ଲା ଓ ରାଜ୍ୟର ଅଗ୍ରଣୀ ଜିଲ୍ଲା ଭାବେ ପରିଗଣିତ କରିବା ହେଉଛି ଆମର ଲକ୍ଷ୍ୟ । ସୋଲାର ଏନର୍ଜୀକୁ ଆମେ କେବଳ ଆମ ରାଜ୍ୟର ନୁହେଁ ବରଂ ସମଗ୍ର ଦେଶର ପ୍ରମୁଖ ଶକ୍ତି ଭାବେ ବ୍ୟବହାର କରିବା । ଆଜି ଏଠାରେ ୫୦ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ ଯୋଗୁଁ ପ୍ରାୟ ୨୬ ହଜାର ୪୦୦ଟି ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗର ସମ୍ଭାବନା ରହିଛି। ଆଉ ଆଜିର ଏହି ଶିଳ୍ପ, ଆମର ଉତ୍କର୍ଷ ଓଡିଶା- ମେକ ଇନ ଓଡିଶା କନକ୍ଲେଭ କାର୍ଯ୍ୟକ୍ରମର ସଫଳତା। ଆମ ସରକାରକୁ ୩୬୫ ଦିନ ମଧ୍ୟ ପୂରିନି କିନ୍ତୁ ଦେଖନ୍ତୁ, ଆମେ ଦେଇଥିବା ପ୍ରତିଶ୍ରୁତି କିଭଳି ଆମେ ପୂରଣ କଲୁ। କାରଣ ଆମ ସରକାର, ଯେଉଁ ବିଶ୍ୱାସର ସହ ଲୋକଙ୍କ ପାଖକୁ ଆସିଛି ସେ ବିଶ୍ୱାସ ଆମେ କେବେ ହେଲେ ଭାଙ୍ଗିବୁନି ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ।

ଜିଲ୍ଲାର ଚିର ସ୍ମରଣୀୟ ବରପୁତ୍ର ତଥା ଶହୀଦ ବାଜି ରାଉତଙ୍କ ସ୍ମୃତିରେ ଆଜି ବନମାଳିପ୍ରସାଦ ଅଂଚଳରେ ପ୍ରାୟ ୧୨୦ କୋଟି ଟଙ୍କା ବ୍ୟୟବରାଦରେ ବାଜି ରାଉତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହେଲା। ଏଥିରେ ଫୁଟବଲ ପଡିଆ, ସିନ୍ଥେଟିକ ଆଥେଲେଟିକ ଟ୍ରାକ୍, ହକି ଟ୍ରେନିଂ ସେଣ୍ଟର, ଇଣ୍ଡୋର ଷ୍ଟାଡିଅମ, ସୁଇମିଂପୁଲ୍, ୧୦୦ ଶଯ୍ୟା ବିଶିଷ୍ଟ କ୍ରୀଡା ଛାତ୍ରାବାସ ଇତ୍ୟାଦି ବିକଶିତ କରାଯିବ। ଏହି ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଆମ ଯୁବ ପିଢ଼ିଙ୍କ କ୍ରୀଡା ପ୍ରତି ଥିବା ଉଚ୍ଚ ଆଶାକୁ ଆହୁରି ଆଗକୁ ନେଇଯିବ। ଜିଲ୍ଲାରେ କ୍ରୀଡା ଭିତ୍ତିଭୂମିର ଉନ୍ନତି ଅର୍ଥାତ ଯୁବଶକ୍ତିର ଉତ୍ଥାନ। ଯୁବ ସମାଜ ହେଉଛନ୍ତି ଆଗମୀ ପିଢ଼ିର ନିର୍ମାତା। ସେମାନଙ୍କ ସବୁଠାରୁ ବଡ ସମସ୍ୟା ହେଉଛି ରୋଜଗାର। ତେଣୁ ସରକାର ଏଥିପାଇଁ ଚିନ୍ତିତ ଅଛନ୍ତି ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଆମେ ପ୍ରଥମ ବର୍ଷରେ ୨୭ ହଜାର ଖାଲିଥିବା ସରକାରୀ ପଦ ପୂରଣ କରିଛୁ। ଚଳିତ ବର୍ଷ ୪୦ ହଜାର ପଦ ପୂରଣ କରିବାପାଇଁ ମୁଁ ନିର୍ଦ୍ଦେଶ ଦେଇ ସାରିଛି। ଗତ କ୍ୟାବିନେଟ ବୈଠକରେ ରାଜ୍ୟର ଚାକିରି ଆଶାୟୀଙ୍କ ଏକ ଦୀର୍ଘ ଦିନର ଦାବିକୁ ପୂରଣ କରିଛୁ। ବର୍ତ୍ତମାନ ଚାକିରି ପାଇଁ ଆବେଦନ କରିବାର ସର୍ବୋଚ୍ଚ ବୟସ ସୀମାକୁ ୪୨ ବର୍ଷ କରିଛୁ। ଏହା ଯୁବବର୍ଗଙ୍କୁ ସରକାରୀ ଚାକିରିରେ ପ୍ରତିଯୋଗିତା କରିବାକୁ ଅଧିକ ସୁଯୋଗ ଦେବ।

ଆମେ ୨୦୩୬ ସୁଦ୍ଧା ଓଡିଶାକୁ ସମୃଦ୍ଧ ଓଡିଶାରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛୁ ଏବଂ ଏଥିପାଇଁ ମୂଳଦୁଆ ଗତ ଜୁନ ୧୨ ତାରିଖରେ ପଡି ସାରିଛି। ଏବେ ଏହି ଭିତ୍ତିଭୂମି ଉପରେ ନିର୍ମାଣ ହେଉଛି ନୂତନ ଓଡିଶା, ସମୃଦ୍ଧ ଓଡିଶା। ଏଥିପାଇଁ ପ୍ରତି ଜିଲ୍ଲାକୁ ବି ସମୃଦ୍ଧ ହେବାକୁ ପଡିବ। ଆଜିର ପ୍ରକଳ୍ପ ସବୁ ଢେଙ୍କାନାଳ ଜିଲ୍ଲାକୁ ସମୃଦ୍ଧ କରିବାକୁ ଉଦ୍ଦିଷ୍ଟ। ଆସନ୍ତୁ, ଗଢିବା ଏକ ସମୃଦ୍ଧ ଢେଙ୍କାନାଳ ଏବଂ ସମୃଦ୍ଧ ଓଡିଶା। ଉକ୍ତ କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ସାଂସଦ ରୁଦ୍ରନାରାୟଣ ପାଣି, ବିଧାୟକ ଶତ୍ରୁଘ୍ନ ଜେନା, ବିଧାୟକ ବିଭୂତି ଭୂଷଣ ପ୍ରଧାନ, ବିଧାୟିକା ସିମାରାଣୀ ନାୟକ ଓ ବିଧାୟକ ଅଶୋକ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରମେଶ କୁମାର ସେଠୀ ଧନ୍ୟବାଦ ଦେଇଥିଲେ।

## ନିଯୁକ୍ତି ପାଇବା ଦିନ ଠାରୁ ହିଁ ପଦୋନ୍ନତି ହିସାବ କରାଯିବ



**କଟକ, ୪।୬ (ସଂଚାର ବ୍ୟୁରୋ) :** ଏଏସଓ ନିଯୁକ୍ତି ପ୍ରସଙ୍ଗରେ ଓଡିଶା ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ନିଯୁକ୍ତି ଦିନ ଠାରୁ ହିଁ ପଦୋନ୍ନତି ହିସାବ କରାଯିବ ବୋଲି ହାଇକୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି । ଅର୍ଥାତ ଯେବେ ନିଯୁକ୍ତି ମିଳିଲା, ସେବେଠାରୁ ହିଁ ବରିଷ୍ଠତାକୁ ବିଚାରକୁ ନିଆଯିବ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି । ମାତ୍ର ନିଯୁକ୍ତି ପାଇଁ ପ୍ରକାଶ ପାଇଥିବା ବିଜ୍ଞପ୍ତିର ଦିନ ଠାରୁ, ବରିଷ୍ଠତାକୁ ବିଚାର କରାଯିବା ଗ୍ରହଣୀୟ ନୁହେଁ ବୋଲି କୋର୍ଟ କହିଛନ୍ତି । ଏହି ଆଧାରରେ ହାଇକୋର୍ଟ ୨୦୧୨ ମସିହା ବିଜ୍ଞାପନ ଆଧାରରେ ୨୦୧୬ ମସିହାରେ ଏଏସ୍ ଓ (ଆସିଷ୍ଟାଣ୍ଟ ସେକ୍ସନ୍ ଅଫିସର) ପଦରେ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ବରିଷ୍ଠତା କ୍ଷେତ୍ରରେ ସାନି ନିଷ୍ପତ୍ତି ନେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଚରଣ ସିଂ ହେମ୍ବ୍ରମ୍ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବି.ପି. ରାଉତରାୟ ଏହି ରାୟ ପ୍ରଦାନ କରିଛନ୍ତି। ୨୦୧୨-୧୩ ମସିହାରେ ରାଜ୍ୟ ସଚିବାଳୟରେ ୮୧୧ଟି ଏଏସଓ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ତେବେ ନିଯୁକ୍ତି ପକ୍ରିୟାରେ ସଂରକ୍ଷଣ ୫୦ ପ୍ରତିଶତରୁ ଅଧିକ ହୋଇଥିବାରୁ ଏହାକୁ ନେଇ ସ୍ୟାଟ୍‌ରେ ମାମଲା ରୁଜୁ ହୋଇଥିଲା। ସ୍ୟାଟ୍ ଏହି ସଂରକ୍ଷଣ ବେଆଇନ ବୋଲି ଦର୍ଶାଇବା ପରେ ରାଜ୍ୟ ସରକାର, ଯେତିକି ପଦରେ ଅଧିକ ସଂରକ୍ଷଣ ରହିଥିଲା, ସେତିକି ପଦ ପାଇଁ ସାନି ବିଜ୍ଞାପନ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଥମେ ସଂରକ୍ଷଣ ପଦରେ ଚୟନ ହୋଇଥିବା ପ୍ରାର୍ଥୀଙ୍କୁ ୨୦୧୬ ଜାନୁଆରୀରେ ନିଯୁକ୍ତି ଦିଆଯାଇଥିଲା। ପରେ ଅନ୍ୟ ମାନଙ୍କୁ ସେହି ବର୍ଷ ଅକ୍ଟୋବରରେ ନିଯୁକ୍ତି ଦିଆଯାଇଥିଲା। ୨୦୨୦ରେ ଏହି ସମସ୍ତ ପ୍ରାର୍ଥୀଙ୍କୁ ନେଇ ଏକ ଗ୍ରେଡେସନ୍ ତାଲିକା ପ୍ରସ୍ତୁତ କରାଯାଇଥିଲା । କିନ୍ତୁ ଏହା ପୂର୍ବରୁ ରାଜ୍ୟ ସରକାର ୨୦୧୦ ସର୍ଭିସ ରୁଲରେ ଏକ ସଂଶୋଧନ ଆଣିଥିଲେ। ୨୦୧୦ ସର୍ଭିସ ରୁଲ୍ ଅନୁଯାୟୀ, କୌଣସି ପ୍ରାର୍ଥୀଙ୍କ ବରିଷ୍ଠତା ନିଯୁକ୍ତି ଦିନଠାରୁ ହିସାବକୁ ନିଆଯାଉଥିଲା। କିନ୍ତୁ ୨୦୧୬ ସଂଶୋଧିତ ଆଇନରେ ଏଥିରେ ପରିବର୍ତ୍ତନ କରାଯାଇ ବିଜ୍ଞପ୍ତି ପ୍ରକାଶ ଦିନଠାରୁ ପ୍ରାର୍ଥୀଙ୍କ ବରିଷ୍ଠତା ବିଚାର କରାଯିବ ବୋଲି କୁହାଯାଇଥିଲା। ଫଳରେ ଆବେଦନକାରୀମାନେ ଏହି ବରିଷ୍ଠତା ତାଲିକାରୁ ବାଦ୍ ପଡ଼ିଥିଲେ। ରାଜ୍ୟ ସରକାରଙ୍କ ଏହି ପଦୋନ୍ନତି ତାଲିକାକୁ ଚାଲେଞ୍ଜ କରି ଆବେଦନକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାର ରାୟ ପ୍ରକାଶ କରି ସ୍ପଷ୍ଟ କରିଛନ୍ତି ଯେ, ଆବେଦନକାରୀମାନେ ୨୦୧୦ ରୁଲ କାର୍ଯ୍ୟକାରୀ ଥିଲାବେଳେ ନିଯୁକ୍ତି ପାଇଛନ୍ତି ଏବଂ ସେମାନଙ୍କ କ୍ଷେତ୍ରରେ ୨୦୧୬ ରୁଲ୍ ଲାଗୁ ହୋଇପାରିବ ନାହିଁ।

## ଏଣିକି ଛୁଟି ପରେ ଡିଇଓ, ବିଇଓ ଏବଂ ହେଡମାଷ୍ଟର ସ୍କୁଲ ଟଏଲେଟ୍ ବ୍ୟବହାର କରନ୍ତୁ: କଳିକେଶ

**ବଲାଙ୍ଗିର,୪।୬(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ପ୍ରଶାସନ ଉପରେ ବର୍ଷିଲେ ବିଧାୟକ। ଜିଲ୍ଲା ସମୀକ୍ଷା ବୈଠକରେ ସମସ୍ତ ବିଭାଗକୁ ନେଇ ସମୀକ୍ଷା କରିଥିବା ବେଳେ କଥା ବେଶୀ କାମ କମ୍ କରୁଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ ବଲାଙ୍ଗିର ବିଧାୟକ କଳିକେଶ ନରାୟଣ ସିଂଦେଓ । ତେବେ ସବୁଠୁ ବେଶୀ ଶିକ୍ଷା ବିଭାଗକୁ ଦେଇଥିଲେ କଡ଼ା ନିର୍ଦ୍ଦେଶ। କହିଥିଲେ ଆଉ ଆଲୋଚନା କରନ୍ତୁ ନାହିଁ । ଏଣିକି ଛୁଟି ପରେ ଡିଇଓ, ବିଇଓ ଏବଂ ହେଡ୍ ମାଷ୍ଟର ସ୍କୁଲ ଟଏଲେଟ୍ ବ୍ୟବହାର କରନ୍ତୁ । ସେଠି ପାଣି, ବିଦ୍ୟୁତ ବିନା ପିଲାମାନେ କେମିତି ହଟହଟା ହେଉଛନ୍ତି ଜାଣିବେ ଏବଂ ମୋତେ ଜଣାଇବେ । ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ତାଙ୍କ ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ସମୀକ୍ଷା ବୈଠକରେ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଦୀର୍ଘ ୬ ମାସ ପୂର୍ବରୁ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଧାୟକ ଶିକ୍ଷା ବିଭାଗକୁ ବଲାଙ୍ଗିର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅଞ୍ଚଳରେ ଥିବା ସ୍କୁଲରେ ବାଳିକା ଶୌଚାଳୟ ଗୁଡ଼ିକରେ ବିଦ୍ୟୁତ ଓ ପାଣି ବ୍ୟବସ୍ଥା ସମ୍ପର୍କରେ ତଥ୍ୟ ମାଗିଥିଲେ । ସେତେବେଳେ ମଧ୍ୟ ବିଭାଗର ଅଧିକାରୀ ତଥ୍ୟ ସଂଗ୍ରହ କରୁଛୁ ବୋଲି କହୁଥିଲେ । ହେଲେ ପୁଣି ବୈଠକରେ ବିଧାୟକ ସେ ସଂପର୍କରେ ପଚାରିଥିବା ବେଳେ ଡିଇଓ ଓ ତାଙ୍କ କର୍ମଚାରୀ ମାନେ କୌଣସି ସ୍ପଷ୍ଟ ଉତ୍ତର ନଦେବାରୁ ବିଧାୟକ ତାଗିଦ୍ କରିବା ସହ କଥା ଛଳରେ ଶିକ୍ଷା ବିଭାଗ ଅଧିକାରୀଙ୍କୁ ଛୁଟି ପରେ ସ୍କୁଲ ଟଏଲେଟ୍‌କୁ ଯିବାକୁ କହିଥିଲେ । ସେହିପରି ଏନଏଚ ବିଭାଗ ଓ ମାଇନିଂ ବିଭାଗକୁ ମଧ୍ୟ ତଥ୍ୟ ମାଗିଥିଲେ, ହେଲେ ତାହା ମଧ୍ୟ ଦେଇନଥିଲେ ଅଧିକାରୀ । ଯୋଗାଣ ବିଭାଗ କରିଥିବା କାମର ତାଲିକା ମାଗିବାରୁ ତାହା ମଧ୍ୟ ଦେଇନଥିଲେ । ତେବେ ଏସବୁକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ ବିଧାୟକ କଳିକେଶ ନାରାୟଣ ସିଂଦେଓ। ବଲାଙ୍ଗିର ନିର୍ବାଚନ ମଣ୍ଡଳୀରେ ଏବେ ବହୁ ବିଭାଗର କାମ ଠପ୍ ହୋଇଯାଇଛି । ଲୋକ ହଇରାଣ ହେଉଛନ୍ତି । କାହାକୁ ଅଭିଯୋଗ କଲେ ଶୁଣୁ ନାହାନ୍ତି । କେହି ତେବେ ଏଭଳି ପରିସ୍ଥିତିରେ ସରକାରଙ୍କୁ ଦାୟୀ କରିବା ସହ ସମାଧାନ ବାଟ ବାହାର ନକଲେ ବିଧାନସଭାରେ ଜବାବ ଦିଆଯିବ ବୋଲି କହିଛନ୍ତି ।

## ଜୟଦେବ ଜେନାଙ୍କୁ ହତ୍ୟା ଧମକ କେନ୍ଦୁଝରରୁ ଗିରଫ ହେଲା ଯୁବକ



**ଭୁବନେଶ୍ୱର, ୪।୬ (ସଂଚାର ବ୍ୟୁରୋ) :** କଂଗ୍ରେସର ବରିଷ୍ଠ ନେତାଙ୍କୁ ହତ୍ୟା ଧମକ ଦେଇ ଜଣେ ଯୁବକ ଗିରଫ ।ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କୁ ହତ୍ୟା ଧମକ ଘଟଣାର ପର୍ଦ୍ଦାଫାସ। ଟଙ୍କା ନଦେଲେ ହତ୍ୟା କରିବା ପାଇଁ ଧମକ ଦେଇଥିଲା ଅଭିଯୁକ୍ତ । କେନ୍ଦୁଝର ଅଞ୍ଚଳରୁ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି କମିଶନରେଟ୍ ପୋଲିସ । ଗିରଫ ଯୁବକ ଜଣକ ହେଲେ କୁଳମଣି ସେନାପତି ଓରଫ ସୋମନାଥ । ଏନେଇ କ୍ୟାପିଟାଲ ଥାନା ଅଧିକାରୀ ଦୟାନିଧି ନାୟକ କହିଛନ୍ତି,"ଜଣେ ଯୁବକ ପୂର୍ବତନ ମନ୍ତ୍ରୀ ଜୟଦେବ ଜେନାଙ୍କୁ ବାରମ୍ବାର ଫୋନ କରି ହତ୍ୟା ଧମକ ଦେଇଥିଲେ,ପରେ ସେ ଆସି ଥାନାରେ ଅଭିଯୋଗ କରିଥିଲେ । ଉକ୍ତ ଫୋନ ନମ୍ବରକୁ ଯାଞ୍ଚ ପରେ ସମ୍ପୃକ୍ତ ବ୍ୟକ୍ତିର ନାଁ ଏବଂ ଠିକଣା ଜଣାପଡ଼ିଥିଲା । ପରେ ତାକୁ ଧରିବା ପାଇଁ ଉଦ୍ୟମ ବେଳେ ସେ ମୋବାଇଲ ଫୋନ ଓ ଯେଉଁ ସିମରୁ କଲ୍ କରିଥିଲା ତାକୁ ମଧ୍ୟ ନଷ୍ଟ କରିଦେଇଥିଲା । ପରେ ତାକୁ ଘଷିପୁରା ଥାନା ସହାୟତାରେ ଗିରଫ କରି କୋର୍ଟ ଚାଲାଣ କରିଛୁ।" ସେ ଆହୁରି ମଧ୍ୟ କହିଛନ୍ତି," ଗିରଫ ଯୁବକ ଜଣଙ୍କ ଜଣେ ଭଲ ପରିବାରର ଯୁବକ। ସେ କୌଣସି ଚାକିରି କମ୍ବା ବ୍ୟବସାୟ କରୁନଥିବାରୁ ବେକାର ହୋଇ ବୁଲାବୁଲି କରନ୍ତି । ତେବେ ଗତ ଫେବ୍ରୁଆରୀ ମାସ ତିନି ତାରିଖରେ ଦିନ ପ୍ରାୟ ୧୨ଟା ସମୟରେ ଜୟ ଦେବ ଜେନାଙ୍କ ମୋବାଇଲକୁ କଲ୍ କରିଥିଲେ । ସେ କିଛି ନିର୍ଦ୍ଦିଷ୍ଟ ଡିବେଟକୁ ନେଇ ବିରୋଧ କରିବା ସହ ତାଙ୍କୁ ଟଙ୍କା ପଠାଇବାକୁ ଦାବି କରିବା ସହ ଧମକାଇ ଥିଲେ ।

## ଆଜିଠୁ ଡେଙ୍ଗୁ ପ୍ରତିହତ ପାଇଁ ବିଏମ୍‌ସି ପାଳିବ ଡ୍ରାଏ ଡେ



**ଭୁବନେଶ୍ୱର,୪।୬(ସଂଚାର ବ୍ୟୁରୋ):** ସପ୍ତାହକୁ ଦୁଇ ଦିନ ଡ୍ରାଏ ଡେ । ଡେଙ୍ଗୁ ନିୟନ୍ତ୍ରଣ କରିବାକୁ କାଲିଠୁ ଡ୍ରାଏ ଡେ ପାଳନ କରିବ ବିଏମସି। ସହରର ସମସ୍ତ ୱାର୍ଡରେ ଡ୍ରାଏ ଡେ ପାଳନ କରାଯିବ । ଫୁଲକୁଣ୍ଡ ଓ ପାଣି ଜମିଥିବା ପାତ୍ରକୁ ଓଲଟାଇ ରଖିବାକୁ ଅପିଲ କରାଯାଇଥିବା ସୂଚନା ଦେଇଛନ୍ତି ବିଏମସି ମେୟର ସୁଲୋଚନା ଦାସ । ଆଜି କର୍ପୋରେଟରଙ୍କୁ ବିଏମସି ମୁଖ୍ୟାଳୟରେ ଟ୍ରେନିଂ ଦିଆଯିବ । ଡେଙ୍ଗୁ ନିୟନ୍ତ୍ରଣ ପାଇଁ ଚଳିତ ବର୍ଷ ଅଧିକ ସଂଖ୍ୟକ ଷ୍ଟାଫ ନିୟୋଜିତ କରାଯାଇଛି । ୭୦ ଜଣ ଷ୍ଟାଫ କେବଳ ବିଭିନ୍ନ ୱାର୍ଡରେ ତେଲ ସ୍ପ୍ରେ କରିବା ପାଇଁ ନିୟୋଜିତ କରାଯାଇଛି। ଆସନ୍ତାକାଲିଠୁ ଟାୟାର ଲିଫଟିଙ୍ଗ ମଧ୍ୟରେ କରାଯିବ । ସମସ୍ତ ୱାର୍ଡରେ ବୁଲୁଥିବା ସଫେଇ ଗାଡି ଗୁଡିକୁ ଡେଙ୍ଗୁ ଆୱାରନେସରେ ବ୍ୟବହାର କରାଯିବ ସହ ସମସ୍ତ ଟ୍ରାଫିକ ପୋଷ୍ଟରେ ମଧ୍ୟ ଡେଙ୍ଗୁ ନେଇ ସଚେତନ କରାଯିବ । ଏହାସହ ଗତବର୍ଷ ଯେଉଁ ୱାର୍ଡଗୁଡିକରେ ଅଧିକ ସଂଖ୍ୟକ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ସେହି ୱାର୍ଡ ଉପରେ ବିଶେଷ ଭାବରେ ଧ୍ୟାନ ଦିଆଯିବ ବୋଲି ସୂଚନା ଦେଇଛନ୍ତି ବିଏସି ମେୟର ।

## ତେଜସ୍ ଏକ୍ସପ୍ରେସ୍ ଇଞ୍ଜିନରେ ଲାଗିଲା ନିଆଁ



**ବାଲେଶ୍ୱର, ୪।୬ (ସଂଚାର ବ୍ୟୁରୋ) :** ବଡ଼ ଅଘଟଣରୁ ବର୍ତ୍ତିଗଲା ତେଜସ ରାଜଧାନୀ ଏକ୍ସପ୍ରେସ । ପାଇଲଟଙ୍କ ଉପସ୍ଥିତି ବୁଦ୍ଧି ଯୋଗୁଁ ନିଆଁରୁ ବର୍ତ୍ତି ଯାଇଛି ତେଜସ ଏକ୍ସପ୍ରେସ । ପ୍ରବଳ ବର୍ଷା ପବନ ଯୋଗୁଁ ରେଳଇଞ୍ଜିନରେ ପଡିଥିଲା ନଡିଆ ବାହୁଙ୍ଗା । ନଡିଆ ବାହୁଙ୍ଗା ଜଳିବାକୁ ଲାଗିଥିବା ବେଳେ ଉପସ୍ଥିତି ବୁଦ୍ଧି ଯୋଗୁଁ ଅଘଟଣରୁ ବର୍ତ୍ତି ଯାଇଛି ।

ବୁଧବାର ଭୁବନେଶ୍ୱରରୁ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରୁଥିଲା 22811 ତେଜସ ରାଜଧାନୀ ଏକ୍ସପ୍ରେସ । ବାଲେଶ୍ୱର ଜିଲ୍ଲା ବସ୍ତା ରେଳ ଷ୍ଟେସନ ଦକ୍ଷିଣ କେବିନ ନିକଟରେ ତେଜସ ଏକ୍ସପ୍ରେସ ଉପରେ ଏକ ନଡ଼ିଆ ବାହୁଙ୍ଗା ପଡ଼ିଯିବାରୁ ସେଥିରୁ ନିଆଁ ଲାଗି ଯାଇଥିଲା। ପାଇଲଟଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡିଛି । ପ୍ରବଳ ବର୍ଷା ପବନ ଯୋଗୁଁ ଟ୍ରେନ ଲାଇନ ଉପରେ ଥିବା ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ତାର ଉପରେ ନଡ଼ିଆ ଗଛରୁ ନଡିଆ ବାହୁଙ୍ଗା ପଡିବାରୁ ନିଆଁ ଲାଗିଥିଲା। ତେବେ ଇଞ୍ଜିନରେ ନିଆଁ ଲାଗିବା ଫଳରେ ବସ୍ତା ରେଳ ଷ୍ଟେସନର ଦକ୍ଷିଣ କେବିନ ନିକଟରେ ଟ୍ରେନ ଦୀର୍ଘ ଦେଢ଼ ଘଣ୍ଟା ଅଟକି ଥିବା ଦେଖିବାକୁ ମିଳିଥିଲା । ଜୋର ପବନରେ ରେଳ ଲାଇନ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ଏକ ନଡିଆ ଗଛରୁ ବାହୁଙ୍ଗା ଉଡି ଆସି ଟ୍ରେନ ଇଞ୍ଜିନ ଉପରେ ପଡିଥିଲା । ଫଳରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଟ୍ରେନ ଇଞ୍ଜିନ ଉପରେ ନଡ଼ିଆ ବାହୁଙ୍ଗା ଜଳିବାକୁ ଲାଗିଥିଲା । ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ଟ୍ରେନର ଲୋକ ପାଇଲଟ ଟ୍ରେନକୁ କେବିନ ନିକଟରେ ଅଟକାଇ ଥିଲେ । ନିଆଁରେ ଜଳି ଯାଇଥିବା ନଡ଼ିଆ ବାହୁ ସଫା କରିବା ପରେ ଟ୍ରେନ ଛାଡିଥିଲା । ଟ୍ରେନର ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡିଛି । ତେବେ କାଳବୈଶାଖୀ ନେଇ ବାଲେଶ୍ୱର ଜିଲ୍ଲାକୁ ୱାର୍ଣ୍ଣିଂ ଜାରି କରିଛି ଆଞ୍ଚଳିକ ପାଣିପାଗ ବିଭାଗ । ଏହାର ପ୍ରଭାବରେ ପ୍ରବଳ ଝଡ ବର୍ଷା କାରଣରୁ ନଡିଆ ବାହୁଙ୍ଗି ଉଡି ଟ୍ରେନ ଇଞ୍ଜିନ ଉପରେ ପଡିଥିଲା । ତେବେ ପାଇଲଟଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ବଡ଼ ଅଘଟଣରୁ ବର୍ତ୍ତିଯାଇଛନ୍ତି ଯାତ୍ରୀ ।

## ପୁଣି ସରଣ୍ଡା ଜଙ୍ଗଲରୁ ୧ ଟନ୍ ବିସ୍ଫୋରକ ଜବତ



**ରାଉରକେଲା , ୪।୬ (ସଂଚାର ବ୍ୟୁରୋ) :** ପୁଣି ମିଳିଲା ବିସ୍ଫୋରକ । ସରଣ୍ଡା ଜଙ୍ଗଲରୁ ପ୍ରାୟ ୧ ଟନ୍ ବିସ୍ଫୋରକ ଜବତ । କୁମ୍ବିଂ ଅପରେସନ ବେଳେ ବିସ୍ଫୋରକ ଉଦ୍ଧାର କଲା ସୁରକ୍ଷା ବାହିନୀ । ଗତ ୨୭ ତାରିଖରେ ୪ ଟନ୍ ରୁ ଅଧିକ ବିସ୍ଫୋରକ ଲୁଟ୍ ହୋଇଥିଲା । କେ . ବଲାଙ୍ଗ ବାଙ୍କୋ ଖଣିକୁ ଟ୍ରକରେ ୪ ଟନରୁ ଅଧିକ ବିସ୍ଫୋରକ ଆସୁଥିବାବେଳେ ସନ୍ଦିଗ୍ଧ ମାଓବାଦୀ ଲୁଟି ନେଇଥିଲେ । ଏହି ଘଟଣା ପରେ ଓଡ଼ିଶା, ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ହାଇ ଆଲର୍ଟ ଜାରି ହୋଇଥିଲା ।

## ପିକ୍‌ଅପ୍ ଭ୍ୟାନ୍ ସହ ଜବତ ହେଲା ୧୨ ଲକ୍ଷ ଟଙ୍କାର ଗଞ୍ଜେଇ

**ଦାରିଙ୍ଗବାଡି, ୪।୬ (ସଂଚାର ବ୍ୟୁରୋ) :** କନ୍ଧମାଳ ଜଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ପୋଲିସକୁ ମିଳିଛି ବଡ଼ ସଫଳତା। ମଙ୍ଗଳବାର ବିଳମ୍ବିତ ରାତିରେ ପାଟ୍ରୋଲିଂ କରିବା ସମୟରେ ଗଞ୍ଜେଇ ଭର୍ତ୍ତି ମିନିଟ୍ରକକୁ ପୋଲିସ ଧରିଛି। ଘଟଣାସ୍ଥଳରୁ ପୋଲିସକୁ ଦେଖି ଚାଳକ ଚମ୍ପଟ ମାରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୧୨ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ପ୍ରକାଶ ଯେ, ଉକ୍ତ ଥାନାର ସବଇନ୍ସପେକ୍ଟର ଅମରେନ୍ଦ୍ର ସୁବୁଦ୍ଧି ସଦଳବଳେ ରାତ୍ରିକାଳୀନ ପାଟ୍ରୋଲିଂରେ ବାହାରିଥିଲେ। ଉକ୍ତ ଥାନାର କୁମ୍ଭାରୀଗାଁ ପଞ୍ଚାୟତ ବିରତରପା ଘାଟିରେ ସନ୍ଦେହଜନକ ଲାଗିବାରୁ ଏକ ମିନିଟ୍ରକକୁ ଅଟକାଇଥିଲେ। ତେବେ ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିବାରୁ ପୋଲିସକୁ ସନ୍ଦେହ ଲାଗିଥିଲା। ଗାଡିକୁ ଯାଞ୍ଚ କରିବା ବେଳେ ଗଞ୍ଜେଇ ଭର୍ତ୍ତି ବସ୍ତା ଦେଖିବାକୁ ମିଳିଥିଲା। ତୁରନ୍ତ ଉକ୍ତ ମିନିଟ୍ରକକୁ ଥାନାକୁ ଆଣି ଗଞ୍ଜେଇକୁ ଓଜନ କରାଯାଇଥିଲା। ପରେ ଏହାର ଓଜନ ମୋଟ ୧୨ ଶହ ୪୦ କେଜି ବୋଲି ପୋଲିସ ଜାଣିବାକୁ ପାଇଥିଲା। ତେବେ ଏନେଇ ପୋଲିସ ପକ୍ଷରୁ ଏନ୍‌ଡିପିଏସ୍ ଆକ୍ଟରେ ମାମଲା(୬୦/୨୫) ରୁଜୁ କରାଯାଇଛି। ଗାଡି ଚାଳକଙ୍କ ସହ ଏଥିରେ ସମ୍ପୃକ୍ତ ଅଭିଯୁକ୍ତକୁ ଧରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

## ଲାଞ୍ଚ ନେଇ ଧରାପଡ଼ିଲେ ମହିଳା ଏଏସ୍‌ଆଇ



**ବ୍ରହ୍ମପୁର, ୪।୬ (ସଂଚାର ବ୍ୟୁରୋ) :** ବିଭିନ୍ନ କାରଣକୁ ନେଇ ପୋଲିସ ପୋଷାକ ଖାକିରେ ଦାଗ ଲାଗୁଛି। ପୋଲିସ ଜନସାଧାରଣଙ୍କୁ ସେବା ଯୋଗାଇବା ବଦଳରେ ତାଙ୍କ ଠାରୁ ଲାଞ୍ଚ ଗ୍ରହଣ କରୁଛନ୍ତି। ବୁଧବାର ଏମିତି ଏକ ଘଟଣାରେ ଜଣେ ମହିଳା ଥାନାର ମହିଳା ଏଏସଆଇ ୧୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇପଡ଼ିଛନ୍ତି। ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ ହୋଇଥିବା ବେଳେ ତାଙ୍କୁ ଗିରଫ କରାଯାଇଛି ବୋଲି ଭିଜିଲାନ୍ସ ଏସ୍‌ପି ପ୍ରଦୀପ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଟିମ୍ ମହିଳା ଥାନାରୁ ପୋଲିସ ଅଧିକାରୀ ବବିତା ସୁନାଙ୍କ ସମସ୍ତ କାଗଜପତ୍ର ଜବତ କରିଛି। ଏକ ମାମଲା ରଫାଦଫା ପାଇଁ ଉକ୍ତ ପୋଲିସ ଏଏସ୍‌ଆଇ ଜଣଙ୍କ ଟଙ୍କା ଲାଞ୍ଚ ନେଉଥିବା ଜଣାପଡ଼ିଛି। ତାଙ୍କର ବାସଭବନ ସମେତ ଅନେକ ସ୍ଥାନରେ ଟିମ୍ ଚଢ଼ାଉ କରିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

## ଡିକି ଭାଙ୍ଗି ଲୁଟିନେଲେ ସାଢ଼େ ୩ ଲକ୍ଷ

**ବରଗଡ଼, ୪।୬ (ସଂଚାର ବ୍ୟୁରୋ) :** ବରଗଡ଼ ଟାଉନ ଥାନା ନିକଟ ଜଣେ ଚାଷୀଙ୍କ ସ୍କୁଟି ଡିକିରୁ ସାଢ଼େ ୩ଲକ୍ଷ ଟଙ୍କା ଦୁର୍ବୃତ୍ତ ଲୁଟି ନେଇ ଯାଇଥିବା ପୋଲିସରେ ଅଭିଯୋଗ ହୋଇଛି। ଭେଡେନ ଥାନା ବୁର୍ଦ୍ଧା ଗ୍ରାମର ଜନୈକ ଚାଷୀ ସଚ୍ଚିଦାନନ୍ଦ ପଣ୍ଡା ବରଗଡ଼ ଷ୍ଟେଟ୍‌ବ୍ୟାଙ୍କରୁ ଧାନ ବିକ୍ରି ଟଙ୍କା ଉଠାଇ ସ୍କୁଟି ଡିକିରେ ରଖିଥିଲେ। ସେ ଗୌରପଡ଼ା ଛକରେ ସ୍କୁଟି ରଖି ଆଖୁ ପଣା ପିଇଥିଲେ। ପରେ ଥାନା ନିକଟ ରାଜୀବ ଗାନ୍ଧି ଛକରେ ଚା' ପିଇଥିଲେ। ଏହାପରେ ସ୍କୁଟି ଡିକିରେ ଆଉ ସେହି ଟଙ୍କା ନ ଥିବା ସେ ଦେଖିବାକୁ ପାଇଥିଲେ। ଏ ନେଇ ଏତଲା ଦେବା ପରେ ପୋଲିସ ତଦନ୍ତ ଚଳାଇଛି।

## ଗଛରେ ଝୁଲିପଡ଼ିଲେ ନବଦମ୍ପତି

**ରାୟଗଡ଼ା, ୪।୬ (ସଂଚାର ବ୍ୟୁରୋ) :** ଗଛରୁ ଝୁଲନ୍ତା ଅବସ୍ଥାରେ ନବଦମ୍ପତିଙ୍କ ମୃତଦେହ ଉଦ୍ଧାର ହୋଇଛି। ରାୟଗଡ଼ା ଜିଲା ଅଣ୍ଡିରାକଞ୍ଚ ଥାନା ଅନ୍ତର୍ଗତ ପାଇକକୁପାଖାଲ ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମୃତ୍ୟୁର କାରଣ ଏଯାଏ ସ୍ପଷ୍ଟ ହୋଇନଥିବା ବେଳେ ଅଣ୍ଡିରାକଞ୍ଚ ଥାନା ପୋଲିସ ଦୁଇ ମୃତଦେହକୁ ଉଦ୍ଧାର କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଦେଢ଼ ମାସ ତଳେ ଉଭୟେ ପ୍ରେମ ବିବାହ କରିଥିଲେ। ମୃତକ ହେଲେ ଅଭି ଝୋଡ଼ିଆ ଓ ସ୍ତ୍ରୀ ଅମିତା ଝୋଡ଼ିଆ, ପୋଲିସର ତଦନ୍ତ ଜାରି। ଘଟଣାରୁ ପ୍ରକାଶ ଯେ, ଗତ ଦେଢ଼ ମାସ ତଳେ ଉକ୍ତ ଗ୍ରାମର କାମଦେବ ଝୋଡିଆଙ୍କ ପୁଅ ଅଭି ଝୋଡ଼ିଆ ଓ ଶୁଆଧର ଝୋଡ଼ିଆଙ୍କ ଝିଅ ଅମିତା ଝୋଡ଼ିଆ ଉଭୟ ପରିବାରର ସହମତିରେ ପ୍ରେମ ବିବାହ କରିଥିଲେ। ତେବେ କେଉଁ କାରଣ ଯୋଗୁ ଉଭୟଙ୍କୁ ଆଜି ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର କରାଯାଇଛି ତାହା ଜଣାପଡ଼ିନାହିଁ। ତେବେ ମୃତ୍ୟୁ ପଛରେ କେହି ଦାୟୀ ନୁହନ୍ତି ବୋଲି ଉଭୟଙ୍କ ପରିବାର ପୋଲିସକୁ ଲିଖିତ ଆକାରରେ ଅବଗତ କରାଇଛନ୍ତି। ତେବେ ପୂର୍ବରୁ ହିଁ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଥିବା। ତେଣୁ ସେମାନେ ଆତ୍ମହତ୍ୟା କରିଥିବା ନେଇ ପୋଲିସ ଆଶଙ୍କା କରୁଛି।

## ଟ୍ରେନରେ କଟିଗଲା ବିଦ୍ୟୁତ୍ କର୍ମଚାରୀଙ୍କ ଗୋଡ

**ପାରାଦୀପ, ୪।୬ (ସଂଚାର ବ୍ୟୁରୋ) :** ଟ୍ରେନରେ କଟିଗଲା ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଦୁଇଟି ଗୋଡ। ବିଳମ୍ବିତ ରାତିରେ ପାରାଦ୍ୱୀପ ଭୁତୁମୁଣ୍ଡାଇ ବରେଇ ନିକଟରେ ଘଟିଛି ଏପରି ଘଟଣା । ଗୁରୁତର ଯୁବକ ହେଲେ କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ଥାନା ବଡପାଳ ଗ୍ରାମର ସନ୍ତୋଷ ଜେନା । ତେବେ ଟ୍ରେନରେ ଗୋଡ଼ କଟିଯିବ ପରେ ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଉଦ୍ଧାର କରିବା ପରେ ତାଙ୍କୁ ପ୍ରଥମେ କୁଜଙ୍ଗ ମେଡିକାଲରେ ଭର୍ତ୍ତି କରିଥିଲେ । ପରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ କଟକକୁ ସ୍ଥାନାନ୍ତର କରାଯାଇଛି। ତେବେ ସନ୍ତୋଷ କେଉଁ କାରଣ ପାଇଁ ଟ୍ରେନ୍ ଲାଇନ୍ କୁ ଯାଇଥିଲେ ଏବଂ ଟ୍ରେନ୍ ଆଗକୁ କିପରି ଆସିଲେ ତାହା ସ୍ପଷ୍ଟ ହୋଇନାହିଁ । ସନ୍ତୋଷ ଟାଟା ବିଦ୍ୟୁତ୍ ବିଭାଗର ଲାଇନ୍ ମ୍ୟାନ ଭାବେ କାର୍ଯ୍ୟ କରୁଥିବା ସୂଚନା ମିଳିଛି ।

## ପାରାଦ୍ୱୀପ ଆଇସ୍ ଫ୍ୟାକ୍ଟ୍ରିରୁ ଆମୋନିଆ ଗ୍ୟାସ ଲିକ୍, ୪ ଅସୁସ୍ଥ

**ପାରାଦ୍ୱୀପ, ୪।୬ (ସଂଚାର ବ୍ୟୁରୋ) :** ଆମୋନିଆ ଗ୍ୟାସ ଲିକ୍ ହୋଇ ୪ ଅସୁସ୍ଥ । ପାରାଦ୍ୱୀପ ଗଡ଼ ଇଣ୍ଡଷ୍ଟ୍ରିଆଲ ଏରିଆରେ ଘଟିଛି ଘଟଣା । ପାରାଦୀପ ଆଇସ୍ ଫ୍ୟାକ୍ଟ୍ରି ରୁ ଆମୋନିଆ ଗ୍ୟାସ ଲିକ୍ ହୋଇଥିଲା । ସ୍ଥାନୀୟ ଅଞ୍ଚଳରେ ଆମୋନିଆ ଗ୍ୟାସ ପ୍ରଭାବରେ ୪ ଜଣ ଅସୁସ୍ଥ ହୋଇଛନ୍ତି । କମ୍ପାନୀର ହୋଷ୍ଟ ପାଇପ ଫାଟିବାରୁ ଆମୋନିଆ ଗ୍ୟାସ ଲିକ ହୋଇଥିଲା । ଗ୍ୟାସ ପ୍ରଭାବରେ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ଆଖି ଓ ନାକ ପୋଡୁଥିବା ସୂଚନା ମିଳିଛି ।

# ନୂଆ ଅବକାରୀ ନୀତି ପାଇଁ ଗୁଜରାଟ ମଡେଲ ଗ୍ରହଣ କର



**ଭୁବନେଶ୍ୱର,୪।୬:** ନୂଆ ଅବକାରୀ ନୀତି ପ୍ରଣୟନ ପାଇଁ ଓଡିଶା ସରକାର ଗୁଜରାଟ ଓ ବିହାର ମଡେଲକୁ ଅନୁସରଣ କରିବାଲାଗି ଓଡିଶା ମଦମୁକ୍ତି ଅଭିଯାନ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ରାଜ୍ୟର ବିଭିନ୍ନ ଯୋଜନାରେ ଗୁଜରାଟ ମଡେଲକୁ ଅନୁସରଣ କରାଯାଉଥିବାବେଳେ ସମ୍ପୂର୍ଣ୍ଣ ନିଶା ନିବାରଣ ପାଇଁ ମଧ୍ୟ ଏହି ରାଜ୍ୟର ବ୍ୟବସ୍ଥାକୁ ଓଡିଶା ସରକାର ଆପଣେଇବା ଆବଶ୍ୟକ।

ଉଭୟ ଗୁଜରାଟ ଓ ବିହାରରେ ଏନ୍‌ଡିଏ ସରକାର ରହିଛି । ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବାବେଳେ ପୂର୍ବରୁ ପ୍ରଚଳିତ ନିଶା ନିବାରଣ ବ୍ୟବସ୍ଥାକୁ ମଧ୍ୟ କଡାକଡି ଭାବେ ପାଳନ କରାଇଥିଲେ । ନୀତୀଶ କୁମାର ଏନଡିଏର ସହଯୋଗୀ ଭାବେ ବିହାରରେ ନିଶା ନିବାରଣ ଲାଗୁ କରି ବେଶ୍ ଜନପ୍ରିୟତା ହାସଲ କରିଛନ୍ତି। ଉଭୟ ଗୁଜରାଟ ଓ ବିହାରରେ ମହିଳାଙ୍କ ଭୋଟ ବିଜେପି ନେତୃତ୍ୱାଧିନ ଏନ୍‌ଡିଏ ସପକ୍ଷରେ ଯିବାର ପ୍ରମୁଖ କାରଣ ହେଉଛି ନିଶା ନିବାରଣ । ଓଡିଶା ସରକାର ତାଙ୍କର ବିଭିନ୍ନ ପ୍ରଚାର ସାମଗ୍ରୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫଟୋ ବ୍ୟବହାର କରୁଛନ୍ତି । ଏହାଛଡା ବିଜେପି ନେତାମାନେ ଶ୍ରୀ ମୋଦିଙ୍କୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଭାବେ ସମ୍ବୋଧନ କରନ୍ତି। ଏ ପରିପ୍ରେକ୍ଷୀରେ ଓଡିଶାର ବିଜେପି ସରକାର ତାହାର ପ୍ରଥମବର୍ଷ ପୂର୍ତ୍ତି ଅବସରରେ ଗୁଜରାଟ ମଡେଲକୁ ଆପଣେଇ ଏଠାରେ ବି ସମ୍ପୂର୍ଣ୍ଣ ନିଶା ନିବାରଣ ସହିତ ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ପ୍ରଣୟନ କରାଯାଇଥିବା ଓଡିଶା ନିଶା ନିବାରଣ ଆଇନ୍‌କୁ କଡାକଡି ଭାବେ ସଂଶୋଧନ ସହ ଲାଗୁ କରିବାକୁ ଓଡିଶା ମଦବୁକ୍ତି ଅଭିଯାନ ଦାବି କରିଛି ।

ଅଭିଯାନର ଅନ୍ୟତମ ଉପଦେଷ୍ଟା ପ୍ରହଲାଦ କୁମାର ସିଂହ କହିଛନ୍ତି ଯେ ଗତ ସାଧାରଣ ନିର୍ବାଚନବେଳେ ଓଡିଶା ଶାଖା ବିଜେପି ଯେଉଁ ସଙ୍କଳ୍ପପତ୍ର ଜାରି କରିଥିଲା ସେଥିରେ ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସମ୍ବିଧାନର ୪୭ ଧାରାର ଘୋଷଣା ମୁତାବକ ଓଡିଶାକୁ ନିଶାମୁକ୍ତ କରିବାପାଇଁ ପ୍ରତିଶ୍ରୁତି ଦେଇଥିଲା । ଅବଶ୍ୟ ଶାସନ କ୍ଷମତାକୁ ଆସିବାର ବର୍ଷକ ଭିତରେ ଚୋରା ନିଶା ବିରୁଦ୍ଧରେ ଧରପଗଡ ଅଭିଯାନ ଜୋରଦାର ହୋଇଥିଲେ ମଧ୍ୟ ମଦ, ଗଞ୍ଜେଇ, ବ୍ରାଉନସୁଗାର ସମେତ ଅନ୍ୟାନ୍ୟ ନିଶା ସାମଗ୍ରୀର ପ୍ରସାରଣ ବଢିଛି ।

କେବଳ ସେତିକି ନୁହେଁ ବିଜେଡି ସରକାର ସମୟରେ ଓଡିଶାର ଅବକାରୀ ରାଜସ୍ୱ ପରିମାଣ ୨୦୨୩-୨୪ ବର୍ଷରେ ଯାହା ଥିଲା ୨୦୨୫-୨୬ର ବଜେଟ୍ ଅଟକଳ ମୁତାବକ ତାହା ପ୍ରାୟ ୩୫ ପ୍ରତିଶତ ବୃଦ୍ଧି ପାଇବାକୁ ଯାଉଛି । ଓଡିଶାର ୩୦ଟି ଯାକ ଜିଲ୍ଲାରେ ନରେନ୍ଦ୍ର ମୋଦିଙ୍କ କେନ୍ଦ୍ର ସରକାର ନିଶାମୁକ୍ତ ଭାରତ ଅଭିଯାନ ପାଇଁ ପ୍ରଚୁର ଅର୍ଥ ରାଜ୍ୟ ସରକାରଙ୍କ ମାଧ୍ୟମରେ ଖର୍ଚ୍ଚ କରୁଛନ୍ତି। ନିଶାର ପ୍ରସାର ଯୋଗୁଁ ଯୁବ ଓ ଛାତ୍ର ସମାଜ ପଥଚ୍ୟୁତ ହେଉଥିବାବେଳେ ନାରୀ ଓ ଶିଶୁ ଓ ନିର୍ଯାତନା ବଢୁଛି । ବିଭିନ୍ନ ସାମାଜିକ ସୁରକ୍ଷା, ବିକାଶ ଓ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଯେତେ ଅର୍ଥ ବ୍ୟୟ ହେଉଛି ନିଶା ଯୋଗୁଁ ତାହାର ସେତେ ସୁଫଳ ମିଳିପାରୁ ନାହିଁ। ଏ ପରିପ୍ରେକ୍ଷୀରେ ବିଗିଡା ବ୍ୟବସ୍ଥାକୁ ସଜାଡିବାପାଇଁ ଓଡିଶା ସରକାର ଚୋରା ନିଶା କାରବାର ବିରୁଦ୍ଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ମଦମୁକ୍ତି ଅଭିଯାନ ପ୍ରସ୍ତାବ ଦେଇଛି । (ତଥ୍ୟ)

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ର ବନିପାରେ ଭାରତ: ରାଜନ

**ନୂଆଦିଲ୍ଲୀ,୪।୬:** ଚଳିତବର୍ଷ ଶେଷ ସୁଦ୍ଧା ଭାରତ ବିଶ୍ୱର ଚତୁର୍ଥ ବୃହତ ଜିଡିପି ଦେଶ ହେବ ବୋଲି ଆଶା କରାଯାଉଛି। ଏପଟେ ନୀତି ଆୟୋଗ ପକ୍ଷରୁ କୁହାଯାଇଛି ଯେ ଭାରତ ଏବେ ଜିଡିପି ଅନୁସାରେ ବିଶ୍ୱର ଚତୁର୍ଥ ବୃହତ୍ତମ ଦେଶ ହୋଇସାରିଛି। ମାତ୍ର ଆଇଏମ୍ଏଫ୍ ବିଶ୍ୱାସ କରେ ଯେ ଏହି ବର୍ଷ ଶେଷ ସୁଦ୍ଧା ଭାରତ ୪ ଟ୍ରିଲିୟନ ଜିଡିପି ବିଶିଷ୍ଟ ଦେଶ ହୋଇଯିବ।



ଏହି ସମୟରେ, ଏହା ମଧ ଆକଳନ କରାଯାଇଛି ଯେ ୨୦୨୭ ସୁଦ୍ଧା ଭାରତ ଦ୍ରୁତ ଅଭିବୃଦ୍ଧି ହାର ହାସଲ କରିବ ଏବଂ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ଜର୍ମାନୀକୁ ପଛରେ ପକାଇ ଦେବ। କେବଳ ସେତିକି ନୁହେଁ, ୨୦୪୭ ମସିହା ସୁଦ୍ଧା ଏକ ବିକଶିତ ଦେଶରେ ପରିଣତ ହେବ। କିନ୍ତୁ ପ୍ରସିଦ୍ଧ ଅର୍ଥନୀତିଜ୍ଞ ଏବଂ ପୂର୍ବତନ ଆର୍‌ବିଆଇ ଗଭର୍ଣ୍ଣର ରଘୁରାମ ରାଜନ ଏହି ପ୍ରସଙ୍ଗରେ ଭିନ୍ନ ମତ ରଖିଛନ୍ତି। ସେ କୁହନ୍ତି ଯେ ଯଦି ଭାରତକୁ ବିକଶିତ ହେବାକୁ ପଡ଼ିବ, ତେବେ ଅଭିବୃଦ୍ଧି ହାର ୮.୫ କିମ୍ବା ୯ ପ୍ରତିଶତ ହାରରେ ବୃଦ୍ଧି ପାଇବାକୁ ପଡ଼ିବ, କାରଣ ଆମେ ଏବେ ବି ଏକ ତୁଳନାତ୍ମକ ଭାବରେ ଗରିବ ଦେଶ। ଏକ ଘରୋଇ ଟେଲିଭିଜନ ନ୍ୟୁଜ୍ ଚ୍ୟାନେଲର ଏକ କାର୍ଯ୍ୟକ୍ରମରେ ରଘୁରାମ ରାଜନଙ୍କ ଏହି ବକ୍ତବ୍ୟ ଏପରି ଏକ ସମୟରେ ଆସିଛି ଯେତେବେଳେ ବିଶ୍ୱ ଅନିଶ୍ଚିତତା ସତ୍ତ୍ୱେ, ଭାରତର ଜିଡିପି ଦୃଢ଼ ଭାବରେ ଠିଆ ହୋଇଛି। ରଘୁରାମ ରାଜନଙ୍କ ଅନୁଯାଇ ଭାରତର ବର୍ତ୍ତମାନର ୬.୫ ପ୍ରତିଶତ ଅଭିବୃଦ୍ଧି ହାର ବିଶ୍ୱ ଅର୍ଥନୀତିରେ ଏକ ପ୍ରଭାବଶାଳୀ ଅଭିବୃଦ୍ଧି। ତାର କାରଣ ସରକାର ନିର୍ବାଚନ ସମୟରେ ବହୁଖର୍ଚ୍ଚ ହ୍ରାସ କରିଥିଲେ।

# ଜୁଲାଇରେ ଆମେରିକା ସହ ରାଜିନାମା

ନୂଆଦିଲ୍ଲୀ, ୪।୬: ଭାରତ ଓ ଆମେରିକା ମଧ୍ୟ ଜୁଲାଇରେ ବାଣିଜ୍ୟ ରାଜିନାମା ସ୍ୱାକ୍ଷର ହେବାର ସମ୍ଭାବନା ରହିଛି। ଆମେରିକାର ବାଣିଜ୍ୟ ମନ୍ତ୍ରୀ ହୋଵାର୍ଟ ଲୁଟ୍‌ନିକ୍ କହିଛନ୍ତି ଯେ ବୁଝାମଣା ଲାଗି ଦୁଇ ଦେଶ ବାଟ ଖୋଜିସାରିଛନ୍ତି। ଆମେ ରାଜିନାମାର ଅତି ନିକଟତର ରହିଛୁ। ଏହି ବୁଝାମଣା ଉଭୟ ଦେଶ ଲାଗି ଲାଭଦାୟକ ହେବ ବୋଲି ସେ କହିଛନ୍ତି। ଭାରତ-ଆମେରିକା ଷ୍ଟ୍ରାଟେଜିକ୍ ପାର୍ଟନରସିପ୍ ଫୋରମ୍‌କୁ ସମ୍ବୋଧିକ କରିବା ବେଳେ ଲୁଟ୍‌ନିକ୍ ଏହା କହିଛନ୍ତି। ସେ କହିଛନ୍ତି ଯେ ଦୁଇ ଦେଶର ଠିକ୍ ଲୋକ କଥାବାର୍ତ୍ତା ଲାଗି ବସିଲେ ବୁଝାମଣା ପାଇଁ ଅଧିକ ସମୟ ଲାଗିବ ନାହିଁ। ଜୁଲାଇ ୮ ସୁଦ୍ଧା ଏକ ଅନ୍ତରୀଣ ବୁଝାମଣା ସ୍ୱାକ୍ଷର ହେବାର ସମ୍ଭାବନା ରହିଛି ବୋଲି କୁହାଯାଇଛି। ଗତକାଲି ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ କହିଥିଲେ ଯେ ଦୁଇ ଦେଶ ପରସ୍ପର ସହ କାରବାରକୁ ପ୍ରାଥମିକତା ଦେଉଛନ୍ତି ଏବଂ ଉଭୟ ପକ୍ଷର ପ୍ରତିନିଧି ଦଳ ଲଗାତାର ଭାବେ କଥାବାର୍ତ୍ତା କରୁଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୨୬ ପ୍ରତିଶତ ପାଲଟା ଶୁଳ୍କ ଲଗାଇଛନ୍ତି। ସେହି ଶୁଳ୍କକୁ ୯୦ ଦିନ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିବା ବେଳେ ଦୁଇ ଦେଶ ବାଣିଜ୍ୟ ବୁଝାମଣା ଲାଗି କଥାବାର୍ତ୍ତା କରୁଛନ୍ତି। ଆମେରିକା ସେଥିରେ ଲାଭଜନକ ସ୍ଥିତିରେ ରହିବା ଲାଗି ଜୋରଦାର ଉଦ୍ୟମ କରୁଥିବା ସହ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ବିଭିନ୍ନ ପ୍ରକାରରେ ଚାପ ପକାଇବାକୁ ଉଦ୍ୟମ କରୁଛନ୍ତି। ଏଭଳି ପରିସ୍ଥିତିରେ ନିଜ ସ୍ୱାର୍ଥକୁ ସୁରକ୍ଷିତ ରଖିବା ଏବଂ ଆମେରିକା ସହ ସନ୍ତୁଳନ ରକ୍ଷା କରି ଏକ ଭଲ ବୁଝାମଣା ହାସଲ କରିବା ଆହ୍ୱାନର ବିଷୟ ପାଲଟିଛି। ଗତ ଏପ୍ରିଲ୍ ୨ ଶୁଳ୍କ ଲଗାଇବା ବେଳେ ଟ୍ରମ୍ପ କହିଥିଲେ ଯେ ଏହି ପଦକ୍ଷେପ ଆମେରିକା ଅର୍ଥନୀତିକୁ ସୁଦୃଢ଼ କରିବ। ଆମେରିକାକୁ ଅଧିକ ଜିନିଷ ବିକୁଥିବା ଓ କମ୍ କିଣୁଥିବା ଦେଶଗୁଡ଼ିକୁ ତାହା ବୁଦ୍ଧି ଶିଖାଇବ। କିଛି ଦିନ ତଳେ ଟ୍ରମ୍ପ କହିଥିଲେ ଯେ ଭାରତ ସହିତ ବାଣିଜ୍ୟ ରାଜିନାମା ଏକପ୍ରକାର ଚୂଡ଼ାନ୍ତ ହୋଇଯାଇଛି। ଗତ ଏପ୍ରିଲ୍‌ରେ ଆମେରିକା ଉପରାଷ୍ଟ୍ରପତି ଜେ ଡି ଭାନ୍ସ ଭାରତ ଗସ୍ତରେ ଆସିଥିଲେ। ରାଷ୍ଟ୍ରପତି ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲକ୍ଷ୍ୟକୁ ସାକାର କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଚୂଡ଼ାନ୍ତ ବୁଝାମଣା ଲାଗି ତାହା ଏକ ରୋଡ୍‌ମ୍ୟାପ୍ ପ୍ରଦାନ କରିବ ବୋଲି ସେ କହିଛନ୍ତି।



# ଏଟିଏମ୍‌ରୁ ବାହାରିବ ଛୋଟ ନୋଟ୍
## ୧୦୦, ୨୦୦ ଟଙ୍କିଆ ରଖିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୪।୬: ଏଟିଏମ୍‌ରୁ ଟଙ୍କା ଉଠାଉଥିବା ଲୋକମାନେ ଅଧିକାଂଶ ସମୟରେ ଛୋଟ ନୋଟ୍ ପାଉ ନ ଥିବାରୁ ନିରାଶ ହେଉଛନ୍ତି। କୌଣସି ଜରୁରୀ କାମରେ ଟଙ୍କା ଉଠାଇବା ବେଳେ କେବଳ ୫୦୦ ଟଙ୍କିଆ ବାହାରୁଛି। ସେହି ନୋଟ୍‌କୁ ନେଇ କିଛି କିଣିବା ବେଳେ ବ୍ୟବସାୟୀମାନେ ଛୋଟ ନୋଟ୍ ମାଗୁଛନ୍ତି। ଲୋକମାନେ ସାମ୍ନା କରୁଥିବା ସେହି ସମସ୍ୟା ଖୁବ୍‌ଶୀଘ୍ର ଦୂର ହେବାକୁ ଯାଉଛି। ଏଟିଏମ୍‌ରୁ ଯେଭଳି ନିୟମିତ ୧୦୦ ଓ ୨୦୦ ଟଙ୍କିଆ ନୋଟ୍ ବାହାରିବ, ସେଥିପାଇଁ ବ୍ୟବସ୍ଥା କରିବାକୁ ସମସ୍ତ ବ୍ୟାଙ୍କ ଓ ଏଟିଏମ୍ ପରିଚାଳନା କରୁଥିବା ସଂସ୍ଥାଗୁଡ଼ିକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶ ଦେଇଛନ୍ତି। ସାଧାରଣତଃ ଗୋଟିଏ ଏଟିଏମ୍‌ରେ ଚାରିଟି କ୍ୟାସେଟ୍‌ରେ ନୋଟ୍ ରଖାଯାଇଥାଏ। ସେଥିରୁ ଅତିକମ୍‌ରେ ଗୋଟିଏ କ୍ୟାସେଟ୍‌ରେ ୧୦୦ ଓ ୨୦୦ ଟଙ୍କିଆ ନୋଟ୍ ରଖିବାକୁ ଏଟିଏମ୍ ଅପରେଟରମାନଙ୍କୁ କୁହାଯାଇଛି। ଦେଶରେ ବ୍ୟାଙ୍କଗୁଡ଼ିକ ଅଧୀନରେ ୨.୨୦ ଲକ୍ଷରୁ ଅଧିକ ଏଟିଏମ୍ ରହିଛି। ଏହା ବ୍ୟତୀତ ଘରୋଇ ସଂସ୍ଥା ୩୬ ହଜାର ହ୍ୱାଇଟ୍ ଲାବେଲ୍ ଏଟିଏମ୍ ପରିଚାଳନା କରୁଛନ୍ତି। ଦେଶରେ ଅନେକ ମାଇକ୍ରୋ ଏଟିଏମ୍ ମଧ୍ୟ ରହିଛି। ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ଅତିକମ୍‌ରେ ୭୫ ପ୍ରତିଶତ ଏଟିଏମ୍ ଓ ଆସନ୍ତା ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ୯୦ ପ୍ରତିଶତ ଏଟିଏମ୍‌ରେ ଗୋଟିଏ କ୍ୟାସେଟ୍‌ରେ ୧୦୦ ଓ ୨୦୦ ଟଙ୍କିଆ ନୋଟ୍ ରଖିବାକୁ ବ୍ୟାଙ୍କ ଓ ଏଟିଏମ୍ ଅପରେଟରମାନଙ୍କୁ କୁହାଯାଇଛି।



ତେବେ ଛୋଟ ନୋଟ୍ ରଖିବା ଲାଗି ଏଟିଏମ୍‌ଗୁଡ଼ିକୁ ପ୍ରସ୍ତୁତ କରିବାରେ ବଡ଼ ଆହ୍ୱାନ ରହିଛି। କ୍ୟାସେଟ୍‌ଗୁଡ଼ିକର ଆକାର ବଦଳାଇବା ସହ ସେହି ଅନୁସାରେ ମେସିନ୍‌ରେ ପରିବର୍ତ୍ତନ କରିବାକୁ ପଡ଼ିବ। ଛୋଟ ନୋଟ୍ ଶୀଘ୍ର ଶେଷ ହୋଇଥିଲେ, ତାହାକୁ ବାରମ୍ବାର ଭର୍ତ୍ତି କରିବାକୁ ପଡ଼ିବ, ଯାହା ଏଟିଏମ୍ ପରିଚାଳନା କରୁଥିବା ସଂସ୍ଥାଗୁଡ଼ିକ ଲାଗି ଏକ ବ୍ୟୟବହୁଳ ବ୍ୟାପାର। ଅନ୍ୟପକ୍ଷରେ ଛୋଟ ନୋଟ୍ ପାଇବା ଆଶାରେ ଯଦି ଲୋକମାନେ ଏଟିଏମ୍‌କୁ ଏକାଧିକ ଥର ବ୍ୟବହାର କରିବେ, ତେବେ ସେମାନଙ୍କ ମାସିକ ମାଗଣା ଉଠାଣ ସୀମା ଶେଷ ହୋଇଯିବ। ପାଖରେ ଛୋଟ ନୋଟ୍ ରହିଲେ ଡିଜିଟାଲ୍ କାରବାର ଲାଗି ମନ ହେବ ନାହିଁ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଟଙ୍କିଆ ନୋଟ୍ ପ୍ରତ୍ୟାହାର କରାଯିବା ସଂପର୍କିତ ଖବରକୁ ସରକାର ଖଣ୍ଡନ କରିଛନ୍ତି। ୨୦୨୬ ମାର୍ଚ୍ଚ ସୁଦ୍ଧା ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ୫୦୦ ଟଙ୍କିଆ ନୋଟ୍ ପ୍ରଚଳନରୁ ପ୍ରତ୍ୟାହାର କରି ନିଆଯିବ ବୋଲି କ୍ୟାପିଟାଲ ଟିଭି ନାମକ ଏକ ୟୁଟ୍ୟୁବ୍ ଚାନେଲ୍‌ରେ ସମ୍ବାଦ ପ୍ରସାର କରାଯାଇଥିଲା। ଏପରିକି ୫୦୦ ଟଙ୍କିଆ ନୋଟ୍‌ର ଛପା ବନ୍ଦ କରି ଦିଆଯାଇଛି ବୋଲି ଦାବି କରାଯାଇଥିଲା। ତେବେ ପତ୍ର ସୂଚନା ବ୍ୟୁରୋ (ପିଆଇବି) ପକ୍ଷରୁ କୁହାଯାଇଛି ଯେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏଭଳି କୌଣସି ଘୋଷଣା କରାଯାଇ ନାହିଁ।




# ଏମ୍ଆର୍‌ଏଫ୍ ସେୟାର ସବୁଠୁ ମହଙ୍ଗା ଦାମ୍ ୧,୩୮,୧୦୦ ଟଙ୍କା

**ନୂଆଦିଲ୍ଲୀ, ୪।୬:** ଟାୟାର ନିର୍ମାତା ଏମ୍ଆର୍‌ଏଫ୍‌ର ସେୟାର ଭାରତରେ ସବୁଠୁ ମହଙ୍ଗା ସେୟାରର ମାନ୍ୟତାହାସଲ କରିଛି। ଏହାର ଗୋଟିଏ ସେୟାରର ଦାମ୍ ୧,୩୮,୧୦୦ ଟଙ୍କା ରହିଛି। କିଛି ଦିନ ପୂର୍ବେ କମ୍ପାନି ଏହି ମାନ୍ୟତାକୁ ଏଲ୍‌ସିଡ୍ ଇନଭେଷ୍ଟମେଣ୍ଟ୍‌ସକୁ ହରାଇଥିଲା। ଆଜି ସେହି ମାନ୍ୟତାକୁ ପୁନର୍ବାର ହାସଲ କରିଛି। ଏଲ୍‌ସିଡ୍ ଇନଭେଷ୍ଟମେଣ୍ଟ୍‌ସର ସେୟାର ମୂଲ୍ୟ ୧,୨୯,୩୦୦ ଟଙ୍କା ରହିଛି। ୨୦୨୪ ନଭେମ୍ବରରେ ଏହି କମ୍ପାନିର ସେୟାର ମୂଲ୍ୟ ୩,୩୨,୩୯୯ ଟଙ୍କା ଭଳି ଉଚ୍ଚ ସ୍ତରରେ ପହଞ୍ଚିଛି। ମାତ୍ର ତା'ପରଠାରୁ ସେଥିରେ ୬୦ ପ୍ରତିଶତ ହ୍ରାସ ଘଟିଲାଣି। ଗତ ମାର୍ଚ୍ଚରେ ଏମ୍ଆର୍‌ଏଫ୍ ସେୟାର ମୂଲ୍ୟ ମଧ ୧,୦୨,୧୨୪ ଟଙ୍କାକୁ ହ୍ରାସ ପାଇଥିଲା।




# ହୁଣ୍ଡାଇ ମୋଟର ଇଣ୍ଡିଆର ନୂଆ ଅଭିଯାନ

ଗୁରୁଗ୍ରାମ, ୪।୬: ହୁଣ୍ଡାଇ ମୋଟର ଇଣ୍ଡିଆ ପକ୍ଷରୁ 'ଲିସିନ୍ ଟୁ ୟୋର୍ ଦିଲ୍ ଅର୍ ଦି ଡିଲ୍, ୟୁ ୱିଲ୍ ବ୍ରିଙ୍ଗ୍ ହୋମ୍ ଏ ହୁଣ୍ଡାଇ' ଅଭିଯାନ ଆରମ୍ଭ କରାଯାଇଛି। ଏଥିରେ କମ୍ପାନି ଅଭିନେତା ପଙ୍କଜ ତ୍ରିପାଠୀଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ସାମିଲ କରିଛି। ଏ ସମ୍ପର୍କରେ କମ୍ପାନିର ଭର୍ଟିକାଲ୍ ହେଡ୍ (ମାର୍କେଟିଂ) ବିରାଟ ଖୁଲାର କହିଛନ୍ତି ଯେ ଏହା ହେଉଛି ଏକ ଅଭିଯାନଠାରୁ କିଛି ଅଧିକ। ଉଲ୍ଲେଖନୀୟ ମୂଲ୍ୟ ଓ ମାଲିକାନା ଅନୁଭୂତି ସହ ସାଲିସ ନ କରି ସୁବିଧାସୁଯୋଗରେ ପରିପୂର୍ଣ୍ଣ ଓ ବିଶ୍ୱସନୀୟ ଯାନ ପ୍ରଦାନ କରିବା ଲାଗି କମ୍ପାନିର ରହିଥିବା ଦୀର୍ଘସ୍ଥାୟୀ ପ୍ରତିଶ୍ରୁତିକୁ ଏହା ପାଳନ କରୁଛି। କାର୍ କିଣିବା ଏକ ଲମ୍ବା ଓ ଚିନ୍ତାଶୀଳ ନିଷ୍ପତ୍ତି ହୋଇଥିବାରୁ ଉତ୍ସବ ଋତୁ ପୂର୍ବରୁ କମ୍ପାନି ଏହି ଅଭିଯାନ ଆରମ୍ଭ କରିଛି। ପଙ୍କଜ ତ୍ରିପାଠୀଙ୍କ ସ୍ୱାଭାବିକ ଆକର୍ଷଣ ଓ ବିଶ୍ୱସନୀୟତା ସହିତ ଆମେ ଏକ ଅଭିଯାନ ସୃଷ୍ଟି କରିଛୁ ଯାହା କେବଳ ମନୋରଞ୍ଜନ କରିବ ନାହିଁ, ବରଂ ହୁଣ୍ଡାଇ ଉପରେ ଗ୍ରାହକଙ୍କ ଥିବା ବିଶ୍ୱାସକୁ ସୁଦୃଢ଼ କରିବ। ଗ୍ରାହକଙ୍କ ପ୍ରତିଟି ଯାତ୍ରାରେ ସେମାନଙ୍କ ସହ ରହିବା ପାଇଁ ଆମର ରହିଥିବା ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି ବୋଲି ସେ କହିଛନ୍ତି।

# ଏଣିକି ଟ୍ରେନ୍‌ର ସ୍ଲିପର୍ କୋଚ୍‌ରେ ମିଳିବ ତରଳ ହ୍ୟାଣ୍ଡୱାସ୍ ସୁବିଧା

ନୂଆଦିଲ୍ଲୀ, ୪।୬: ଭାରତୀୟ ରେଳ ପକ୍ଷରୁ ସ୍ଲିପର୍ କୋଚ୍‌ରେ ଯାତ୍ରା କରୁଥିବା ଯାତ୍ରୀଙ୍କ ପାଇଁ କିଛି ଗୁରତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଛି। ଏହି କ୍ରମରେ ଏଣିକି ସ୍ଲିପର୍ କୋଚ୍‌ର ଯାତ୍ରୀମାନଙ୍କ ପାଇଁ ତରଳ ହ୍ୟାଣ୍ଡୱାସ୍‌ର ସୁବିଧା ଉପଲବ୍ଧ ହେବ। ରେଳ ମନ୍ତ୍ରାଳୟର ନିଷ୍ପତ୍ତି ପରେ ରେଳ ବୋର୍ଡ ପକ୍ଷରୁ ଦେଶର ସମସ୍ତ ଜୋନ୍‌କୁ ଏହି ଆଦେଶ ଜାରି କରାଯାଇଛି। ସୂଚନାଯୋଗ୍ୟ, ବର୍ତ୍ତମାନ ପ୍ୟାସେଞ୍ଜର ଟ୍ରେନ୍‌ର ଏସି କୋଚ୍ ଶୌଚାଳୟରେ ଯାତ୍ରୀଙ୍କ ପାଇଁ ତରଳ ହ୍ୟାଣ୍ଡୱାସ୍‌ର ବ୍ୟବସ୍ଥା ରହିଛି। ନୂତନ ବ୍ୟବସ୍ଥା ଅନୁସାରେ ଟ୍ରେନ୍‌ରେ ସ୍ୱଚ୍ଛତା କାର୍ଯ୍ୟରେ ନିୟୋଜିତ ଅନ୍‌ବୋର୍ଡ ହାଉସ୍ କିପିଙ୍ଗ ସର୍ଭିସ୍ (ଓବିଏଚ୍‌ଏସ୍) ସ୍ଲିପର୍ କୋଚ୍‌ରେ ବି ଯାତ୍ରୀମାନଙ୍କୁ ଲିକ୍ୱିଡ୍ ହ୍ୟାଣ୍ଡୱାସ୍ ସୁବିଧା ଯୋଗାଇଦେବେ। ଦେଶରେ ପ୍ରତିଦିନ ୧୨ ହଜାରରୁ ଅଧିକ ପ୍ୟାସେଞ୍ଜର ଟ୍ରେନ୍‌ର ୨,୬୪,୦୦୦ ସ୍ଲିପର୍ କୋଚ୍‌ରେ ଏହି ପରିବର୍ତ୍ତନ ଦେଖିବାକୁ ପାଇବେ।



# ଜାପାନ ତୁଳନାରେ ଭାରତରେ ଧନୀ ସଂଖ୍ୟା ୪ ଗୁଣା ହେବ

**ନୂଆଦିଲ୍ଲୀ,୪।୬:** ୨୦୨୮ ସୁଦ୍ଧା ଭାରତରେ ଅତି ଧନୀଙ୍କ ସଂଖ୍ୟା ୫୦% ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ମ୍ୟାକକିନସେ ଆଣ୍ଡ କମ୍ପାନୀର ଏକ ରିପୋର୍ଟ ଅନୁଯାୟୀ ଭାରତରେ ୨୦୨୩ ରୁ ୨୦୨୮ ମଧରେ ଅଲ୍ଟ୍ରା ହାଇ

## ୨୦୨୮ ପର୍ଯ୍ୟନ୍ତ ଅଲ୍‌ଟ୍ରା ରିଚ୍‌ରେ ୫୦% ବୃଦ୍ଧି ଅନୁମାନ

ନେଟ୍ ୱର୍ଥ ଇଣ୍ଡିଭିଜୁଆଲ୍ସଙ୍କ ସଂଖ୍ୟାରେ ଦ୍ରୁତତମ ଅଭିବୃଦ୍ଧି ଘଟିବ। ଏସିଆରେ ଜାପାନରେ ଧନୀ ଲୋକଙ୍କ ସଂଖ୍ୟା ଦ୍ୱିତୀୟ ସର୍ବାଧିକ ରହିଛି। କିନ୍ତୁ ୨୦୨୩-୨୮ ମଧରେ ଏଠାରେ ଧନୀ ଲୋକଙ୍କ ସଂଖ୍ୟା ୧୨% ବୃଦ୍ଧି ପାଇବ। ଏହା ସହିତ, ୨୦୨୫ରେ ଭାରତୀୟ ବିଳାସପୂର୍ଣ୍ଣ ବଜାର ୧୫-୨୦% ହାରରେ ବୃଦ୍ଧି ପାଇବାକୁ ଥିବା ବେଳେ



ଜାପାନରେ ଏହି ଅଭିବୃଦ୍ଧି ହାର ୬-୧୦% ହୋଇପାରେ ବୋଲି ଆକଳନରେ କୁହାଯାଇଛି। ଭାରତରେ ୧୦ ମିଲିଅନ ଡଲାର ଅର୍ଥାତ୍ ପାଖାପାଖି ୮୭ କୋଟିରୁ ଅଧିକ ଟଙ୍କା ଥିବା ଲୋକଙ୍କ ସଂଖ୍ୟା ୮୫,୬୯୮ ରହିଛି। ବିଶ୍ୱର ମୋଟ ଧନୀଙ୍କ ମଧରେ ଏମାନଙ୍କ ସଂଖ୍ୟା ୩.୭ ପ୍ରତିଶତ। ହାଇ ନେଟ୍ ୱର୍ଥ ବ୍ୟକ୍ତି (HNI) ଦୃଷ୍ଟିରୁ, ଭାରତ କେବଳ ଆମେରିକା, ଚୀନ୍ ଏବଂ ଜାପାନ ପଛରେ ରହିଛି। ଆମେରିକା ୯,୦୫,୪୧୩ ଜଣଙ୍କ ସହିତ ତାଲିକାର ଶୀର୍ଷରେ ରହିଥିବା ବେଳେ ୪,୭୧,୬୩୪ ଜଣ ଏଚଏନ୍‌ଆଇଙ୍କ ସହିତ ଚୀନ୍ ଦ୍ୱିତୀୟରେ ଏବଂ ଜାପାନ ୧,୨୨,୧୧୯ ଜଣଙ୍କ ସହ ତୃତୀୟରେ ରହିଛି। ରିପୋର୍ଟ ଅନୁଯାୟୀ, ଗତ ବର୍ଷ ତୁଳନାରେ ୨୦୨୪ ମସିହାରେ ଭାରତରେ କୋଟିପତିଙ୍କ ସଂଖ୍ୟା ୧୨% ବୃଦ୍ଧି ପାଇଛି। ୨୦୨୪ ମସିହାରେ ଭାରତରେ ୧୯୧ ବିଲେନିୟର୍ସ ରହିଛନ୍ତି। ୨୦୨୩ରେ ଏହି ସଂଖ୍ୟା ୧୬୫ ଥିଲା। ଭାରତୀୟ ବିଲେନିୟର୍ସଙ୍କ ମୋଟ ସମ୍ପତ୍ତି ପ୍ରାୟ ୮୨.୬ ଲକ୍ଷ କୋଟି ଟଙ୍କା। ଏହି କ୍ଷେତ୍ରରେ, ଭାରତ ବିଶ୍ୱର ତୃତୀୟ ସ୍ଥାନରେ ଅଛି। ପ୍ରଥମ ସ୍ଥାନରେ ଆମେରିକା ଏବଂ ଦ୍ୱିତୀୟ ସ୍ଥାନରେ ଚୀନ୍। ଆମେରିକାରେ ବିଲେନିୟର୍ସଙ୍କ ମୋଟ ସମ୍ପତ୍ତି ୫.୭ ଟ୍ରିଲିୟନ ଡଲାର ରହିଥିବା ବେଳେ ଚୀନ୍‌ରେ ଏହି ସଂଖ୍ୟା ୧.୩୪ ଟ୍ରିଲିୟନ ଡଲାର ରହିଛି।

୨୦୨୪ ମସିହାରେ ବିଶ୍ୱରେ ଧନୀ ଲୋକଙ୍କ ସଂଖ୍ୟା ୪.୪% ବୃଦ୍ଧି ପାଇ ୨୩,୪୧,୩୭୮ ହୋଇଛି। ୨୦୨୩ ମସିହାରେ ଏହା ୨୨,୪୩,୩୦୦ ଥିଲା। ମହାଦେଶ ବିଷୟରେ ଆଲୋଚନା କଲେ, ଏସିଆରେ ଧନୀ ଲୋକଙ୍କ ସଂଖ୍ୟା ୫% ବୃଦ୍ଧି ପାଇଛି। ଏହାପରେ ଆଫ୍ରିକାରେ ବାର୍ଷିକ ୪.୭%, ଅଷ୍ଟ୍ରେଲିଆରେ ୩.୯% ଏବଂ ୟୁରୋପରେ ୧.୪% ବୃଦ୍ଧି ପାଇଛି।

## ସୁନା ରୂପା ଦର



ଆନ୍ତର୍ଜାତୀୟ ସ୍ତରରେ ସୁନାର ଦର ବୃଦ୍ଧି ପାଉଥିବାରୁ ଏହାର ପ୍ରଭାବ ଭାରତୀୟ ବଜାରରେ ଅନୁଭୂତ ହେଉଛି। ଆଗକୁ ମଧ ଏହି ଦର ଚଢ଼ା ରହିବ ବୋଲି ସ୍ପଷ୍ଟ କରିଛନ୍ତି ଏକ୍ସପର୍ଟ। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୯, ୨୭୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୦ ହଜାର ୯୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୯, ୧୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୦ ହଜାର ୯୦୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୯,୧୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୦, ୯୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୯, ୩୨୦ ଟଙ୍କା ଓ ୨୨ କ୍ୟାରେଟ୍ ୯୧,୦୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୯, ୧୭୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୦, ୯୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୯, ୧୭୦ ଓ ୯୦, ୯୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୨, ୦୦୦ ଟଙ୍କା ହୋଇଛି।

## ପେଟ୍ରୋଲ, ଡିଜେଲ ଦର



ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧.୧୬ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୭୫ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୩୯ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।




# 'ଫ୍ୟାଟି ଲିଭର'ର ପୂର୍ବାଭାସ

ଆମ ଶରୀରର ନିରବ ନାୟକ ଯକୃତ ବା ଲିଭର ପୋଷକୀୟ ସଂରଚନା, ଶରୀର ଗଠନ, ପୁଷ୍ଟିସାର ସଂଶ୍ଳେଷଣ ଓ ବିଷ ହରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ଶରୀର ସୁରକ୍ଷାକାରୀ ଗୁଣ ସତ୍ତ୍ୱେ ଏହା 'ଫ୍ୟାଟି ଲିଭର' ବା 'ଚର୍ବିଳ ଯକୃତ' ଭଳି ରୋଗରେ ଆକ୍ରାନ୍ତ ହୋଇଥାଏ। ଯକୃତ କୋଷରେ ଅତ୍ୟଧିକ ଚର୍ବି ଜମା ହେବା ଦ୍ୱାରା ଏହି ଅବସ୍ଥା ଦେଖାଦିଏ ଏବଂ ପ୍ରଦାହ, ଯନ୍ତ୍ରଣା ଓ ଅନ୍ୟାନ୍ୟ ଦୀର୍ଘକାଳୀନ ସମସ୍ୟା ସୃଷ୍ଟି କରେ। 'ଫ୍ୟାଟି ଲିଭର'ର କିଛି ପ୍ରାକ୍ ଲକ୍ଷଣ ବିଷୟରେ ଜାଣନ୍ତୁ। ଯକୃତ ବିଶେଷଜ୍ଞଙ୍କ କହିବାନୁସାରେ, ତଳିପେଟ ଧୀରେ ଧୀରେ ପୃଥୁଳକାୟ ହେବା 'ଫ୍ୟାଟି ଲିଭର'ର ପୂର୍ବାଭାସ। କ୍ଲାନ୍ତି ଅନୁଭବ ହେବା କି ବ୍ୟସ୍ତବିବ୍ରତ ଲାଗିବା ମଧ ଏହି ରୋଗର ଅନ୍ୟ ଏକ ପ୍ରାକ୍‌ସୂଚନା। ପିଞ୍ଜରାର ଡାହାଣ ପାଖ ତଳେ ଅସ୍ୱସ୍ତି ଅନୁଭବ କରିବା ମଧ ଏକ ପ୍ରମୁଖ ସଂକେତ ହୋଇପାରେ। ସେହିପରି ପ୍ରବଳ ଚୁଟି ଝଡ଼ିବା, ମୁହଁରେ ବ୍ରଣ ଉଠିବା, ବାରମ୍ବାର ଓକାର ଆସିବା ଓ ଭୋକ ନ ଲାଗିବା ବି ଏହାର ଲକ୍ଷଣ ହୋଇପାରେ। ଏଭଳି ଲକ୍ଷଣ ଦେଖିଲେ ଡାକ୍ତରଙ୍କ ସହ ପରାମର୍ଶ କରି ଆବଶ୍ୟକ ଚିକିତ୍ସା ଆରମ୍ଭ କରିବା ଜରୁରି। 'ଫ୍ୟାଟି ଲିଭର'ର ଆଶଙ୍କା ହ୍ରାସ କରିବାର କେତେକ ଉପାୟ ହେଲା- ପ୍ରକ୍ରିୟାକୃତ ଖାଦ୍ୟ ବଦଳରେ ପନିପରିବା, ଫଳମୂଳ ଓ ସ୍ୱାସ୍ଥ୍ୟପ୍ରଦ ଚର୍ବି ଗ୍ରହଣ କରିବା; ମଦ୍ୟପାନ, ପ୍ରକ୍ରିୟାକୃତ ଶର୍କରା ଓ ଚିନି ଆଦି ଗ୍ରହଣକୁ ପାରୁପର୍ଯ୍ୟନ୍ତ କମ୍ କରିବା; ପ୍ରଚୁର ଜଳପାନ କରି ଶରୀରକୁ ସର୍ବଦା ଆର୍ଦ୍ର ରଖିବା। ସର୍ବୋପରି ନିୟମିତ ବ୍ୟାୟାମ ସହ ଶରୀରର ଓଜନ ଉପରେ ନିଘା ରଖିବା ଦରକାର।



# ୩୫ ବର୍ଷ ପରେ ମାତୃତ୍ୱ ଚାହୁଁଥିଲେ...

**ବିଭିନ୍ନ କାରଣରୁ ମହିଳାମାନେ ଏବେ ବିଳମ୍ବରେ ମାଆ ହେବାକୁ ଚାହୁଁଛନ୍ତି। ତେବେ ଜଣେ ୩୦ ବର୍ଷ ପରେ ମହିଳାଙ୍କର ଗର୍ଭଧାରଣ ସମ୍ଭାବନା ସୀମିତ ହୋଇଯାଏ!**

ଆଜିକାଲି ଅଧିକାଂଶ ମହିଳା ବିଳମ୍ବରେ ମାଆ ହେବାକୁ ପସନ୍ଦ କରୁଛନ୍ତି। ଏ ପରିପ୍ରେକ୍ଷୀରେ ବୟସ ବଢ଼ିବା ସହ ପ୍ରଜନନ କ୍ଷମତାରେ ହେଉଥିବା ପରିବର୍ତ୍ତନ ବାବଦରେ ଜାଣିବା ମଧ ଜରୁରି। ଏହା ପ୍ରମାଣିତ ଯେ, ୩୫ ବର୍ଷ ବୟସ ପରେ ସ୍ୱାଭାବିକ ଭାବେ ଗର୍ଭଧାରଣ କରିବା କଷ୍ଟକର। ସାଧାରଣତଃ ବୟସ ବଢ଼ିବା ସହିତ ଜଣେ ମହିଳାଙ୍କର ଗର୍ଭବତୀ ହେବାର ସାମର୍ଥ୍ୟ କମିବାରେ ଲାଗିଥାଏ। କୌଣସିମତେ ଗର୍ଭଧାରଣ କଲେ ବି ସନ୍ତାନ ପ୍ରସବ କଷ୍ଟକର ହେବା ସହ ଉଭୟ ପ୍ରସୂତି ଓ ନବଜାତ ପ୍ରତି ବିପଦର ଆଶଙ୍କା ଥାଏ। ପ୍ରଜନନ ବିଶେଷଜ୍ଞଙ୍କ କହିବା ଅନୁସାରେ, ଜଣେ ୩୦ ବର୍ଷୀୟା ମହିଳାଙ୍କର ଗର୍ଭଧାରଣ ସମ୍ଭାବନା ମାତ୍ର ୨୦%। ୪୦ ବର୍ଷ ବେଳକୁ ତାହା ୫%କୁ ଖସି ଆସିଥାଏ। ସେହିପରି ବୟସ୍କ ମହିଳାମାନଙ୍କର ଡିମ୍ବାଣୁର ପରିମାଣ ଓ ଗୁଣବତ୍ତାରେ ହ୍ରାସ ଘଟିଥାଏ। ତେବେ ଗର୍ଭଧାରଣରେ ଅସୁବିଧା ଭୋଗୁଥିବା ମହିଳାମାନେ ବହୁବିଧ ପ୍ରଜନନ ଚିକିତ୍ସା ବଳରେ ମାତୃତ୍ୱ ଲାଭ କରିପାରିବେ। ସେଭଳି ଏକ ଚିକିତ୍ସା ହେଉଛି ଇନ୍ ଭିର୍ଟୋ ଫର୍ଟିଲାଇଜେସନ (ଆଇଭିଏଫ୍), ଯେଉଁଥିରେ ଆଶାୟୀ ମହିଳାଙ୍କର ସୁସ୍ଥତମ ଡିମ୍ବାଣୁକୁ ବଛାଯାଇ ଗର୍ଭଧାରଣର ସମ୍ଭାବନା ହାର ବଢ଼ାଯାଇଥାଏ। ସେହିପରି ଇଣ୍ଟ୍ରାୟୁଟେରିନ୍ ଇନ୍‌ସେମିନେସନ୍ (ଆଇୟୁଆଇ)ରେ ଶୁକ୍ରାଣୁସମୂହକୁ ସିଧାସଳଖ ଗର୍ଭାଶୟ ଭିତରେ ଛାଡ଼ି ଦିଆଯାଇ ପ୍ରଜନନ ପ୍ରକ୍ରିୟାକୁ ସୁଗମ କରାଯାଇଥାଏ। ଆଉ ଏକ ପ୍ରକ୍ରିୟା ହେଲା ଇଣ୍ଟ୍ରାସାଇଟୋପ୍ଲାଜମିକ୍ ସ୍ପର୍ମ ଇଞ୍ଜେକ୍ସନ (ଇସିଏସ୍‌ଆଇ) ଯହିଁରେ ସୁସ୍ଥ ତଥା ସକ୍ରିୟ ଶୁକ୍ରାଣୁକୁ ଡିମ୍ବାଣୁ ସହିତ ମିଳନ କରାଇ ପ୍ରଜନନ ସମ୍ଭାବନା ବଢ଼ାଯାଇଥାଏ। ସେହିପରି ଅନିୟମିତ ଋତୁସ୍ରାବ ଯୋଗୁଁ ଦୁର୍ବଳ ଡିମ୍ବାଣୁ ବା ଡିମ୍ବାଣୁ ସୃଷ୍ଟିରେ ଅସୁବିଧା ଭୋଗୁଥିବା ମହିଳାମାନେ 'କ୍ଲୋମିଡ୍' ଓ 'ଲେଟ୍ରୋଜୋଲ୍' ପରି ଔଷଧ ବ୍ୟବହାର କରିପାରିବେ। ଅନ୍ୟ ମହିଳାଙ୍କ ଠାରୁ ଡିମ୍ବାଣୁ ଆଣି ପ୍ରଜନନ କ୍ଷମତା ବଢ଼ାଇବା ବି ସମ୍ଭବ। ଅପରପକ୍ଷେ, ବିଳମ୍ବରେ ଗର୍ଭଧାରଣ କରିବାକୁ ଚାହୁଁଥିବା ମହିଳାମାନେ ଆଗୁଆ ଭ୍ରୂଣକୁ ବରଫୀକରଣ ମାଧମରେ ସଂରକ୍ଷିତ କରି ରଖିପାରିବେ। ନିଜ ଗର୍ଭାଶୟରେ ଗର୍ଭଧାରଣ ସମ୍ଭବ ନ ହେଲେ ଜେଷ୍ଟେଶନାଲ୍ ସରୋଗାସି ପ୍ରକ୍ରିୟାରେ ଅନ୍ୟର ଗର୍ଭାଶୟରେ ମଧ ନିଜ ଭ୍ରୂଣକୁ ସ୍ଥାପିତ କରିପାରିବେ। ଯଦିଓ ସନ୍ତୁଳିତ ଆହାର ସାଙ୍ଗକୁ ନିଶା ସେବନଠାରୁ ଦୂରେଇ ରହି ନିୟମିତ ବ୍ୟାୟାମ ସମ୍ବଳିତ ସୁସ୍ଥ ଜୀବନଯାପନ ବଳରେ ଗର୍ଭଧାରଣର ସମ୍ଭାବନା ବଢ଼ିଥାଏ, ତେବେ ଏ ବାବଦରେ ବିଶେଷଜ୍ଞ ଡାକ୍ତରଙ୍କ କୁଶଳୀ ପରାମର୍ଶ ହିଁ ଗର୍ଭଧାରଣର ସଫଳତା ହାର ବଢ଼ାଇପାରିବ।



# ବିକଳ୍ପ ଲୁଣ ବ୍ୟବହାର ପାଇଁ 'ହୁ'ର ପରାମର୍ଶ

ଆମେ ଖାଦ୍ୟରେ ବିଭିନ୍ନ ଉପାୟରେ ଗ୍ରହଣ କରୁଥିବା ସାଧାରଣ ଲୁଣ (ସୋଡିଅମ୍ କ୍ଲୋରାଇଡ୍) ବଦଳରେ ନିମ୍ନ ସୋଡିଅମ୍ ସଂପନ୍ନ ବିକଳ୍ପ ଲୁଣ ବ୍ୟବହାର କଲେ ଆମର ହୃତ୍‌ପିଣ୍ଡ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ('ହୁ') ପକ୍ଷରୁ ପରାମର୍ଶ କରାଯାଇଛି। ଏଥି ସହିତ ଆମର ଦୈନିକ ସୋଡିଅମ୍ ଆହରଣ ୨ ଗ୍ରାମ୍‌ରେ ସୀମିତ ରଖିବାକୁ ମଧ କୁହାଯାଇଛି। କାରଣ ମାତ୍ରାଧିକ ସୋଡିଅମ୍ ଉଚ୍ଚ ରକ୍ତଚାପର କାରଣ ସାଜି ହୃଦ୍‌ରୋଗ ସୃଷ୍ଟି କରିବାର ଆଶଙ୍କା ରହିଛି। ନିମ୍ନ-ସୋଡିଅମ୍‌ଯୁକ୍ତ ବିକଳ୍ପ ଲୁଣରେ ପୋଟାସିଅମ୍ କ୍ଲୋରାଇଡ୍ ରହିଥାଏ, ଯାହା



ହୃଦ୍‌କ୍ରିୟା ପାଇଁ ସହାୟକ ହୋଇଥାଏ। ପୋଟାସିଅମ୍ ଖଣିଜ ରକ୍ତରେ ବିଭିନ୍ନ ପ୍ରକାର ଇଲେକ୍ଟ୍ରୋଲାଇଟ୍ ସ୍ତରରେ ସନ୍ତୁଳନ ଆଣି ହୃତ୍‌ପିଣ୍ଡ କ୍ରିୟାକୁ ସୁଗମ କରିଥାଏ। ଏହା ଅନିୟମିତ ହୃଦ୍‌ସ୍ପନ୍ଦନକୁ ଏଡ଼ାଇବା ସହ ହୃଦ୍‌ଘାତ ଆଶଙ୍କା ମଧ କମାଇଥାଏ। ଅନ୍ୟପକ୍ଷରେ ବୃକ୍‌କ ବା କିଡ୍‌ନି ଶରୀରରୁ ଅଧିକ ପରିମାଣର ସୋଡିଅମ୍‌କୁ ଛାଣି ନିଷ୍କାସନ କରିଥାଏ।ତେଣୁ ଅଧିକ ସୋଡିଅମ୍‌ଯୁକ୍ତ ଲୁଣ ଖାଇବା ଦ୍ୱାରା ବୃକ୍‌କ ଉପରେ ଅଧିକ ଚାପ ପଡ଼ିଥାଏ, ଯଦ୍ଦ୍ୱାରା ବୃକ୍‌କର କ୍ରିୟା ଧିମେଇ ଯିବା ସହ ତାହା ନିଷ୍କ୍ରିୟ ହୋଇଯିବାର ଆଶଙ୍କା ରହିଛି। ତେଣୁ କମ୍ ସୋଡିଅମ୍ ଯୁକ୍ତ ଲୁଣ ଖାଇବା ଦ୍ୱାରା କିଡ୍‌ନି ଉପରୁ ଚାପ କମିଯିବା ସହ କିଡ୍‌ନି ଷ୍ଟୋନ୍ ହେବାର ଆଶଙ୍କା ମଧ କମିଯାଏ।

ସେହିପରି ଅଧିକ ସୋଡିଅମ୍ ଖାଇବା ଦ୍ୱାରା ତାହା ରକ୍ତର ଜଳଧାରଣ କ୍ଷମତା ବଢ଼ାଇ ଦେଇଥାଏ। ଫଳରେ ହାତ, ଗୋଡ଼ ଓ ପାଦ ଆଦି ଫୁଲି ଯାଇଥାଏ। ଅଧିକ ସୋଡିଅମ୍ ଯୋଗୁଁ ରକ୍ତବାହୀ ଶିରାପ୍ରଶିରାଗୁଡ଼ିକ ସଂକୁଚିତ ତଥା ଟାଣ ହୋଇଯାଇଥାଏ, ଯାହା ହୃଦ୍‌ଘାତର ଆଶଙ୍କା ବଢ଼ାଇଥାଏ। ଅଧିକ ସୋଡିଅମ୍ ମଧ କ୍ୟାଲସିଅମ୍ କ୍ଷୟ ଘଟାଇ ଅସ୍ଥିଗୁଡ଼ିକୁ ଦୁର୍ବଳ କରିଦେଇଥାଏ। ଫଳସ୍ୱରୂପ ପରିଣତ ବୟସରେ ଅଳ୍ପ ଚାପ ପଡ଼ିଲେ ବି ହାଡ଼ ଭାଙ୍ଗିଯିବାର ଆଶଙ୍କା ରହିଛି। ସର୍ବୋପରି ପାକସ୍ଥଳୀର ଭିତରପାର୍ଶ୍ୱ ସୋଡିଅମ୍ ଦ୍ୱାରା ପ୍ରଭାବିତ ହୋଇଥାଏ, ଯାହା ଏସିଡ୍ ରିଫ୍ଲକ୍ସ, ଗାଷ୍ଟ୍ରାଇଟିସ ଓ ଅଲ୍‌ସର ପରି ସମସ୍ୟା ସୃଷ୍ଟି କରେ। ମାତ୍ରାଧିକ ସୋଡିଅମ୍ ପାକସ୍ଥଳୀ-କର୍କଟ ଆଶଙ୍କା ମଧ ବଢ଼ାଇଥାଏ। କମ୍ ସୋଡିଅମ୍‌ଯୁକ୍ତ ଲୁଣ ଖାଇଲେ ଏହିସବୁ ସମସ୍ୟାକୁ ଦୂରେଇବା ସମ୍ଭବ।

# ଗୋଡ଼ରେ ରକ୍ତ ଜମାଟ ବାନ୍ଧେ କାହିଁକି ?

ଶରୀରର କୌଣସି ଅଂଶ କଟିଗଲେ ରକ୍ତ ପ୍ରବାହ ବନ୍ଦ କରିବା ଲାଗି ରକ୍ତ ଜମାଟ ବାନ୍ଧିବା ହେଉଛି ଶରୀରର ଏକ ପ୍ରାକୃତିକ ପ୍ରକ୍ରିୟା। ମାତ୍ର ଶରୀରର ଅଭ୍ୟନ୍ତରରେ ରକ୍ତ ଜମାଟ ବାନ୍ଧିବା ହେଉଛି ଏକ ଗୁରୁତର ସ୍ୱାସ୍ଥ୍ୟଗତ ସମସ୍ୟା। ତେବେ ଭେଷଜ ପାଠରେ 'ଥ୍ରମ୍ବୋସିସ୍' ଭାବେ ପରିଚିତ ରକ୍ତ ଜମାଟ ବାନ୍ଧିବା ପରି ଅସ୍ୱାଭାବିକତା ଶରୀରର ଯେ କୌଣସି ସ୍ଥାନରେ ଦେଖାଦେଇପାରେ। ଏହି ରକ୍ତ ଜମାଟ ଶିରାର ଯେକୌଣସି ସ୍ଥାନରେ ସୃଷ୍ଟି ହୋଇ ରକ୍ତ ସଂଚାଳନକୁ ବାଧା ଦେଇପାରେ; ବେଳେବେଳେ ସଂପୂର୍ଣ୍ଣ ବନ୍ଦ କରି ଏହା ମରଣାନ୍ତକ ସ୍ଥିତି ଉପୁଜାଇଥାଏ। ଏହାର ଲକ୍ଷଣ ସ୍ୱରୂପ ହଠାତ୍ କୌଣସି ସ୍ଥାନ ଫୁଲିଯାଏ, ଲାଲ୍ ପଡ଼ିଯାଏ। ବେଳେବେଳେ ଗଭୀର ପ୍ରଶ୍ୱାସ ନେବାବେଳେ ଛାତିରେ ଯନ୍ତ୍ରଣା ହୁଏ। ହୃତ୍‌ସ୍ପନ୍ଦନ ବଢ଼ିଯିବା ମଧ ଥ୍ରମ୍ବୋସିସ୍‌ର ଅନ୍ୟତମ ଲକ୍ଷଣ। ରକ୍ତ ଜମାଟ ବାନ୍ଧିବାର ପ୍ରମୁଖ ସ୍ଥାନ ହେଉଛି ଗୋଡ଼ରେ ଥିବା ଗଭୀର ଶିରା ଯାହାକୁ ଡିପ୍ ଭେନ୍ ଥ୍ରମ୍ବୋସିସ୍ (ଡିଭିଟି) କୁହାଯାଏ। ଗୋଡ଼ରେ ରକ୍ତ ଜମାଟ ବାନ୍ଧିବାର ଅନେକ କାରଣ ରହିଛି। ପ୍ରଥମତଃ ରକ୍ତ ସଂଚାଳନ କରାଉଥିବା ହୃତ୍‌ପିଣ୍ଡଠାରୁ ଗୋଡ଼ ଦୁଇଟି ଅପେକ୍ଷାକୃତ ଦୂରରେ ଅବସ୍ଥିତ, ସୁତରାଂ ସେଠାରେ ରକ୍ତ ପ୍ରବାହର ଚାପ କମ୍ ରହିଥାଏ। ଫଳରେ କୌଣସି ଜମାଟ-ରକ୍ତକୁ ଦୂର କରିବା ପାଇଁ ରକ୍ତପ୍ରବାହର ଚାପ ଯଥେଷ୍ଟ ହୋଇନଥାଏ। ସେହିପରି ଦୀର୍ଘ ସମୟ ଧରି ଶଯ୍ୟାରେ ବିଶ୍ରାମ ନେଲେ କି ବିମାନଯାତ୍ରା ବେଳେ କି ଶାରୀରିକ ନିଷ୍କ୍ରିୟତା ଯୋଗୁଁ ଗୋଡ଼ରେ ରକ୍ତପ୍ରବାହ କମିଯାଇ ରକ୍ତ ଜମାଟ ବାନ୍ଧିବାର ଆଶଙ୍କା ରହିଛି। ଏଥିରୁ ବର୍ତ୍ତିବା ପାଇଁ ଦୈନିକ ଅତି କମ୍‌ରେ ୩୦ ମିନିଟ୍‌ର ବ୍ୟାୟାମ କି ଶାରୀରିକ ପରିଶ୍ରମ କରିବା ଉଚିତ। ଚୌକିରେ ବସି ଦୀର୍ଘ ସମୟ କାମ କରୁଥିଲେ କି ଗାଡ଼ି ମୋଟରରେ ଦୀର୍ଘ ଯାତ୍ରା କରୁଥିଲେ ମଝିରେ ମଝିରେ ଗୋଡ଼ ଦୁଇଟିକୁ ସିଧା କରି ରକ୍ତ ପ୍ରବାହକୁ ସୁଗମ କରିବା ଜରୁରି। ଯଥେଷ୍ଟ ପାଣି ପିଇ ରକ୍ତକୁ ଅଧିକ ତରଳ କରି ରକ୍ତ ଜମାଟକୁ ଦୂର କରିହେବ। ମୋଟାପଣ ଓ ଧୂମପାନ ଯୋଗୁଁ ରକ୍ତ ଜମାଟ ଆଶଙ୍କା ବଢ଼ିଥାଏ। ତେଣୁ ସେଥିରୁ ନିବୃତ୍ତ ରହିବା ବାଞ୍ଛନୀୟ।

**ଏଥିରୁ ବର୍ତ୍ତିବା ପାଇଁ ଦୈନିକ ଅତି କମ୍‌ରେ ୩୦ ମିନିଟ୍‌ର ବ୍ୟାୟାମ କି ଶାରୀରିକ ପରିଶ୍ରମ କରିବା ଉଚିତ। ଚୌକିରେ ବସି ଦୀର୍ଘ ସମୟ କାମ କରୁଥିଲେ କି ଗାଡ଼ି ମୋଟରରେ ଦୀର୍ଘ ଯାତ୍ରା କରୁଥିଲେ ମଝିରେ ମଝିରେ ଗୋଡ଼ ଦୁଇଟିକୁ ସିଧା କରି ରକ୍ତ ପ୍ରବାହକୁ ସୁଗମ କରିବା ଜରୁରି।**



# କ୍ଷୁଦ୍ର ଛିଦ୍ର ଦେଇ ଅସ୍ତ୍ରୋପଚାର
## କର୍କଟ ରୋଗୀଙ୍କ ପାଇଁ ବରଦାନ




**● ମିନିମାଲ୍ ଇନ୍‌ଭେସିଭ୍ କର୍କଟ ସର୍ଜରି କ'ଣ?**
ମିନିମାଲ୍ ଇନ୍‌ଭେସିଭ୍ କର୍କଟ ଅସ୍ତ୍ରୋପଚାର ପ୍ରକ୍ରିୟାରେ ରୋଗୀ ଶରୀରରେ କ୍ଷୁଦ୍ର କ୍ଷୁଦ୍ର ଛିଦ୍ର କରି ଅସ୍ତ୍ରୋପଚାର କରାଯାଇଥାଏ। ଏହି କ୍ଷୁଦ୍ର ଗର୍ତ୍ତ ମାଧମରେ ରୋଗଗ୍ରସ୍ତ ଅଙ୍ଗକୁ ସ୍ୱତନ୍ତ୍ର ଯନ୍ତ୍ର ବ୍ୟବହାର କରି ବାହାର କରାଯାଏ। ଏହା ଲାପ୍ରୋସ୍କୋପି, ଥୋରାକୋସ୍କୋପି କିମ୍ବା ରୋବୋଟିକ୍ ଟେକ୍ନୋଲୋଜି ବ୍ୟବହାର କରି କରାଯାଇଥାଏ। ମିନିମାଲ୍ ଇନ୍‌ଭେସିଭ୍ କ୍ୟାନସର୍ ସର୍ଜରି, ଲାପ୍ରୋସ୍କୋପି/ରୋବୋଟିକ୍ ଟେକ୍‌ନୋଲୋଜି ହେଉଛି କର୍କଟ ଅସ୍ତ୍ରୋପଚାରର ଭବିଷ୍ୟତ, ଯାହା କର୍କଟ ରୋଗୀଙ୍କ ପାଇଁ ଏକ ବରଦାନ ସଦୃଶ।





**ଡାକ୍ତର ପ୍ରଶାନ୍ତ ଚନ୍ଦ୍ର ଦାସ**
କର୍କଟ ଅସ୍ତ୍ରୋପଚାର ବିଶେଷଜ୍ଞ,
ଆପୋଲୋ କ୍ୟାନ୍‌ସର୍ ସେଣ୍ଟର୍,
ଭୁବନେଶ୍ୱର
ଫୋନ୍: ୭୩୭୭୫୫୯୬୭୨

**● କର୍କଟର ଅସ୍ତ୍ରୋପଚାର ଏକ ଜଟିଳ ପ୍ରକ୍ରିୟା ହୋଇଥିବା ବେଳେ ମିନିମାଲ୍ ଇନ୍‌ଭେସିଭ୍ ସର୍ଜରିର ବ୍ୟବହାର କେତେ ପ୍ରଭାବଶାଳୀ?**
ପାରମ୍ପରିକ ଭାବେ ପେଟ କିମ୍ବା ଛାତିରେ ବଡ଼ ବଡ଼ ଚିରା ଦେଇ କର୍କଟ ଅସ୍ତ୍ରୋପଚାର କରାଯାଉଛି। ତେବେ ଉନ୍ନତ ଜ୍ଞାନକୌଶଳ ଓ ଅତ୍ୟାଧୁନିକ ଉପକରଣର ଉପଲବ୍ଧତା ଯୋଗୁଁ କର୍କଟ ଅସ୍ତ୍ରୋପଚାର ଶରୀରରେ ଛୋଟ ଛୋଟ ଚିରା କରି କରାଯାଇପାରୁଛି।

**● ଏହି ପ୍ରକ୍ରିୟା ଓପନ୍ ସର୍ଜରିର ସମକକ୍ଷ କି?**
ମିନିମାଲ୍ ଇନ୍‌ଭେସିଭ୍ ସର୍ଜରି, ଓପନ୍ ସର୍ଜରି ଭଳି ସମାନ ଫଳାଫଳ ଦେଇଥାଏ। ବିଶ୍ୱବ୍ୟାପୀ ଏକାଧିକ ଅଧ୍ୟୟନରେ ଏହା ପ୍ରମାଣିତ ହୋଇଛି।

**● ରୋଗୀଙ୍କ ପାଇଁ ଏହି ପ୍ରକାର ଅସ୍ତ୍ରୋପଚାରର ଲାଭ କ'ଣ?**
ଏହି ଅସ୍ତ୍ରୋପଚାର କମ୍ ଯନ୍ତ୍ରଣା ହେଉଥିବା ବେଳେ ରୋଗୀ ଶୀଘ୍ର ଆରୋଗ୍ୟ ଲାଭ କରିଥାଏ। ସ୍ୱାଭାବିକ ଜୀବନଶୈଳୀକୁ ଖୁବ୍ ଶୀଘ୍ର ଫେରିବା ସହ ଶରୀରରେ ଛୋଟ ଛୋଟ ଚିରା ଯୋଗୁଁ ହୋଇଥିବା କ୍ଷତ ଶୀଘ୍ର ଭରିଯାଇଥାଏ। ଫଳରେ ଡାକ୍ତରଖାନାରେ କମ୍ ଦିନ ରହିବା ସହ ସମାନ କର୍କଟ ରୋଗ କମ୍ ଯନ୍ତ୍ରଣାରେ ଦୂରୀଭୂତ ହୋଇଥାଏ।

**● ଏହି ଅସ୍ତ୍ରୋପଚାର କେଉଁ କେଉଁ କର୍କଟ ପାଇଁ ଉଦ୍ଦିଷ୍ଟ?**
ଓସୋଫେଜିଆଲ୍ କର୍କଟ, ପାକସ୍ଥଳୀ କର୍କଟ, କୋଲନ୍ କର୍କଟ, ମଳଦ୍ୱାର କର୍କଟ, ଗର୍ଭାଶୟ କର୍କଟ ଓ ଫୁସ୍‌ଫୁସ୍ କର୍କଟରେ ସାଧାରଣତଃ ଏହି ଅସ୍ତ୍ରୋପଚାର କରାଯାଇଥାଏ। ଏପରିକି ଥାଇରଏଡ୍ ଓ ସ୍ତନ କର୍କଟରେ ମଧ ଏବେ ଏହି ଅସ୍ତ୍ରୋପଚାର ମାଧମରେ ରୋଗ ଚିକିତ୍ସା କରାଯାଉଛି।

# ଜୋର୍‌ରେ ନାକ ସଫା କାନ ଲାଗି ବିପଦ



**ଖୁବ୍ ଜୋରରେ ନାକ ସଫା କରିବାକୁ ଚେଷ୍ଟା କଲେ ନାକର ୟୁଷ୍ଟାଚିଆନ୍ ନଳୀରେ ଚାପ ବଢ଼ିଯାଇ କାନର ପରଦା ବା କର୍ଣ୍ଣ ଝିଲ୍ଲୀ ଫାଟିଯିବାର ଆଶଙ୍କା ରହିଛି।**

ଖରାରୁ ବର୍ଷା କି ବର୍ଷାରୁ ଶୀତ ପରି ପାଗ ପରିବର୍ତ୍ତନ ଦିନରେ ଶର୍ଦ୍ଦି ହେବା ଏକ ସ୍ୱାଭାବିକ ଘଟଣା। ସେଥି ଯୋଗୁଁ ଅନେକଙ୍କର ନାକ ରୁନ୍ଧି ହୋଇଯାଇଥାଏ। ଏଭଳି ସ୍ଥିତିରେ ଜୋର୍ ନିଃଶ୍ୱାସ ଛାଡ଼ି ନାକ ସଫା କରିବା ସ୍ୱାଭାବିକ ମନେ ହୋଇଥାଏ। ମାତ୍ର ବାରମ୍ବାର କିମ୍ବା ଖୁବ୍ ଜୋର୍‌ରେ ନାକ ସଫା କରିବା ଦ୍ୱାରା ନାସାପଥରେ ଥିବା ସୂକ୍ଷ୍ମ ନଳୀ କ୍ଷତିଗ୍ରସ୍ତ ହୋଇ ନାକ ଫୁଲିଯାଇଥାଏ ଏବଂ ଭୀଷଣ ଅସ୍ୱସ୍ତିକର ବୋଧ ହୁଏ। ତେଣୁ ଥଣ୍ଡା ହେଲେ ସେଥିରୁ ଆଶ୍ୱସ୍ତି ପାଇବାର ବିକଳ୍ପ ଉପାୟ ଅନୁସରଣ କରିବା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଥାନ୍ତି। ସାଧାରଣତଃ ନାକରେ କୌଣସି ପ୍ରକାର ବାହ୍ୟ ସଂକ୍ରମଣ ରହିଲେ ନାକର ପଛଭାଗରେ ଖପୁରିରେ ଥିବା ସାଇନସ୍‌ରୁ ମ୍ୟୁକସ୍ ଝରି ସେହି ସଂକ୍ରାମକ ବାହ୍ୟ ଶତ୍ରୁକୁ ବାହାରକୁ ବାହାର କରିଦେଇଥାଏ। ସୁତରାଂ ସେହି ପ୍ରଦୂଷିତ ମ୍ୟୁକସ୍‌କୁ ବାହାରକୁ ବାହାର କରିଦେବା କଥା। ଖୁବ୍ ଜୋରରେ ନାକ ସଫା କରିବାକୁ ଚେଷ୍ଟା କଲେ ନାକର ୟୁଷ୍ଟାଚିଆନ୍ ନଳୀ (ନାକ ଓ କାନକୁ ଯୋଗ କରୁଥିବା ସଂକୀର୍ଣ୍ଣ ପଥ)ରେ ବେଳେବେଳେ ଚାପ ବଢ଼ିଯାଇ କାନର ପରଦା ବା କର୍ଣ୍ଣ ଝିଲ୍ଲୀ ଫାଟିଯିବାର ଆଶଙ୍କା ରହିଛି। ତେଣୁ ଏଥିରୁ ବର୍ତ୍ତିବା ପାଇଁ ଗୋଟିଏ ନାକପୁଡ଼ାକୁ ଚାପି ଧରି ଅନ୍ୟ ପୁଡ଼ା ବାଟେ ବର୍ଜ୍ୟ ମ୍ୟୁକସ୍‌କୁ କମ୍ ଚାପ ଦେଇ ନିଷ୍କାସନ କରିଦେବା ଦରକାର। ନାକରେ ଯଦି ମ୍ୟୁକସ୍ ଶୁଖି ପୁଡ଼ାକୁ ରୁନ୍ଧି ଦେଇଥାଏ, ତେବେ କୌଣସି ସାଲାଇନ୍ ସ୍ପ୍ରେ ବ୍ୟବହାର କରି ଅଥବା ନାକବାଟେ ବାମ୍ଫ ପ୍ରବେଶ କରାଇ ରନ୍ଧ୍ରକୁ ସରଳ କରିବାକୁ ହେବ। ନାକ ପୋଛିବା ପାଇଁ କୋମଳ ତଥା ଓଦା କନା କି ଟିସୁ ବ୍ୟବହାର କରିବା ଉଚିତ। ଯଦି ଦୀର୍ଘ ଦିନ ଧରି ନାକରୁ ପାଣି ଝରିବା ଲାଗି ରହେ, ତେବେ ବିଶେଷଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରିବା ଦରକାର।

